


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



Vol. 34 | ISSUE 26 | ଭାଗ ୩୪ | ସଂଖ୍ୟା ୨୬ Bhubaneswar | Friday 18 April 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୧୮ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



## ବୋଟ୍‌ରେ ଅଗ୍ନିକାଣ୍ଡ

## ୫୦ ମୃତ, ଶତାଧିକ ନିଖୋଜ

- ରୋଷେଇ ସମୟରେ ଲାଗିଲା ନିଆଁ
- ଭୟରେ ନଦୀକୁ ଡେଇଁପଡ଼ିଲେ ଯାତ୍ରୀ
- ଯାତ୍ରା କରୁଥିଲେ ୪୦୦ରୁ ଅଧିକ

**ବ୍ରେଜେଭିଲ୍, ୧୭।୪(ସଂଚାର ବ୍ୟୁରୋ):** ଆଫ୍ରିକୀୟ ଦେଶ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (ଡିଆର୍‌ସି)ର ଉତ୍ତର-ପଶ୍ଚିମାଞ୍ଚଳରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ନଦୀରେ ବୋଟ୍ ଯାଉଥିବା ସମୟରେ ସେଥିରେ ନିଆଁ ଲାଗିଯିବା ଫଳରେ ଯାତ୍ରୀମାନେ ଭୟଭୀତ ହୋଇ ନଦୀକୁ ଡେଇଁପଡ଼ିଥିଲେ। ଫଳରେ ଅତି କମ୍‌ରେ ୫୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଶତାଧିକ ନିଖୋଜ ହୋଇଯାଇଛନ୍ତି। ଦୁର୍ଘଟଣା ଘଟିବା ସମୟରେ ଉକ୍ତ ବୋଟ୍‌ରେ ପାଖାପାଖି ୪୦୦ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ରେଡକ୍ରସ୍ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ମିଳିଥିବା ସୂଚନାନୁସାରେ, ଗତ ମଙ୍ଗଳବାର ରାତିରେ କଙ୍ଗୋ ନଦୀରେ ଉକ୍ତ ଯନ୍ତ୍ରଚାଳିତ କାଠ ଡଙ୍ଗାରେ ୪୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଯାଉଥିଲେ। ତେବେ ଏମ୍‌ବାନ୍ଦାକା ସହର ନିକଟରେ ଉକ୍ତ ଡଙ୍ଗାରେ ନିଆଁ ଲାଗିଯାଇଥିଲା। ଉକ୍ତ ଡଙ୍ଗାରେ ରୋଷେଇ ଚାଲିଥିବା ସମୟରେ ସେଥିରୁ ନିଆଁ ବ୍ୟାପିଯାଇଥିଲା ବୋଲି ରିଭର୍ କମିଶନର୍ ସୂଚନା ଦେଇଛନ୍ତି। ଏହି ଏଚ୍‌ବି କଙ୍ଗୋଲା ଡଙ୍ଗାଟି ମାଟାନ୍‌କୁମୁ ବନ୍ଦରରୁ ➪ପୃଷ୍ଠା-୬

| ଡବଲ୍ ଇଞ୍ଜିନ୍ ସରକାରର ଡବଲ କମାଲ୍ |

# ପ୍ରସ୍ତାବ ଦେଲେ ମୋହନ, ମଞ୍ଜୁର କଲେ ଗଡ଼କରୀ



- ୨ ପ୍ରକଳ୍ପ ଲୋକାର୍ପିତ, ୧୭ର ଶିଳାନ୍ୟାସ ଓ ଭୂମିପୂଜନ
- ୯୦୨୩ କୋଟିର ୧୩ ପ୍ରକଳ୍ପ ମଞ୍ଜୁର
- ସିଆର୍‌ଆଇଏଫ୍‌ରୁ ୮୦୦ କୋଟି ମଞ୍ଜୁର
- ରାଜ୍ୟରେ ୨ ଲକ୍ଷ କୋଟିର ପ୍ରକଳ୍ପ ନିର୍ମାଣାଧୀନ
- ଶିଳ୍ପ ପ୍ରକଳ୍ପ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ଡବଲ ଇଞ୍ଜିନ ସରକାରର ଡବଲ କମାଲ। ଆଜି ଓଡ଼ିଶାରେ ବିଭିନ୍ନ ରାଜପଥ ପ୍ରକଳ୍ପର ଶୁଭାରମ୍ଭ ଅବସରରେ ସ୍ଥାନୀୟ ବରମୁଣ୍ଡା ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଡବଲ ଇଞ୍ଜିନ ସରକାରରେ ବିକାଶର ଗତି ଦୁଇ ଗୁଣ ହେବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଆସିଥିବା ବେଳେ ଆଜି ଏହା ବାସ୍ତବରେ ପରିଣତ ହୋଇଛି। ସଭାରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ଦେଇଥିବା ବେଳେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀ ଅବିଳମ୍ବେ ତୁରନ୍ତ ସେହି ପ୍ରକଳ୍ପଗୁଡ଼ିକ ମଞ୍ଜୁର କରିଛନ୍ତି। ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ଉକ୍ତ କାର୍ଯ୍ୟକ୍ରମରେ ୧୯ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରୁ ୮୪୫ କୋଟିରେ ୨ଟି ସଡ଼କ ପ୍ରକଳ୍ପର ଲୋକାର୍ପଣ, ୩୩୩୨ କୋଟି ଟଙ୍କା ବ୍ୟୟ ଅଟକଳ ସହିତ ୧୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ଭୂମିପୂଜନ କରାଯାଇଛି। ଏହାଦ୍ୱାରା ଓଡ଼ିଶାରେ ବିକାଶର ଗତି ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତାବିତ ୧୩ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାର ମୂଲ୍ୟ ୯୦୨୩ କୋଟି।

ଏହି ଅବସରରେ ଶ୍ରୀ ଗଡକରୀ କହିଛନ୍ତି ଯେ ଓଡ଼ିଶାରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ସଡ଼କ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଓଡ଼ିଶାରେ ୬୦ ହଜାର କୋଟି ଟଙ୍କାର କାମ ସମ୍ପୂର୍ଣ୍ଣ ହୋଇସାରିଛି। ବର୍ତ୍ତମାନ ୬୦ ହଜାର କୋଟି ଟଙ୍କାର କାମ ଚାଲିଥିବା ବେଳେ ଅଳ୍ପ ଦିନ ଭିତରେ ଆଉ ୭୫ ହଜାର କୋଟି ଟଙ୍କାର କାମ କରାଯିବ। ଆଗାମୀ ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ଭିତ୍ତିଭୂମି ପାଣ୍ଠି (ସିଆର୍‌ଆଇଏଫ୍)ରୁ ଓଡ଼ିଶାକୁ ସଡ଼କ ଉନ୍ନତିକରଣ ପାଇଁ ୮୦୦ କୋଟି ଟଙ୍କା ମଞ୍ଜୁର କରିବା ସକାଶେ ପ୍ରସ୍ତାବ ଦେଇଥିଲେ। ଏହାକୁ ଅବିଳମ୍ବେ ଗ୍ରହଣ କରି ଶ୍ରୀ ଗଡକରୀ ମଞ୍ଜୁର କରିଥିଲେ। ଏଥିସହ ଆଗାମୀ ଦିନରେ ନିଜ ସାଂସଦ ପାଣ୍ଠିରୁ ଆଉ ୨୦୦ କୋଟି ଟଙ୍କା ଦେବାକୁ ମଧ କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଥିଲେ। ଆହୁରି ଓଡ଼ିଶା ପାଇଁ ପ୍ରାୟ ୫ ହଜାର କୋଟି ଟଙ୍କାର ୮ଟି ବାଇପାସ୍ ବ୍ରହ୍ମପୁର, ସମ୍ବଲପୁର, ➪ପୃଷ୍ଠା-୬

## ‘ପୂର୍ବୋଦୟ’ ଯୋଜନାରେ ମାଇଲଖୁଣ୍ଟ ହେବ: ଧର୍ମେନ୍ଦ୍ର



ଆଜି ରାଜ୍ୟରେ ୪୧୩୭ କୋଟି ଟଙ୍କାର ୧୯ଟି ଜାତୀୟ ରାଜପଥ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଥିବା ବେଳେ ଏସବୁ ‘ପୂର୍ବୋଦୟ’ ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପୂର୍ବୋଦୟ ମିଶନ’ରେ ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡିକ ଓଡ଼ିଶାରେ ସଡ଼କ ଭିତ୍ତିଭୂମିକୁ ବେଶ୍ ମଜବୁତ କରିବ। ଲୋକଙ୍କ ଯାତାୟାତ ସହଜ ହେବ। ପ୍ରତ୍ୟକ୍ଷ ଓ ➪ପୃଷ୍ଠା-୬



## ଆଧୁନିକ ଭିତ୍ତିଭୂମିକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

- ଡବ୍ଲ୍ୟୁଏସ୍‌ସି ବୁଲିଲେ
- ଛାତ୍ରଛାତ୍ରୀଙ୍କୁ ଭେଟି ଆଲୋଚନା କଲେ

**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସ୍ଥାନୀୟ ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ବୁଲି ଦେଖିଛନ୍ତି। ରାଜ୍ୟର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହି ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି କେନ୍ଦ୍ର ମନ୍ତ୍ରୀ ଖୁସି ହେବା ସହ ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା ➪ପୃଷ୍ଠା-୬

## ନବୀନ ନବମ ଥର ବିଜେଡି ସଭାପତି



### ୧୯ରେ ଆନୁଷ୍ଠାନିକ ଘୋଷଣା

**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ବିଜେଡି ସଭାପତି ପଦ ପାଇଁ ନାମାଙ୍କନ ଭରିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଶଙ୍ଖ ଭବନକୁ ଆସି ନବୀନ ପଟ୍ଟନାୟକ ନାମାଙ୍କନ ଭରିଛନ୍ତି। ନିର୍ବାଚନ ଅଧିକାରୀ ପ୍ରତାପ ଦେବଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି ନବୀନ। ଅନ୍ୟ କେହି ଏହି ପଦ ସକାଶେ ନାମାଙ୍କନ ଭରିନଥିବାରୁ ଆସନ୍ତା ୧୯ରେ ସଭାପତି ଭାବେ ନବୀନଙ୍କ ନାଁ ଘୋଷଣା ହେବ। ➪ପୃଷ୍ଠା-୬

## ୨୨ ମାଓବାଦୀ ଗିରଫ, ବ୍ୟାପକ ଅସ୍ତ୍ରଶସ୍ତ୍ର ଉଦ୍ଧାର




**ବିଜାପୁର, ୧୭।୪:** ଛତିଶଗଡ଼ର ବିଜାପୁର ଅଞ୍ଚଳରୁ ଆଜି ୨୨ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ପୁଲିସ୍ ପକ୍ଷରୁ ତିନିଟି ମାଓବାଦୀ କ୍ୟାମ୍ପ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗିରଫ ହୋଇଥିବା ମାଓବାଦୀଙ୍କ ମଧ୍ୟରେ ୭ ଜଣ ନିମ୍ନ ର୍‍ୟାଙ୍କ୍‌ର ଥିବା ଜଣାପଡ଼ିଛି। ସେମାନଙ୍କୁ ଗତ ୧୫ ତାରିଖରେ କୋବ୍ରା ବାହିନୀର ଯବାନମାନେ ଉସୁର ଥାନାଞ୍ଚଳର ଟେକ୍‌ମେଟ୍‌ଲା ➪ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ପାଇଁ ପଟ୍ଟା ପାଇଲି

**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆଶା ସଞ୍ଚାର କରିଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ ଆବେଦନ କଲେ ବହୁ ସମସ୍ୟାର ତ୍ୱରିତ ସମାଧାନ ହେଉଛି। ଏହାର ପୂର୍ବରୁ ଅନେକ ନମୂନା ଦେଖିବାକୁ ମିଳିଥିବା ବେଳେ ଆଜି ଜଣେ ବ୍ୟକ୍ତି ଜମି ପଟ୍ଟା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଛନ୍ତି। ଭୁବନେଶ୍ୱରର ➪ପୃଷ୍ଠା-୬



## ଓଡ଼ିଶାରେ ଶକ୍ତିକାନ୍ତ ଦାସ

**ଭୁବନେଶ୍ୱର, ୧୭।୪ (ସଂଚାର ବ୍ୟୁରୋ):** ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦୁଇ ପାୱାରଫୁଲ ଅଫିସର। ଆଜି ରାତିରେ ଶକ୍ତିକାନ୍ତ ଦାଶ ଭୁବନେଶ୍ୱରରେ ପହଞ୍ଚିଥିବା ବେଳେ ଆସନ୍ତାକାଲି ପି.କେ ମିଶ୍ର ଆସିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଶକ୍ତିକାନ୍ତ ଦାଶ କେନ୍ଦୁଝର ଗସ୍ତ କରି ଘଟଗାଁସ୍ଥିତ ମା’ ତାରିଣୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବେ ବୋଲି ଜଣାପଡ଼ିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଗୁଜରାଟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ ଅଫିସର ଶ୍ରୀ ମିଶ୍ର ମଧ ପିଏମଓରେ ଜଣେ ପ୍ରଭାବଶାଳୀ ଅଫିସର। ରାଜ୍ୟରେ ବିଜେପି ସରକାର ଗଠନର ୧୦ ମାସ ପରେ ଏହି ଦୁଇ ପ୍ରଭାବଶାଳୀ ଅଫିସର ଓଡିଶା ଗସ୍ତରେ ଆସିବା ନେଇ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। କିନ୍ତୁ ଏହି ଅଫିସରଙ୍କ ଗସ୍ତକୁ ଅତ୍ୟନ୍ତ ଗୋପନୀୟ ରଖାଯାଇଛି। ସେଥିସକାଶେ ଏହି ଦୁଇ ପ୍ରମୁଖ ଅଫିସର କେତେଦିନିଆ ଗସ୍ତରେ ଆସିଛନ୍ତି, ରାଜ୍ୟରେ ସେମାନଙ୍କର କ’ଣସବୁ କାର୍ଯ୍ୟକ୍ରମ ରହିଛି, ସେ ସମ୍ପର୍କରେ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## କେନ୍ଦ୍ରାପଡ଼ା ବିଜେଡି ଦ୍ୱି’ ଫାଳ



- ଲୋକେ ଖୋଜୁଛନ୍ତି ବିଜୁ ଲିଗାସୀ
- ବରିଷ୍ଠଙ୍କ ପସନ୍ଦ ଆମଦାନୀ ନେତା

**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ବିଜେଡି ସଭାପତି ପଦ ପାଇଁ ନବୀନ ପଟ୍ଟନାୟକ ନାମାଙ୍କନ ଦାଖଲ କରିସାରିଥିଲେ ମଧ କେନ୍ଦ୍ରାପଡା ବିଜେଡି ସଭାପତି ଚୟନ ହୋଇପାରୁନାହିଁ। ବରଂ ବାହାର ନେତା ସଭାପତି ହେବେ ତାହାକୁ ନେଇ ଏବେ କେନ୍ଦ୍ରାପଡା ବିଜେଡି ଦ୍ୱି’ ଫାଳ ହୋଇଗଲାଣି। ଦଳର ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବିଧାୟକ ପ୍ରତାପ ଦେବ ଏବେ ନିଜ ନିଜ ସମର୍ଥକଙ୍କୁ ନେଇ ବଳ କଷାକଷି ହେବାରେ ଲାଗିଛନ୍ତି।ଅଣକଂଗ୍ରେସର ଗଡ଼ ହେଉଛି କେନ୍ଦ୍ରାପଡା ଜିଲ୍ଲା। ଗତ ୨୫ ବର୍ଷ ଧରି ବିଜେଡି କବଳରେ ଥିବା ଏହି ଜିଲ୍ଲାର ବିଧାୟକମାନେ ରାଜ୍ୟ ମନ୍ତ୍ରିମଣ୍ଡଳରେ ଏକାଧିକ ପଦପଦବୀ ଦଖଲ କରିଛନ୍ତି। ଅଣକଂଗ୍ରେସ ରାଜନୀତିର ପ୍ରଭାବ ଯୋଗୁଁ କଂଗ୍ରେସ ଦଳରୁ ରାତାରାତି ଆସି ବିଜେଡିରେ ମିଶି ଗଣେଶ୍ୱର ବେହେରା କେନ୍ଦ୍ରାପଡା ଭଳି ଆସନରୁ ବିଜୟୀ ହୋଇଛନ୍ତି। କେବଳ ମହାକାଳପଡାକୁ ଛାଡିଦେଲେ ଅନ୍ୟ ସମସ୍ତ ଆସନ ବିଜେଡି ହାତେଇଛି, ଯାହା କି ରାଜ୍ୟରେ ଏକ ରେକର୍ଡ। ଜିଲ୍ଲାରେ ପ୍ରତାପ ଦେବ, ଅତନୁ ସବ୍ୟସାଚୀ, ଧ୍ରୁବ ସାହୁଙ୍କ ଭଳି ପୁରୁଖା ଓ ଟାଣୁଆ ନେତାଙ୍କ ସହିତ ଅଂଶୁମାନ ଓ ➪ପୃଷ୍ଠା-୬

## ଓଏସ୍‌ଏସ୍‌ଏଫ୍ କର୍ମଚାରୀଙ୍କ ଦରମା ବଢ଼ିଲା



**ଭୁବନେଶ୍ୱର, ୧୭।୪ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍‌ଏସ୍‌ଏଫ୍)ରେ ନିଯୁକ୍ତ ପୁଲିସ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏଥିସହ ଓଏସ୍‌ଏସ୍‌ଏଫ୍‌ରେ ୩ଟି ନୂଆ ବାଟାଲିଅନ ଗଠନ କରାଯାଇଛି। ଏଥିରେ ମୁଖ୍ୟତଃ ପୂର୍ବତନ ସ୍ଥଳ ସେନା ଓ ନୌସେନା ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀମାନେ ନିଯୁକ୍ତ ହୋଇଆସିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ଏହି ପୁଲିସ କର୍ମଚାରୀଙ୍କ ମାସିକ ପାରିଶ୍ରମିକ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଏହି ଅନୁସାରେ, ଏଣିକି ସିପାହୀ (ସିଡି)ମାନେ ମାସିକ ପାରିଶ୍ରମିକ ବାବଦରେ ୩୦ ହଜାର ➪ପୃଷ୍ଠା-୬

# ଖଣି ଅଞ୍ଚଳରୁ ଉଭାନ୍ କ୍ରୀତଦାସ

- ଖର୍ଚ୍ଚ ଭୟରେ ଗୋଡ଼ କାଢୁନାହାନ୍ତି
- ରାଜଧାନୀରେ ବସି ପେଞ୍ଚ ମୋଡୁଛନ୍ତି



**ଭୁବନେଶ୍ୱର, ୧୭।୪(ସଂଚାର ବ୍ୟୁରୋ):** ବିଜେଡି ବିପର୍ଯ୍ୟୟ ପଛର ଅସଲ ମାମଲତକାର ହେଉଛନ୍ତି କ୍ରୀତଦାସ । ତାଙ୍କର ମାମଲତି ଯୋଗୁଁ ଦଳ କ୍ଷମତାରୁ ଗଲା ବୋଲି ଏବେ ବିଜେଡି ମହଲରେ ଆଲୋଚନା ଜୋର ଧରିଛି। ଦୀର୍ଘଦିନ ପରେ ଆଜି କ୍ରୀତଦାସ ନଜରକୁ ଆସିବା ପରେ ଦଳୀୟ କର୍ମୀମାନେ ଏଭଳି ଆଲୋଚନା ଆରମ୍ଭ କରିଛନ୍ତି ।

ଦଳ ହାରିବା ପରେ କ୍ରୀତଦାସ ଏକରକମ ଗାଏବ ଥିଲେ। ଯାହା କିଛି କରୁଥିଲେ ଲୁଚିଛପି। କାରଣ ବିଜେଡିର ପରାଜୟ ପାଇଁ ଅନେକ ତାଙ୍କୁ ହିଁ ଦାୟୀ କରୁଥିଲେ। ନିଜେ ସମ୍ବଲପୁରରୁ ଛିଡା ହେବା, ମା’ଙ୍କୁ ପରିଣତ ବୟସରେ ଲଢ଼ାଇବା ସହିତ କିଛି ହାରୁ ଅନୁଗତଙ୍କୁ ଟିକଟ ଦେଇଥିଲେ। ଏପରିକି ଦେବୀ ମିଶ୍ରଙ୍କ ଭଳି ଭେଟେରାନ ନେତାଙ୍କୁ ହରାଇବା ପାଇଁ ବି କ୍ରୀତଦାସ ପୁଞ୍ଜି ଖଟାଇଥିଲେ।

ତେବେ ବିଜେଡି ସରକାରରୁ ଯିବା ପରେ ଦଳ ଓ କର୍ମୀଙ୍କୁ ବଳ ଦେବା ବଦଳରେ କ୍ରୀତଦାସ ଏକପ୍ରକାର ଆତ୍ମଗୋପନ କରିଥିଲେ। ଅନେକ ଦିନ ପରେ ଆଜି ତାଙ୍କୁ ଦଳୀୟ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା। ତେବେ ଆଜିର ଆଚରଣ ଦେଖିବା ପରେ ଅନେକ ତାଙ୍କୁ ଅସଲ ମାମଲତକାର ବୋଲି କହିବାକୁ ପଛାଉନାହାନ୍ତି। କାରଣ ନିର୍ବାଚନ ସମୟରେ ଦଳପତି ଓ କର୍ମୀଙ୍କ ମଧ୍ୟରେ ସିଏ ହିଁ ଥିଲେ ଏକମାତ୍ର ସେତୁ। ଟିକଟ ବଣ୍ଟନଠାରୁ ପାଣ୍ଠି ପ୍ରଦାନ ଯାଏ ସବୁକିଛି କରୁଥିଲେ। ଟିକଟ ପ୍ରଦାନରେ ଅତ୍ୟଧିକ ମାମଲତି ଯୋଗୁଁ ଦଳର ଆଜି ଏଭଳି ଅବସ୍ଥା ହୋଇଥିବା କର୍ମୀମାନେ ଖୋଲାଖୋଲି ଭାବେ କହୁଛନ୍ତି ।

ନିର୍ବାଚନ ପରେ କର୍ମୀଙ୍କ ଆକ୍ରମଣ ଭୟରେ ଦଳୀୟ କାର୍ଯ୍ୟାଳୟ ପରିସର ମାଡୁନଥିଲେ। ଥରେ ଦୁଇ ଥର ଆସି ହଟହଟା ହେବା ପରେ ଆତ୍ମଗୋପନ କରିଥିଲେ। ଏପରିକି ଦଳର ବୈଠକକୁ ବି ଲୁଚି ଛପି ଆସୁଥିଲେ। ସଂଗଠନ ଦାୟିତ୍ୱ ଥିଲେ ମଧ ରାଜ୍ୟ ଗସ୍ତ କରିନଥିଲେ। ତେବେ ହାତରୁ ପାଣ୍ଠି ଛାଡ଼ିବାକୁ ➪ପୃଷ୍ଠା-୬

SIKSHA ‘O’ ANUSANDHAN
SIKSHA ‘O’ ANUSANDHAN (DEEMED TO BE UNIVERSITY)
SAAT-2025
Empowering students for a brighter future
NURSING PROGRAMMES OFFERED
B.SC. (Nursing) (Basic)
B.SC. (Nursing) (Post Basic)
M.SC. (Nursing)
APPROVAL & RECOGNITIONS
Approved by UGC and INC
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2024
14th Best in University Category
21st Best in Medical Category
09th Best in Dental Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in




# ମନ ମୋହୁଛି ଜମ୍ବୁ ଦ୍ୱୀପ ମହୋତ୍ସବ

**ମହାକାଳପଡ଼ା, ୧୭।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ା ମାଟିରେ ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଛି ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା। ପ୍ରଥମଥର ପାଇଁ ଏମିତି ମହୋତ୍ସବ ଆୟୋଜିତ ହୋଇଥିବାରୁ ଲୋକେ ଏହାର ଭରପୁର ମଜା ନେଉଥିବା ଦେଖିବାକୁ ମିଳୁଛି। ୧୫ ଏପ୍ରିଲ ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧୯ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଯୋଗଦେଇ ନଥିଲେ । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପହଞ୍ଚି ମହୋତ୍ସବକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ଐତିହ ତଥା ମହାକାଳପଡ଼ା ଜମ୍ବୁ ଦ୍ୱୀପର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଦୁଇ ମନ୍ତ୍ରୀ। ଆଜି ତୃତୀୟ ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହୋତ୍ସବର ଅନ୍ତର୍ନିହିତ ଗାଥା ଓ ଉଦ୍ଦେଶ୍ୟ ନେଇ ମତବ୍ୟକ୍ତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମଅନୁଷ୍ଠିତ ହେଉଛି। ଓରମାସ ଦ୍ୱାରା ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଷ୍ଟଲ୍ ଲୋକମାନଙ୍କ ପାଇଁ ବେଶ୍ ଆକର୍ଷଣ ପାଲଟିଛି।

# ଠକେଇ ଅଭିଯୋଗରେ ଜେଲ୍ ଗଲେ ସାମ୍ବାଦିକ



**ରାଜନଗର, ୧୭।୪ (ସଂଚାର ବ୍ୟୁରୋ):** ବିଧବା ମହିଳାଙ୍କୁ ଜମି ଦେବାକୁ କହି ସାମ୍ବାଦିକ ଜଣକ ଟଙ୍କା ନେବା, ଜମି କବଲା ନକରିବାରୁ ଟଙ୍କା ନଫେରାଇ ମହିଳାଙ୍କୁ ଘରେ ପଶି ଦୁଷ୍କର୍ମ କରିବା ଓ ଦୁଷ୍କର୍ମର ନଗ୍ନ ଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରିବା ଘଟଣାରେ ରାଜନଗର ପୁଲିସ ଅଭିଯୁକ୍ତ ସାମ୍ବାଦିକ ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣଙ୍କୁ ଗତକାଲି କୋର୍ଟ ଚାଲାଣ କରିଛି। ବେଲ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ରାଜନଗର ଥାନାରେ ସାମ୍ବାଦିକଙ୍କ ନାଁରେ କେସ ନମ୍ବର ୧୨୬/ ୨୦୨୫ ରେ ଘରେ ପଶିବା ଦଫା ୩୩୨ (ବି ), ଠକେଇ ୩୧୮ ( ୪ ), ଗାଳିଗୁଲଜ ୨୯୬, ଦୁଷ୍କର୍ମ ୬୪ (୧), ଧମକଚମକ ୩୫୧ (୩) ଓ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ୪୯, ବିଏନ ଏସରେ ମାମଲା ରୁଜୁ ହୋଇଛି। ସାମ୍ବାଦିକଙ୍କ ନାଁରେ ଏହି ସଙ୍ଗିନ ଦଫାରେ ମାମଲାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଉ ଏକ ସଙ୍ଗିନ ଅଭିଯୋଗ ଆସିଛି। ଜମି ଦେବାକୁ ଦୁଇ ବନ୍ଧୁଙ୍କ ଠାରୁ ଚେକ ଓ ଫୋନପେ ମାଧମରେ ଟଙ୍କା ନେଇ ବଣ୍ଡ ପେପର ଲେଖିଦେଇଥିଲେ ମଧ ଜମି ନଦେବା ଓ ଟଙ୍କା ନଫେରାଇ ଧମକ ଚମକ ଦେଇଥିବା ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାମ୍ବାଦିକ ପରିଚୟ ଦେଇ ଜମି ଦେବା ନାଁରେ ଠକେଇ କରିବା ଓ ମହିଳାଙ୍କୁ ଦୁଷ୍କର୍ମ କରିବା ଖବର ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି।

# ସାମ୍ବାଦିକଙ୍କ ମୃତ୍ୟୁ ନେଇ ସମବେଦନା ଜଣାଇଲା ରାଜ୍ୟ ସାମ୍ବାଦିକ ସଂଘ



**ମହାକାଳପଡ଼ା, ୧୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ସାମ୍ବାଦିକ ସ୍ୱର୍ଗତ କଳ୍ପତରୁ ରାଉତରାୟଙ୍କ ପରିବାରକୁ ଆଜି ରାଜ୍ୟ ସାମ୍ବାଦିକ ସଂଘ ( ଏସୟୁଜେ ) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ସଙ୍ଘର ଜିଲ୍ଲା ସଭାପତି ଦୈତାରୀ ଜେନା, ତ୍ରିଲୋଚନ ବେହେରା, ସୁବାଷ ସ୍ୱାଇଁ ପ୍ରମୁଖ କଳ୍ପତରୁଙ୍କ ବାସ ଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ସଙ୍ଘ ତରଫରୁ କିଛି ଆର୍ଥିକ ସାହାଯ୍ୟ କରାଯାଇଛି। ଗତ ୬ ଏପ୍ରିଲ ରବିବାର ଦିନ କଳ୍ପତରୁଙ୍କ ମୃତଦେହ ନଦୀପଠା ରାସ୍ତାରୁ ମିଳିଥିଲା। କଳ୍ପତରୁଙ୍କ ଦେହାନ୍ତ ଖବରରେ ମହାକାଳପଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



# ଲୁଣା ଘେରିବନ୍ଧ ବୁଲିଲେ ମୁଖ୍ୟଯନ୍ତ୍ରୀ

**ରାଜନଗର, ୧୭।୪ (ସଂଚାର ବ୍ୟୁରୋ):** ରାଜନଗରର ସୁରକ୍ଷା କବଚ ରାଜନଗର-ଗୋପାଳପୁର ଲୁଣା ଘେରି ବନ୍ଧ ଓ ବାରଗାଁ ତଟସୁରକ୍ଷା କାର୍ଯ୍ୟକୁ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ ବିପ୍ଲବରାଜ ପୁରୋହିତ ପରିଦର୍ଶନ କରିଛନ୍ତି। ଆଜି ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସମ୍ବିତକୁମାର ସାହୁ, ରାଜନଗର ତଟବନ୍ଧ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଆଶିଷ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଇଂ ଭଞ୍ଜକିଶୋର ରାଉତ ଓ ଇଂ ରବୀନ୍ଦ୍ରନାଥ ସାମଲଙ୍କ ସହ ପ୍ରଥମେ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଜିଓଟ୍ୟୁବ ପ୍ରାଚୀରର ସ୍ଥିତି ପରଖିଥିଲେ। ଏହା ପରେ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁରେ ପହଞ୍ଚି ବ୍ରାହ୍ମଣୀ ନଦୀତଟ ସୁରକ୍ଷା ପାଇଁ ପଥର ପ୍ୟାକିଂ କାର୍ଯ୍ୟର ର ସମୀକ୍ଷା କରିଥିଲେ। କାର୍ଯ୍ୟକୁ ତ୍ୱରାନିତ କରିବା ସହ ସମସ୍ତ କାର୍ଯ୍ୟକୁ ବର୍ଷା ଦିନ ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମହାକାଳପଡ଼ାରେ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ

# ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା: ଅତନୁ



**ମହାକାଳପଡ଼ା, ୧୭।୪ (ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ମହାକାଳପଡ଼ା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଆଧୁନିକ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବାତ୍ୟା, ବନ୍ୟା ଓ ଦୁର୍ବିପାକ ସମୟରେ ସେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ପାଖରେ ପହଞ୍ଚି ଦୁଃଖ ଦୂର କରୁଥିଲେ। ୧୯୭୨ ମସିହାରେ ଯେଉଁ ମହାବାତ୍ୟା ହୋଇଥିଲା ସେଥିରେ ଦଶ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହି ସମୟରେ ବିଜୁ ବାବୁ ଘରକୁ ଘର ବୁଲି ଲୋକଙ୍କ ଦୁଃଖ ବୁଝୁଥିଲେ। ବିଜୁ ବାବୁ ଥିଲେ ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କହିଥିଲେ ଅତନୁ। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିଜୁ ପଟ୍ଟନାୟକଙ୍କ ପୁଅ ନବୀନ ପଟ୍ଟନାୟକଙ୍କ ସମୟରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଯାହା ବିଜୁ ବାବୁଙ୍କର ଲକ୍ଷ ଥିଲା ବୋଲି ଅତନୁ ମତବ୍ୟକ୍ତ କରିଥିଲେ। ଏଥିସହିତ ସେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀ ମାନଙ୍କୁ ଲୋକଙ୍କ ସହିତ ରହି କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବ୍ଲକ ଅଧକ୍ଷା କଲ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବରିଷ୍ଠ ବିଜେଡି ନେତା ସଞ୍ଜୟ ଲେଙ୍କା, ଅଶୋକ ମହାପାତ୍ର, ରବିନ୍ଦ୍ର ପାଲ୍, ନାରୀ ନେତ୍ରୀ ସୁରଭି ଜେନା,ଯୁବ ନେତା ହେମନ୍ତ ସାହୁ,ଲିଟୁ ନାୟକ, ନିର୍ବାଚିତ ଓ ପୂର୍ବତନ ସଭ୍ୟ, ସରପଞ୍ଚ ଏବଂ ବିଜୁ ଜନତା ଦଳର ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ରାଜକନିକାରେ ସରକାରୀ କୋଠାବାଡ଼ି ଅବସ୍ଥା ବେହାଲ



**କେନ୍ଦ୍ରାପଡା, ୧୭।୪ (ସଂଚାର ବ୍ୟୁରୋ):** କଥାରେ ଅଛି ସରକାର କା ମାଲ ଦରିଆ ମେ ଡାଲ, ଏହି ଉକ୍ତିକୁ କଡାକଡି ଭାବରେ ପାଳନ କରିବାରେ ରାଜକନିକା ବ୍ଲକ ପ୍ରଶାସନ ତିଳେ ହେଁ ଭୁଲ କରିନାହିଁ। ଏହି ବ୍ଲକର ସମସ୍ତ ସରକାରୀ ସମ୍ପତ୍ତିର ତଦାରଖ ଦାୟିତ୍ୱ ନେଇଥିବା ଗ୍ରାମ୍ୟନିର୍ମାଣ ଉପଖଣ୍ଡ, ପଞ୍ଚାୟତରାଜ ବିଭାଗ ଓ ଜଳସମ୍ପଦ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଜାଣିଶୁଣି ପୁରୁଣା ଅଥବା କାର୍ଯ୍ୟକ୍ଷମ ଥିବା ବିଲଡିଂର ଆବଶ୍ୟକୀୟ ମରାମତି ନ କରିବାରୁ ଏହି ସମ୍ପତ୍ତି ଭୁତକୋଠି ହେବାରେ ଲାଗିଛି। ସ୍ଥିତି ଏମିତି ହୋଇଛି କି ଯେଉଁସବୁ ବିଲଡିଂ ଅଛି ତାର ମରାମତି ଓ ରକ୍ଷଣାବେକ୍ଷଣ ନ କରି ସେହି ବିଲଡିଂ ଉପରେ ଆଉ ଅର୍ଥ ଶ୍ରାଦ୍ଧ କରି ନୂଆ ବିଲଡିଂ କରାଯିବ ଆମ ସରକାରୀ ବାବୁମାନଙ୍କ ଆଞ୍ଚଳିକ ସ୍ୱାର୍ଥହାନି ମନୋଭାବକୁ ପ୍ରମାଣ କରୁଛି ।

ପ୍ରଥମତଃ ରାଜକନିକା ସଦରରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଭୁତ କୋଠି ହୋଇ ପଡ଼ିଥିବା ବେଳେ ତା ଉପରେ ମିଶନଶକ୍ତିର ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଘର ନିର୍ମାଣ ହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି । ସେହିପରି ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ଥିବା କାଫେ ଭିତରେ ଏକ ଶୋଚାଳୟ ପାଇଁ ଅର୍ଥ ବରାଦ ହୋଇ ତଳ ଆଡୁ କାମ ସାରି ଠିକାଦାର ଛାତ ପକାଇବାକୁ ସେଣ୍ଟ୍ରିଙ୍ଗ କରି ଛାଡି ଦେଇଥିବା ଦେଖିବାକୁ ମିଳିଛି । ପୁନଶ୍ଚ ବ୍ଲକ ଅତିଥି ଭବନ ଭାବରେ ଥିବା ବିଲଡିଂ ଟି ଆଜକୁ ୨ ବର୍ଷ ହେବ କୋର୍ଟର ବିଚାରପତିଙ୍କ ଅସ୍ଥାୟୀ ରେସିଡେନ୍ସ ଭାବରେ ବ୍ୟବହାର ହେବାକୁ ଥିବା କୁହାଯାଇ ସେବେଠୁ ତାଲା ପଡି ରହିବାରୁ ତାହା ମଧ ପରିତ୍ୟକ୍ତ ଅବସ୍ଥାକୁ ଗଲାଣି । ଏହି ସବୁ ବିଲଡିଂ ବାଦେ ତହସିଲ ଆଇବି ମଧ ପରିତ୍ୟକ୍ତ ହୋଇ ପଡିରହିଛି । ଏତେ ସବୁ ସମ୍ପତ୍ତିକୁ ସାମାନ୍ୟ ଦୃଷ୍ଟି ଅଭାବରୁ ପୁଣି ପରିତ୍ୟକ୍ତ ହେବାକୁ ଯାଇଥିବାରୁ ପ୍ରଶାସନ ଏହି ସବୁ ବିଲଡିଂ ର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେବା ଜରୁରୀ ହୋଇଛି ।

## ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ

# ଲୁଣା ନଦୀରେ ବିଜେଡିର ତିଳତର୍ପଣ



**ନିଶ୍ଚିନ୍ତକୋଇଲି, ୧୭।୪ (ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ତଥା ଭୂମିପୁତ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ତଥା ବୁହାଳ ପଞ୍ଚାୟତ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ବିଜୁପ୍ରେମୀ ମାନଙ୍କ ଉପସ୍ଥିତିରେ ଲୁଣାନଦି ଅବବାହିକାରେ ସମସ୍ତ ରୀତିନୀତି ଅନୁସାରେ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳନ କରିବା ସହ ତିଳତର୍ପଣ କରିଥିଲା। ପରେ ବରପଡା ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୁପ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲା। ଏହାପରେ ନିଶ୍ଚିନ୍ତକୋଇଲି ବଉଳ ବଜାର ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁପ୍ରେମୀ ଯୁବନେତା ଜ୍ୟୋତି ପ୍ରକାଶ ସ୍ୱାଇଁ, ମନୋଜ ସେଠୀ, ବ୍ଲକ୍ ଅଧକ୍ଷା ରୋଜି ସେଠୀ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବଢ଼ଖିର ପଞ୍ଚାୟତ ସମିତିସଭ୍ୟ ପ୍ରଦୋଷ କୁମାର ସାହୁ,ପ୍ରାକ୍ତନ ସରପଞ୍ଚ କ୍ଷୀରୋଦ ପଣ୍ଡା,କୈଳାଶ ସାମନ୍ତ ରାୟ, ରଶ୍ମିରଞ୍ଜନ ବେହେରା,ଅରୁଣ ସାମନ୍ତରାୟ,ସରପଞ୍ଚ ଜୟଦେବ ରାଉତ,ପ୍ରଦୀପ୍ତ ପରିଡ଼ାଙ୍କ ସମେତ ନିଶ୍ଚିନ୍ତକୋଇଲି ବ୍ଲକର ଶହ ଶହ ବିଜୁପ୍ରେମୀ ମାନେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭଦ୍ରକ, ୧୭।୪ (ସଂଚାର ବ୍ୟୁରୋ):** ଭଦ୍ରକ ସ୍ୱଂୟଶାସିତ ମହାବିଦ୍ୟାଳୟରେ ୨୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କର ଏକ ପ୍ରତିନିଧି ଦଳ ଏବିଭିପି, ଭଦ୍ରକ ନଗରର ସମ୍ପାଦକ ତଥା ଭଦ୍ରକ କଲେଜର ଛାତ୍ର ନେତା ଓଁକାର ମହାନ୍ତିଙ୍କ ନେତୃତ୍ୱରେ ଆଜି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କୁ ସାକ୍ଷାତ କରି ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କର ସୁବିଧା ସୁଯୋଗ ବିଶେଷ କରି ହଷ୍ଟେଲ ଆଡ଼ମିଶନ ଫି ଛାଡ଼, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ ହୋଇଥିବା ବହି ଲାଇବ୍ରେରୀରେ



ମହଜୁଦ ରହିବା, ହୁଇଲ୍ ଚେୟାର, ଭିନ୍ନକ୍ଷମ ଟୟଲେଟ ଆଦି ଅନେକ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ମଧରେ ହଷ୍ଟେଲ ଫି ଛାଡ଼କୁ ନେଇ ଜିଲ୍ଲାପାଳ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଦାବୀପତ୍ର ପ୍ରଦାନ ସମୟରେ ହରେକୃଷ୍ଣ ସାହୁ, ଅଜୟ କୁମାର ପ୍ରଧାନ, ପ୍ରଭାକର ନାୟକ, ମାନସ ଘୋଡ଼େଇ ଏବଂ ଏବିଭିପି ଭଦ୍ରକ ଜିଲ୍ଲାର ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜ୍ୟୋତି ପ୍ରକାଶ ସାହୁ, ଶୁଭମ୍ ରାଉତ, ଗୋପୀ କ୍ରିଷ୍ଣା ବାରିକ, କାହ୍ନା ପ୍ରସାଦ ଖୁଣ୍ଟିଆ, ସାଇ ସିଦ୍ଧାର୍ଥ ମହାନ୍ତି, କାହ୍ନା ଜେନା, ମନୋରଞ୍ଜନ ମହାନ୍ତି, ପ୍ରସନ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ବିଧାୟକଙ୍କ ବାସଭବନରେ ବିଜୁ ତିରୋଧାନ ଦିବସ

**ଗରଦପୁର, ୧୭।୪ (ସଂଚାର ବ୍ୟୁରୋ):** ମହାନ ଜନନାୟକ ଏବଂ ଦକ୍ଷ ରାଜନୀତିଜ୍ଞ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୨୮ତମ ପୁଣ୍ୟତିଥି ଅବସରରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ଗରଦପୁର ବ୍ଲକ ଏବଂ ଡେରାବିଶ ତରଫରୁ ବିଧାୟକଙ୍କ ବାସଭବନ ତଳକୁସୁମା ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ ହେବା ସହ ସ୍ଥାନୀୟ ମାଆ ଆମ୍ବିଳେଇ ଠାକୁରାଣୀଙ୍କ ନିକଟରେ ବିଜୁବାବୁ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ଦୀପ ଦାନ କରିଥିଲେ। ପରେପରେ କୋରୁଆ ସ୍ଥିତ କମଳାବେନ କନ୍ୟା ଆଶ୍ରମ ପରିସରରେ ରହୁଥିବା ଛାତ୍ର, ଛାତ୍ରୀ ମାନଙ୍କୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଖିତିସ୍ ଚନ୍ଦ୍ର ଦାସ, ଗରଦପୁର ବ୍ଲକ ଅଧକ୍ଷ ଅଭୟ ମହାରାଜ, ଉପାଧକ୍ଷ ସୌଦାମିନୀ ଆଚାର୍ଯ୍ୟ ,ବିଧାୟକଙ୍କ ଡେରାବିଶ ବ୍ଲକ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟଙ୍କ ସମେତ ତଳକୁସୁମା ପଞ୍ଚାୟତର ସରପଂଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ଚେୟାରମ୍ୟାନ ଦିଲ୍ଲୀପ ସାହୁ, ବେଡାରୀ ସରପଂଚ ପ୍ରତିନିଧି ଗଙ୍ଗାଧର ମିଶ୍ର,ବଡବେଡେରା ସରପଂଚ ପ୍ରତିନିଧି କିଶୋର ମହାପାତ୍ର, ବରିଷ୍ଠ ସାମ୍ବାଦିକ ନବଘନ ସ୍ୱାଇଁ, ପୂର୍ବତନ ସରପଂଚ ପ୍ରକାଶ ଚନ୍ଦ୍ର ସାହୁ, ତଳକୁସୁମ ସମିତିସଭ୍ୟ ପ୍ରଭାତ ରଞ୍ଜନ ସାହୁଙ୍କ ସମେତ ସମସ୍ତ ଜନ ପ୍ରତିନିଧି, ବିଜୁ ପ୍ରେମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# କଟକ ସଦର ବିଜେଡି ପାଳିଲା ବିଜୁବାବୁଙ୍କ ତିରୋଧାନ ଦିବସ



**ନିଶ୍ଚିନ୍ତକୋଇଲି, ୧୭।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଲୁଣା - ଚିତ୍ରୋତ୍ପଳା ନଦୀର ସଙ୍ଗମ ସ୍ଥଳୀରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ତିଳ ତର୍ପଣ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିଳାସ ଭୋଇ, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ପ୍ରମୋଦ ମହାପାତ୍ର, ସରତ ରାୟ, ହିଂମାଂଶୁ ଦାସ, ଅରୁଣ କୁମାର ଦାସ, ଜମ୍ମେଶ୍ୱର ବେଉରା, ସମିତି ସଭ୍ୟ ବିଶ୍ୱେନ୍ଦୁ ମହାରଣା, ଅମୂଲ୍ୟ କୁମାର ମହାନ୍ତି, ଭୈରବ ଜେନା, ବଳଦେବାନନ୍ଦ ଦାସ, ଜଗଦୀଶ ପ୍ରାସାଦ ଦାସ,ମାନଗୋବିନ୍ଦ ଦାସ, ଦୁର୍ଗା ପ୍ରସାଦ ଦାସଙ୍କ ସମେତ ଶତାଧିକ ବିଜୁ ପ୍ରେମୀ ଯୋଗଦେଇ ବିଜୁ ବାବୁ ଅମର ରହେ ନାରାରେ ନଦି ପଠାକୁ ପ୍ରକମ୍ପିତ କରିଥିଲେ। ଏହା ସହିତ ସାନ୍ତପୁର ଜଳଦିଆସ୍ଥ ଶ୍ରୀ ଶ୍ରୀ ଦଧିବାମନ ଜିୟୁଙ୍କ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଟ ବିଜେଡି ନେତା ନୃସିଂହ ଚରଣ ମୁଦଲିଙ୍କ ଅଧକ୍ଷତାରେ କଟକ ସଦର ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବିଜୁ ବାବୁ ଝଡର ଇଗଲ ଥିଲେ। ଯାହାଙ୍କ ନୀତି ଆଦର୍ଶ ସର୍ବଦା ଚିର ସ୍ମରଣୀୟ। ଶେଷରେ ବିଜେଡି ଛାତ୍ର ନେତା ସଂଗ୍ରାମ ସାହାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

# ଆବାସ, ପାନୀୟଜଳ, ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱ



**ପଟ୍ଟାମୁଣ୍ଡାଇ, ୧୭।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳବାସୀ ଉତ୍ତମ ନାଗରିକ ସେବା ଯୋଗାଇବା ପାଇଁ ସ୍ୱଚ୍ଛତାର ସହିତ ସମସ୍ତ ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟତଃ ପ୍ରତି ୱାର୍ଡରେ ଜଳନିଷ୍କାସନ ପାଇଁ ଡ୍ରେନ ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଅର୍ଥ ମଂଜୁର ପାଇଁ ସୁପାରିଶ କରିବା, ସହର ଉଠାଦୋକାନୀଙ୍କ ଥଇଥାନ ପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଭେଜଟେବୁଲ ପାର୍କ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତାଆଲୋକୀକରଣ, ନୂତନ ବାଇପାସ ଠାରୁ ଶୁଖୁଆ ବସ୍ତି ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ କେନାଲ କଡ଼ରେ ଥିବା ଜବର ଦଖଲ ଉଚ୍ଛେଦ ଉପରେ ଆଲୋଚନା କରାଯାଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ପ୍ରବାଦପୁରୁଷ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



**ରାଜନଗର, ୧୭।୪ (ସଂଚାର ବ୍ୟୁରୋ):** ମହାନ ରାଜନେତା ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ରାଜନଗର ବିଜୁ ଜନତା ଦଳ ପକ୍ଷରୁ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ବିଜୁ ବାବୁଙ୍କ ତ୍ୟାଗ, ତିତିକ୍ଷା, ସମର୍ପଣ ଭଳି ବିରଳ ବ୍ୟକ୍ତିତ୍ୱକୁ ମନେ ପକାଇ ତାଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ବରିଷ୍ଠ ବିଜେଡି ନେତା କୈଳାଶ ଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତ୍ରିନାଥ ବଜାରରେ ଥିବା ମାଟିର ଭୂମିପୁତ୍ର ସ୍ୱର୍ଗତ ନଳିନୀକାନ୍ତ ମହାନ୍ତି, ବ୍ଲକ କାର୍ଯ୍ୟାଳୟରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଡଃ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ଅହମ୍ମଦ ବକ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଉତ୍ସବରେ ବିଇଓଙ୍କ ଅନୁପସ୍ଥିତିକୁ ନେଇ ବିଧାୟକ କ୍ଷୁବ୍ଧ

**ନିଶ୍ଚିନ୍ତକୋଇଲି, ୧୭।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଗୁରୁବାର ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଅନୁପସ୍ଥିତ ଥିବାରୁ ମାହାଙ୍ଗା ବିଧାୟକ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏହି ବିଦ୍ୟାଳୟଟି ସରକାରଙ୍କ ପି.ଏମ.ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଙ୍କ ତରଫରୁ ବିଧାୟକଙ୍କୁ କୃତଜ୍ଞତା ଜଣାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ପ୍ରତେକ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜର ସନ୍ତାନ ଭାବି, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶିକ୍ଷାଦାନ ଦେବାକୁ ପରାମର୍ଶ ଦେଇଥିଲେ। ମଞ୍ଚରେ ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ଅନୁପସ୍ଥିତ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ଏଠାରେ ସୂଚନା ଥାଉକି ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତି ମହାପାତ୍ର ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ଅଛନ୍ତି। କିନ୍ତୁ ୧୬ ତାରିଖ ବୁଧବାର ଦିନ ପ୍ରାଥମିକ ଶିକ୍ଷକ ସଙ୍ଘ ନିଶ୍ଚିନ୍ତକୋଇଲି ଶାଖା ତରଫରୁ ବାବା ତାରକ ଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। କିନ୍ତୁ ବିଇଓ ଅଫିସ ନିକଟରେ ଥିବା ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବକୁ ଆସି ନଥିଲେ। ଏଥିରେ ମୁଖ୍ୟ ବକ୍ତାଭାବେ ପୁରାତନ ଛାତ୍ର ଦେବେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ଜିଲ୍ଲା ଶିକ୍ଷାଧିକାରିଣୀ ଅଭିଜୀତା ଭାସ୍କର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରି ପ୍ରଭାତ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିବା ପରେ, ମଞ୍ଚତଳେ ଛାତ୍ରଛାତ୍ରିଙ୍କ ଗହଣରେ ବସି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ ବିଧାୟକ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାଯ୍ୟକ୍ରମ ବିଧାୟକଙ୍କ ସମେତ ସଭିଙ୍କ ମନ ମୋହିଥିଲା। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ମିନତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ସଂଗୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧୋତ୍ସବ

**କେନ୍ଦ୍ରାପଡା, ୧୭।୪ (ସଂଚାର ବ୍ୟୁରୋ):** ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧୋତ୍ସବ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ପାଳିତ ହୋଇଯାଇଛି । ସକାଳୁ ସ୍ଥାନୀୟ ଗୋବରୀ ନଦୀ ଘାଟରେ ତିଳତର୍ପଣ କରାଯାଇ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ କରାଯାଇଥିଲା।ପରେ ପରେ ମେଡିକାଲ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିର୍ମୂରେ ମାଲ୍ୟାର୍ପ ଣ କରାଯାଇ ସେଠାରେ ସାଧାରଣ ସଭା କରାଯାଇଥିଲା । ଜିଲ୍ଲା ବିଜେଡି ସଭାପତି ଧିରେନ୍ ସାହୁଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଧୁନିକ ଓଡିଶା ନିର୍ମାଣରେ ବିଜୁ ବାବୁଙ୍କ ଅବଦାନ ଓ ତାଙ୍କ ଆଦର୍ଶରେ ଓଡିଶାର ସମୃଦ୍ଧି ଏବଂ ଆଗାମୀର ଆହ୍ୱାନ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ସାହିତ୍ୟିକ ବାସୁଦେବ ଦାସ, ପାୟତ ସମିତି ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ମହିଳା ସଭାନେତ୍ରୀ ରୋସ୍‌ନା ସାହୁ, ପ୍ରମୁଖ ଆଲୋଚନା ଚକ୍ରରେ ଭାଗ ନେଇଥିଲେ ।

# ଦୁଗ୍ଧ ଉତ୍ପାଦନରେ ଓଡ଼ିଶା ୧୬ ନମ୍ବର



**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ):** ଦେଶର ଅର୍ଥନୀତି ସୁଦୃଢ଼ କରିବାରେ ପ୍ରାଣିସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରାମାଞ୍ଚଳର ଅନେକ ପରିବାର ଦୁଗ୍ଧ ଉତ୍ପାଦନ କରି ଗୁଜରାଣ ମେଣ୍ଟାଉଛନ୍ତି। ଏହି କ୍ରମରେ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଦେଶରେ ୨୦୨୩-୨୪ ଆର୍ଥିକବର୍ଷରେ ୨୩୯.୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ଦୁଗ୍ଧ ଉତ୍ପାଦନ ହୋଇଥିବା ମତ୍ସ୍ୟଚାଷ, ଦୁଗ୍ଧ ଓ ପଶୁପାଳନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୨ ତାରିଖରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏ କ୍ଷେତ୍ରରେ ଓଡ଼ିଶାର ଅବଦାନ ୧.୧% ରହିବା ସହ ଦେଶରେ ଆମ ରାଜ୍ୟ ୧୬ ନମ୍ବର ସ୍ଥାନରେ ରହିଛି। ୨୦୦୯-୧୦ରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ବଢ଼ିଚାଲିଥିଲାବେଳେ ସଦ୍ୟତମ ତଥ୍ୟ ଅନୁଯାୟୀ ୨୦୨୩-୨୪ରେ ଏହା ୨୦୨୨-୨୩ ତୁଳନାରେ ୧୩ ଜିଲାରେ କମିଛି। ରାଜ୍ୟର ୪୩% ଜିଲାରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଗ୍ରାମୀଣ ଅର୍ଥନୀତିର ରୁଗ୍ଣ ଅବସ୍ଥାକୁ ଦର୍ଶାଉଛି। ନିକଟରେ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' କାର୍ଯ୍ୟକାରୀ କରିଥିବାରୁ ସ୍ଥିତିରେ ସୁଧାର ଆସିପାରେ ବୋଲି କୁହାଯାଉଛି। ଦେଶରେ ୨୦୨୩-୨୪ରେ ସର୍ବାଧିକ ଉତ୍ତରପ୍ରଦେଶରେ ୩୮,୭୮୦ ହଜାର ମେଟ୍ରିକ ଟନ୍ (ଟିଏମ୍‌ଟି) ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଓଡ଼ିଶାରେ ଏହାର ପରିମାଣ ରହିଛି ୨,୬୩୬ ଟିଏମ୍‌ଟି। ଦେଶର ମୋଟ ଉତ୍ପାଦନରେ ଏହି ଦୁଇ ରାଜ୍ୟର ଅବଦାନ ଯଥାକ୍ରମେ ୧୬.୨୧% ଏବଂ ୧.୧% ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୪୭୬.୪୨ ଟିଏମ୍‌ଟି ମେଟ୍ରିକ୍ ଟନ୍ ଦୁଗ୍ଧ ଉପତ୍ାଦନ ହୋଇଥିବାବେଳେ ୨୦୨୩-୨୪ରେ ୧୫୯.୫୮ ଟିଏମ୍‌ଟି ବୃଦ୍ଧି ପାଇଛି। ମାତ୍ର ୧୩ ଜିଲା ତଥା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି। କଟକ ଜିଲାରେ ୧୪,୦୩,୨୦୪ କ୍ଷୀର ଦେଉଥିବା ପ୍ରାଣୀଙ୍କଠାରୁ ସର୍ବାଧିକ ୩୯୧ ଟିଏମ୍‌ଟି ଦୁଗ୍ଧ ଉପତ୍ାଦନ ହୋଇଛି। କନ୍ଧମାଳରେ ୪,୭୩,୧୯୯ ପ୍ରାଣୀଙ୍କଠାରୁ ସର୍ବନିମ୍ନ ୧୧.୧୧ ଟିଏମ୍‌ଟି କ୍ଷୀର ଉପତ୍ାଦନ ହୋଇଛି। ମୟୂରଭଞ୍ଜରେ କ୍ଷୀର ଦେଉଥିବା ପ୍ରାଣୀଙ୍କ ସଂଖ୍ୟା ସର୍ବାଧିକ ୩୭,୬୧,୧୨୮ ରହିଥିଲେ ମଧ୍ୟ ଦୁଗ୍ଧ ଉପତ୍ାଦନ ଖୁବ୍ କମ୍ ରହିଛି। ବର୍ଷକରେ ଉପତ୍ାଦିତ କ୍ଷୀର ପରିମାଣ ୭୨.୮୭ରୁ ୬୨.୭୮ ଟିଏମ୍‌ଟିକୁ ହ୍ରାସ ପାଇଛି। ଏହି ୧୩ ଜିଲାରେ ଦେଶୀ ଗାଈଙ୍କ ସଂଖ୍ୟା ଅଧିକ ରହିଛି। ଏହି ବର୍ଗର ଗାଈ କମ୍ କ୍ଷୀର ଦେଉଥିବାରୁ ସାମଗ୍ରିକ ଭାବେ ଏହି ସବୁ ଜିଲାରେ ଦୁଗ୍ଧ ଉତ୍ପାଦନ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଉଛି। ରାଜ୍ୟ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏବେ ଓମ୍‌ଫେଡ୍ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ଅନ୍ୟାନ୍ୟ ଘରୋଇ କମ୍ପାନୀଗୁଡ଼ିକ ରାଜ୍ୟରୁ ଦୈନିକ ୨ ଲକ୍ଷ ୭୪ ହଜାର ଲିଟର ଦୁଗ୍ଧ ଦୈନିକ ସଂଗ୍ରହ କରୁଛନ୍ତି। ବର୍ଷ ସାରା ଓମଫେଡ଼ର ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ମୁଣ୍ଡ ପିଛା କ୍ଷୀର ଆବଶ୍ୟକତା ପୂରଣ ପାଇଁ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରାଯାଇଛି। ଏହା ଅଧୀନରେ ପ୍ରତିବର୍ଷ ୨,୦୦୦ ହିତାଧିକାରୀଙ୍କୁ ୨ଟି କ୍ରସ୍‌ବ୍ରିଡ୍ ଗାଈ ରଖିବା ପାଇଁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିସହ ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତିରେ ବାଛୁରୀ ଖାଦ୍ୟ ଯୋଗାଇଦିଆଯିବ। ୧ ଲକ୍ଷ ଚାଷୀ ଦୁଧିଆଳୀ ଗାଈର ବୀମା ପାଇଁ ସହାୟତା ପାଇବେ।

## ଘର ଘର ବୁଲି ଆୟୁଷ୍ମାନ ଭାରତ କାର୍ଡ ବାଣ୍ଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ



**କେନ୍ଦ୍ରାପଡା,୧୭।୪ (ସଂଚାର ବ୍ୟୁରୋ):** ଘରକୁ ଘର ବୁଲି ଆୟୁଷ୍ମାନ କାର୍ଡ ବାଣ୍ଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଗାଁରେ ପହଞ୍ଚି ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଛନ୍ତି ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। କଥା ଦେଇ କଥା ରଖିଥିବା କହିଛନ୍ତି ମନ୍ତ୍ରୀ । ସେ କହିଛନ୍ତି " ଆମେ କଥା ଦେଇ କଥା ରଖିଲୁ । ଏଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦେବି" ।

## ସୁଭଦ୍ରା ଯୋଜନାକୁ ନେଇ ପ୍ରଭାତୀଙ୍କ ବଡ଼ ଘୋଷଣା

- ସୁଭଦ୍ରା ସର୍ଭେରେ ସାମିଲ ହେବ କଲେଜ ଛାତ୍ରୀ
- ଟଙ୍କା ଫେରାଇଥିବା ହିତାଧିକାରୀଙ୍କୁ ମିଳିବ "ସାବାସ୍ ସୁଭଦ୍ରା" ପୁରସ୍କାର



**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ):** କଲେଜ ଛାତ୍ରୀମାନଙ୍କ ପାଇଁ ବଡ ଘୋଷଣା । ସୁଭଦ୍ରା ସର୍ଭେରେ ସାମିଲ ହୋଇପାରିବେ କଲେଜ ଛାତ୍ରୀ । ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀଙ୍କଠାରୁ ମତାମତ ସଂଗ୍ରହ ସର୍ବେକ୍ଷଣରେ କଲେଜ ଛାତ୍ରୀମାନଙ୍କୁ ସାମିଲ କରାଯିବ । ଗତକାଲି ବସିଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ସୁଭଦ୍ରା ହିତାଧିକାରୀ ଯେଉଁମାନେ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି ସେମାନଙ୍କ ପାଇଁ ସର୍ଭେ ହେବ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ପୂର୍ବରୁ ସୁଭଦ୍ରାର ପ୍ରଭାବ ସଂପର୍କରେ ମୂଲ୍ୟାୟନ କରିବା ପାଇଁ ଆଇଆଇଏମ, ସମ୍ବଲପୁର ସହିତ ରାଜ୍ୟ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଇଆଇଏମ, ସମ୍ବଲପୁରର ସହାୟତାରେ ହିତାଧିକାରୀମାନଙ୍କଠାରୁ ମତାମତ ସଂଗ୍ରହ କରିବା ପାଇଁ ସର୍ବେକ୍ଷଣରେ କଲେଜ ଛାତ୍ରୀ ମାନଙ୍କୁ ସାମିଲ କରିବାକୁ ସୁଭଦ୍ରା ସୋସାଇଟି ପରିଚାଳନା ପରିଷଦର ତୃତୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ବୈଠକର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ଯେଉଁ ହିତାଧିକାରୀମାନେ ପ୍ରଥମେ ସୁଭଦ୍ରା ସହାୟତା ପାଇଁ ପଞ୍ଜୀକରଣ କରିଥିଲେ, ମାତ୍ର ପରବର୍ତ୍ତୀ ସମୟରେ ସେମାନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ବର୍ଗରେ ଆସୁଥିବା ଜାଣି ସେମାନେ ସୁଭଦ୍ରା ପୋର୍ଟାଲ୍‌ରେ ସହାୟତା ନ ନେବା ପାଇଁ ଅପ୍ଟ ଆଉଟ୍ କରିଛନ୍ତି ବା ସ୍ୱେଚ୍ଛାକୃତ ଭାବେ ମନା କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେମାନଙ୍କର ଏହି ପଦକ୍ଷେପ ଯୋଗୁଁ ଅନ୍ୟ ଯୋଗ୍ୟ ହିତାଧିକାରୀ ସୁବିଧା ପାଉଥିବା ବେଳେ ଅପ୍ଟ ଆଉଟ୍ କରିଥିବା ମହିଳାମାନଙ୍କୁ "ସାବାସ୍ ସୁଭଦ୍ରା" ଆଖ୍ୟା ଦିଆଯାଇ ସମ୍ବର୍ଦ୍ଧିତ କରାଯିବ ।

## ବାଇକ୍ ଚୋରକୁ ଧରିଲା ପୁଲିସ୍

### ଟ୍ରାଫିକ୍ ଚାଲାଣ ଆଧାରରେ ଦ୍ରୁତ ଗିରଫଦାରୀ



**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ):** ଏକ ଆଶ୍ଚର୍ଯ୍ୟଜନକ ଘଟଣାରେ ଜଣେ ଯୁବକ ଓଡ଼ିଶା ମୋଟର ଯାନ ବିଭାଗ ପକ୍ଷରୁ ଜାରି ହୋଇଥିବା ଟ୍ରାଫିକ ଚାଲାଣ ଯୋଗୁଁ ମାତ୍ର କେଇ ଘଣ୍ଟା ଭିତରେ ତାଙ୍କର ଚୋରି ଯାଇଥିବା ବାଇକ୍ ଫେରିପାଇଛନ୍ତି। କମିଶନରେଟ ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରି ଚୋରି ବାଇକ୍‌କୁ ଉଦ୍ଧାର କରିଛି। ଉକ୍ତ ବାଇକ୍‌ର ନମ୍ବର ଓଡି-୦୨କ୍ୟୁ ୭୮୪୧ ରହିଥିବା ବେଳେ ଆଜି ଲିଙ୍ଗରାଜ ଥାନାରେ ସମସ୍ତ ପ୍ରକ୍ରିୟା ପୂରଣ ହେବା ପରେ ଯୁବକଙ୍କୁ ବାଇକ୍ ହସ୍ତାନ୍ତର କରାଯାଇଛି। ଘଟଣାଟି ଗତ ୧୫ ତାରିଖରେ ଘଟିଥିଲା। ଜଣେ ଯୁବକ ଲିଙ୍ଗରାଜ ଥାନା ଅଧୀନରେ ଥିବା ଓଲ୍ଡ ଟାଉନ ଅଞ୍ଚଳର ମୁଲ୍ଲାପଡ଼ିଆ ଖେଳପଡ଼ିଆକୁ କ୍ରିକେଟ ଖେଳିବାକୁ ଯାଇଥିଲେ। ସେ ତାଙ୍କର ବାଇକ୍ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଖେଳପଡ଼ିଆ ନିକଟରେ ପାର୍କ କରିଥିଲେ ହେଁ ପାଖାପାଖି ଘଣ୍ଟାଏ ପରେ ସେଠାରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଆଖପାଖ ଅଞ୍ଚଳରେ ଖୋଜିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିବା ସତ୍ତ୍ୱେ ଯୁବକ ଜଣଙ୍କ ବାଇକ୍ କିମ୍ବା ଚୋର ବିଷୟରେ କୌଣସି ସୂଚନା ପାଇ ପାରିନଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ସେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ତେବେ ବାଇକ୍ ଚୋରି ହେବାର ଏକ ଘଣ୍ଟା ଭିତରେ ଉକ୍ତ ଯୁବକଙ୍କ ଫୋନରେ ଓଡ଼ିଶା ମୋଟର ଯାନ ବିଭାଗରୁ ଏକ ମେସେଜ ଆସିଥିଲା। ମେସେଜରେ ହେଲମେଟ ବିନା ବାଇକ୍ ଚଳାଇବା ପାଇଁ ଏକ ଟ୍ରାଫିକ ଚାଲାଣ ଜାରି ହୋଇଥିବା ସୂଚନା ସହ ଚୋରି ହୋଇଥିବା ବାଇକ୍‌ରେ ଅପରାଧୀର ଫଟୋ ରହିଥିଲା। ଯୁବକ ଜଣଙ୍କ ତୁରନ୍ତ ଏହି ମେସେଜ ଓ ଫଟୋ ପୁଲିସକୁ ଦେଖାଇଥିଲେ ଓ ପୁଲିସ ଏହା ଆଧାରରେ ବାଇକକୁ ଆଠଗଡ଼ରେ ଠାବ କରିଥିଲା। ଅଭିଯୁକ୍ତକୁ ଗିରଫ କରି ଚୋରି ଯାଇଥିବା ବାଇକ୍‌କୁ ପୁଲିସ୍ ଉଦ୍ଧାର କରିଥିଲା। ତେବେ ଏହି ଘଟଣା ଓଡ଼ିଶାରେ ଟ୍ରାଫିକ ନିୟମ ପାଳନ ଏବଂ ଟେକ୍ନୋଲୋଜିର ବ୍ୟବହାର କିପରି ଅପରାଧ ନିୟନ୍ତ୍ରଣରେ ସହାୟକ ହୋଇପାରେ, ତା'ର ଏକ ନିଚ୍ଛକ ଉଦାହରଣ। କମିଶନରେଟ ପୁଲିସର ଦ୍ରୁତ ପଦକ୍ଷେପ ଓ ମୋଟର ଯାନ ବିଭାଗର ସମୟୋପଯୋଗୀ ସୂଚନା ଯୋଗୁଁ ଏକ ଚୋରି ମାମଲାର ସମାଧାନ ରେକର୍ଡ ସମୟ ଭିତରେ ହୋଇପାରିଛି। ଏପରି ଏକ ସଫଳତା ସାଧାରଣ ଜନତାଙ୍କ ମଧ୍ୟରେ ପୁଲିସ ଓ ପ୍ରଶାସନ ପ୍ରତି ବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ, ଚପରାସୀ ପାଇବେ କ୍ୟାସିୟର ଦରମା




**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟ ପୁରୀ-ନିମାପଡ଼ା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିମିଟେଡକୁ ଜଣେ ୫୪ ବର୍ଷୀୟ ମହିଳାଙ୍କୁ ଉଚ୍ଚ ଦରମା ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯିଏକି ୨୩ ବର୍ଷରୁ ଅଧିକ ସମୟ ଧରି କ୍ୟାଶିୟର ଭାବେ କାର୍ଯ୍ୟ କରିଥିଲେ କିନ୍ତୁ ତାଙ୍କୁ ଚପରାସୀର ଦରମା ଦିଆଯାଉଥିଲା।

ମାମଲା ଅନୁଯାୟୀ, ବିଚାରପତି ଏମ୍.ଏସ୍. ରମଣ ରାୟ ଦେଇଛନ୍ତି ଯେ, ଯଦି କର୍ମଚାରୀମାନେ ଉଚ୍ଚ ଦାୟିତ୍ୱ ନିର୍ବାହ କରନ୍ତି, ତେବେ ସେମାନଙ୍କୁ ନ୍ୟାୟୋଚିତ ପାରିଶ୍ରମିକରୁ ବଞ୍ଚିତ କରାଯାଇ ପାରିବ ନାହିଁ। ସେ ବ୍ୟାଙ୍କର ୨୦୧୧ ଆଦେଶକୁ ରଦ୍ଦ କରିଛନ୍ତି, ଯେଉଁଥିରେ ତାଙ୍କୁ କ୍ୟାଶିୟର ଦାୟିତ୍ୱ ସତ୍ତ୍ୱେ ଚପରାସୀ ଭାବେ ନିୟମିତ କରାଯାଇଥିଲା। ତିଲୋତ୍ତମା ବଲିଆରସିଂହଙ୍କୁ ୧୯୯୯ ମସିହା ଜୁଲାଇ ୧୭ ତାରିଖରେ ପୁନର୍ବାସନ ଯୋଜନା ଅଧୀନରେ ପୁରୀର ମହିଳା ଶାଖାରେ ଚପରାସୀ (ଗ୍ରେଡ୍ VII) ଭାବେ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ୨୦୦୧ ମସିହାରେ, ତାଙ୍କୁ କ୍ୟାଶିୟର (ଗ୍ରେଡ୍ VI) ଦାୟିତ୍ୱ ଦିଆଯାଇଥିଲା, କିନ୍ତୁ ତାଙ୍କୁ ଚପରାସୀର ଦରମା ଦିଆଯାଉଥିଲା। ସେ ଉଚ୍ଚ ପଦବୀରେ ଭୂମିକା ସତ୍ତ୍ୱେ, ବ୍ୟାଙ୍କ ୨୦୧୧ ମସିହାରେ ତାଙ୍କୁ ଚପରାସୀ ଭାବେ ନିୟମିତ କରିଥିଲା, ଯାହା ତାଙ୍କୁ ହାଇକୋର୍ଟରେ କ୍ୟାଶିୟର ଭାବେ ନ୍ୟାୟୋଚିତ ନିୟମିତକରଣ ପାଇଁ ଆବେଦନ କରିବାକୁ ପ୍ରେରିତ କରିଥିଲା।

ବିଚାରପତି ରମଣ ବ୍ୟାଙ୍କର ୨୦୧୧ ଆଦେଶକୁ ଅବୈଧ ଘୋଷଣା କରି କର୍ତ୍ତୃପକ୍ଷଙ୍କୁ ତିନି ମାସ ମଧ୍ୟରେ ତାଙ୍କୁ କ୍ୟାଶିୟର ଭାବେ ନିୟମିତକରଣ ପାଇଁ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଜୋର ଦେଇ କହିଛି ଯେ ତିଲୋତ୍ତମା, ଯିଏ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଏବଂ ନିର୍ମଳ ସେବା ରେକର୍ଡ ସହିତ, ୨୦୦୧ ମସିହାରୁ କ୍ୟାଶିୟର ଭାବେ "ନିଷ୍ଠା, ସଚ୍ଚୋଟତା ଏବଂ ଦକ୍ଷତାର ସହିତ ତାଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି।" ବ୍ୟାଙ୍କର ଦାବିକୁ ଖାରଜ କରି କୋର୍ଟ କହିଛି ଯେ ତାଙ୍କର ଯୋଗ୍ୟତାର ଅଭାବ ନାହିଁ, କାରଣ ସେ ୨୩ ବର୍ଷରୁ ଅଧିକ ସମୟ ଧରି ଏହି ଭୂମିକାରେ ନିର୍ମଳ ସେବା ପ୍ରଦାନ କରିଛନ୍ତି।

କୋର୍ଟ ଉଲ୍ଲେଖ କରିଛି ଯେ ତିଲୋତ୍ତମାଙ୍କୁ ଚପରାସୀ ପଦବୀ ସତ୍ତ୍ୱେ କ୍ୟାଶିୟର ଦାୟିତ୍ୱ, ଯୁକ୍ତ ଆର୍ଥିକ କାରବାର ପରିଚାଳନା, ଦିଆଯାଇଥିଲା। ବିଚାରପତି ରମଣ କହିଛନ୍ତି, "ଜଣେ କର୍ମଚାରୀଙ୍କୁ ଉଚ୍ଚ ଦାୟିତ୍ୱ ନିର୍ବାହ କରୁଥିବା ସମୟରେ ଉଚ୍ଚ ଦରମା/ବେତନ ସ୍କେଲରୁ ବଞ୍ଚିତ କରାଯାଇ ପାରିବ ନାହିଁ।" ସେ ଆହୁରି କହିଛନ୍ତି ଯେ ଯଦି ତାଙ୍କୁ କ୍ୟାଶିୟର ଭାବେ ନିୟମିତ କରାଯାଏ, ତେବେ ସେ ପୂର୍ବବର୍ତ୍ତୀ ଆର୍ଥିକ ସୁବିଧା ପାଇବାକୁ ହକଦାର ହେବେ।

### ରବୀନ୍ଦ୍ର ମଣ୍ଡପରେ ବୈଶାଖୀ ଉତ୍ସବ

## ମନ ମୋହିଲା ପ୍ରିୟଙ୍କାଙ୍କ ଦେବଦାସୀ ନୃତ୍ୟ



**ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ);** ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଚିନ୍ତା ଓ ଚେତନା ପକ୍ଷରୁ ଚାଲିଥିବା ୪୮ତମ ବୈଶାଖୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗତକାଲି ଡକ୍ଟର ପ୍ରିୟଙ୍କା ମିଶ୍ରଙ୍କ ଦେବଦାସୀ ନୃତ୍ୟ ଦର୍ଶକମାନଙ୍କୁ ବେଶ୍ ରୋମାଞ୍ଚିତ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥାଗତ ଶତପଥୀ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁଗ୍ମ ସଚିବ ଡ. ମନ୍ଦିର ସାହୁ, ଦୂରଦର୍ଶନ ଉପସ୍ଥାପକ ଅଶୋକ ପାରେ, ଅବସରପ୍ରାପ୍ତ ପ୍ରଧାନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ, କସ୍ତୁରୀକା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ହରେକୃଷ୍ଣ ମହତାବ, ପୂର୍ବତନ ଜାତୀୟ ଅଧ୍ୟକ୍ଷା ତଥା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଡକ୍ଟର ପ୍ରିୟଙ୍କା ଦେବଦାସୀ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କର 'କାହିଁଗଲେ ମୁରଲୀ ଫୁଙ୍କା...'ରେ ଆକର୍ଷଣୀୟ ମୁଦ୍ରା ଦର୍ଶକମାନଙ୍କୁ ଅଭିଭୂତ କରିଦେଇଥଇଲା। ଅତିଥିମାନଙ୍କ ଅଭିଭାଷଣ ପରେ ଗୁରୁ ଡଃ ଗଜେନ୍ଦ୍ର ପଣ୍ଡାଙ୍କ 'ତ୍ରିଧାରା' ପକ୍ଷରୁ ରାମାୟଣ ଆଧାରିତ ଓଡ଼ିଶୀ ନୃତ୍ୟ ମଧ୍ୟ ପରିବେଷିତ ହୋଇଥିଲା। ଆହୁରି ତ୍ରିନେତ୍ର କଳାକୁଞ୍ଜ, କଟକ ପକ୍ଷରୁ କାଳୀନୃତ୍ୟ, ଗଞ୍ଜାମର ପଲ୍ଲୀ ନୃତ୍ୟ ଆଦି ମଧ୍ୟ ପରିବେଷିତ ହୋଇଥିଲା।

## ୨୩ରେ ଆଓ ନେକ୍ସଟ (ଓଟିଟି)ରେ 'ପାବାର'




**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ସମୟ ବଦଳିବା ସହ ଓଡ଼ିଆ ସିନେ ଜଗତରେ ସିନେ ପ୍ରେମୀଙ୍କର ସ୍ୱାଦ ମଧ୍ୟ ବଦଳିଛି। ବଡ଼ ପରଦାରେ ଏବେ ନିଚ୍ଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ରର ରୁଚି ଖୁବ୍ ଅଧିକ ରହିଛି। କହିବାକୁ ଗଲେ ଏହାର ଆରମ୍ଭ ହୋଇଥଲା ଏକ ବାସ୍ତବବାଦୀ ଚଳଚ୍ଚିତ୍ରରୁ ଯାହା ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲା, ଯେଉଁଥିରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ସୁପରଷ୍ଟାର ବାବୁଶାନ୍ ମହାନ୍ତି। ଫିଲ୍ମ ଥିଲା 'ଦମନ'। ତେବେ ବାବୁଶାନ୍ ମହାନ୍ତିଙ୍କ ପ୍ରଶଂସକ ଏହାପରେ ତାଙ୍କର ଅଭିନୀତ ଫିଲ୍ମ ଦେଖିବାକୁ ଚାହିଁ ରହିଛନ୍ତି। ତେବେ ଖୁସିର କଥା ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ଚଳଚ୍ଚିତ୍ର 'ପାବାର'। ସିନେମାଟି ଆଓ ନେକ୍ସଟ ଓଟିଟିରେ ଡିଜିଟାଲି ୨୩ ତାରିଖରେ ମୁକ୍ତିଲାଭ କରିବ ସମସ୍ତ ୟୁଜରଙ୍କ ପାଇଁ। ସିନେମାର ନିର୍ଦ୍ଦେଶକ ଅଶୋକ ପତି, ପ୍ରଯୋଜକ ତୃପ୍ତି ଶତପଥୀ ରହିଛନ୍ତି। ମୁଖ୍ୟ ଚରିତ୍ରରେ ବାବୁଶାନ୍ ଓ ଏଲିନା ସାମନ୍ତରାୟ, କ୍ରିଷ୍ଣା କର, ଉଦିତ ଗୁରୁ ପ୍ରମୁଖ ରହିଛନ୍ତି। ବେଣୁଧର ମହାନ୍ତି ଓଡ଼ିଶା ଗୁମାଗଡ଼ର ଜଣେ ସାଧାରଣ ବ୍ୟକ୍ତି। ଯିଏ ଖୁବ୍ କମରେ ଖୁସିରେ ରହେ, କିନ୍ତୁ ଜଣେ ବାପା ପୁଅ କଣ୍ଟ୍ରାକ୍ଟର କଥାରେ ଆସି ସେ ନିର୍ବାଚନରେ ଠିଆ ହୁଏ। ତେବେ ସରପଞ୍ଚ ହେବାର ସ୍ୱପ୍ନ ଦେଖିଥିବା ବେଣୁଧରଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସୁଛି। ସେ ଜିତିଯାଇଛନ୍ତି ନିର୍ବାଚନରେ। କିନ୍ତୁ ତା'ପରେ ସେ ସମସ୍ତଙ୍କର ଅସଲ ରୂପ ଜାଣିବାକୁ ପାଇଲେ। ତେବେ ଏହି ସ୍ଥିତିର ସାମ୍ନା ସେ କେମିତି କରିବେ, ତାହା ଫିଲ୍ମ ଦେଖିଲେ ଜାଣିପାରିବେ। ତେବେ ଆଓ ନେକ୍ସଟରେ ୨୩ ତାରିଖ ଷ୍ଟ୍ରିମିଙ୍ଗ ହେବାକୁ ଥିବା ପାବାରକୁ ଦେଖନ୍ତୁ ଓ ସତ୍ୟ ଘଟଣା ଆଧାରିତ ଏହି ଚଳଚ୍ଚିତ୍ରର ନିଚ୍ଛକ ଭୂମିକାର ଅଭିନୟ ସହ ଏକ ଭିନ୍ନ ଧରଣର କାହାଣୀର ସତ୍ୟତାକୁ ହୃଦୟଙ୍ଗମ କରନ୍ତୁ।

## ରାସ୍ତାକଡ଼ରେ ସ୍କୁଟି ରଖି ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

**ଖୋର୍ଦ୍ଧା,୧୭।୪ (ସଂଚାର ବ୍ୟୁରୋ):** ରାସ୍ତାକଡ଼ରେ ଥୁଆ ହୋଇଛି ସ୍କୁଟି। ଗଛରେ ଝୁଲୁଛନ୍ତି ପ୍ରେମୀଯୁଗଳ। ଖୋର୍ଦ୍ଧା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ବେଗୁନିଆ ବ୍ଲକର ବୋତଲମା ପଞ୍ଚାୟତ ଗୌଡ଼ପାଟଣା ନିକଟବର୍ତ୍ତୀ ମହୁଲାକୁଦିଆର ଏକ ଗଛରେ ଯୁବତୀଯୁବକଙ୍କ ମୃତଦେହ ଝୁଲୁଛି। ଉଭୟଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏନେଇ ଖବରପାଇବା ପରେ ଜଙ୍କିଆ ଓ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ପ୍ରାରମ୍ଭିକ ତଦନ୍ତରୁ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିନାହିଁ। ତେବେ ପୁଅଙ୍କ ଘର ରାଜସୁନାଖଳା ଗୋପିନାଥପୁର ସାହି ହୋଇଥିବା ବେଳେ ତାଙ୍କ ନାମ ଅଜୟ ପ୍ରଧାନ(୪୩) ଏବଂ ଝିଅଙ୍କ ନାମ ଶାନ୍ତି ସାହୁ ବୋଲି ଜଣାପଡ଼ିଛି। ଉଭୟ ରାଜସୁନାଖଳାର ବାସିନ୍ଦା ବୋଲି ସ୍ପଷ୍ଟ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଗିରଫ ଜାହାଜକୁ ମୁକ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୭।୪ (ସଂଚାର ବ୍ୟୁରୋ):** ହାଇକୋର୍ଟରେ ସାମୁଦ୍ରିକ ବିବାଦ ସମ୍ପର୍କିତ ମାମଲା । ପାରାଦ୍ୱୀପ ବନ୍ଦରରେ ଗିରଫ ହୋଇଥିବା ଜାହାଜକୁ ଛାଡ଼ିଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାରାଦ୍ୱୀପ ବନ୍ଦରରୁ ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବ ଏମଭି ଟେଲେରି ଏମ ଜାହାଜ । ବକେୟା ପରିଶୋଧ ପରେ ଏବେ ଜାହାଜକୁ ପାରାଦ୍ୱୀପ ପୋର୍ଟରୁ ଛାଡିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜିଓସର୍ଭ ଏନର୍ଜୀ ଟ୍ରାନ୍ସପୋର୍ଟ ଡିଏମସିସି ପକ୍ଷରୁ ଦାୟର ମାମଲାରେ ବଙ୍କର ଫୁଏଲ ବକେୟା ଥିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ଶନିବାର ଏହି ମାଲବାହୀ ଜାହାଜକୁ ଗିରଫ କରାଯାଇଥିଲା । ପାରାଦୀପ ବନ୍ଦରରେ ଏମଭି ଟେଲେରି ଏମ ଜାହାଜ ଥିବା ବେଳେ ଗିରଫ ହୋଇଥିଲା। କିନ୍ତୁ ଆଜି ଉଭୟ ପକ୍ଷଙ୍କ ମଧରେ ବକେୟା ଅର୍ଥକୁ ନେଇ ହୋଇଥିବା ବିବାଦର ଆପୋଷ ସମାଧାନ ହୋଇଥିବାରୁ ସମ୍ପୃକ୍ତ ଜାହାଜକୁ ରିଲିଜ କରିଦେବାକୁ ନିର୍ଦ୍ଦେଶ ହୋଇଛି। ଏଥର ପାରାଦ୍ୱୀପରୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଇ ପାରିବ ଏମଭି ଟେଲେରି ଏମ କାରଗୋ ଜାହାଜ। ଏହି ମାମଲାର ଆସନ୍ତା ଶୁଣାଣି ମେ ୭ କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଜାହାଜକୁ ଆରେଷ୍ଟ କରିବାକୁ ଓଡିଶା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ସାମୁଦ୍ରିକ ବିବାଦ ସଂପର୍କିତ ଏକ ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବଙ୍କର ଫୁଏଲ ବାବଦ ଅର୍ଥ ପଇଠ ବିବାଦକୁ ନେଇ ଜିଓସର୍ଭ ଏନର୍ଜି ଟ୍ରାନ୍ସପୋର୍ଟ ଡିଏମସିସି ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଥିଲେ। ଏମଭି ଟେଲେରି ଏମ କାରଗୋ ଜାହାଜ ବନ୍ଦରରେ ଏମଭି ଟେଲେରି ଏମ୍ ଜାହାଜକୁ ଗିରଫ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଗିରଫ ଛାତ୍ର ନେତା ଓ କର୍ମୀଙ୍କୁ ଭେଟିଲେ ଭକ୍ତ



**ଭୁବନେଶ୍ୱର, ୧୭।୪ (ସଂଚାର ବ୍ୟୁରୋ):** ଗତ ୨୭ ତାରିଖରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୁଲିସ ହାତରେ ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସଲାମ ବେଗ, ଚନ୍ଦନ ସାହୁ, ଆସିଫ ଖାନ, ବିଜୟ କୁମାର ସାହୁ ଓ ପ୍ରତୀକ ଦାଶଙ୍କୁ ଆଜି ପିସିସି ସଭାପତି ଭକ୍ତ ଚରଣ ଦାସ ଭେଟିଛନ୍ତି। ଏହି ଅବସରରେ ଶ୍ରୀ ଦାସ ସେମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଦାସ ଗଣମାଧ୍ୟମକୁ କହିଛନ୍ତି ଯେ ଅଗଣତାନ୍ତ୍ରିକ ଭାବେ ଗିରଫ ଛାତ୍ର ଓ କଂଗ୍ରେସ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଆସିଥିଲୁ। ସେମାନେ ପାଠ ପଢୁଥିବା ବେଳେ ଛାତ୍ର କଂଗ୍ରେସକୁ ଦୁର୍ବଳ କରିବା ସକାଶେ ଏପରି ଷଡ଼ଯନ୍ତ୍ର କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। କିନ୍ତୁ ଆମ ପିଲାମାନେ ସତ୍ୟ ପଥରେ ଅଛନ୍ତି, ତେଣୁ ସେମାନେ ନିଶ୍ଚିତ ଭାବେ ନ୍ୟାୟ ପାଇବେ। ରାଜ୍ୟରେ ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର, ଦୁଷ୍କର୍ମ ବିରୁଦ୍ଧରେ ଦଳ ସତ୍ୟାଗ୍ରହ ଲଢେଇ କରିଥିଲା। କିନ୍ତୁ ରାଜନୈତିକ ଆକ୍ରୋଶ ରଖି ସେମାନଙ୍କୁ ଗିରଫ କରାଯାଇଛି। ଏପରିକି ବାଣୀବିହାରରେ ପଢିବାକୁ ଓ ନାମ ଲେଖିବାକୁ ଆସିଥିବା କିଛି ପିଲାଙ୍କୁ ମଧ୍ୟ ଗିରଫ କରାଯାଇଛି। ନିର୍ଦ୍ଦୋଷମାନଙ୍କୁ ଗିରଫ କରି ପୁଲିସ୍ କଦାପି କଂଗ୍ରେସର ମନୋବଳ ଭାଙ୍ଗିପାରିବ ନାହିଁ। ଆଗାମୀ ଦିନରେ କଂଗ୍ରେସ ତା'ର ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ଓ ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ପିଲା ଭାଗନେଇ ରାଜ୍ୟ ସରକାରଙ୍କୁ ଠିକଣା ଜବାବ ଦେବେ ବୋଲି ଭକ୍ତ କହିଛନ୍ତି। ନିକଟରେ ରାମ ମନ୍ଦିର ସମ୍ମୁଖରୁ ଚୋରି ହୋଇଥିବା ପିଲାଟିକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଉଦ୍ଧାର କରାଯାଇଥିବା ନେଇ ଶ୍ରୀ ଦାସ କହିଛନ୍ତି ଯେ ପୁଲିସ୍ ରାଜ୍ୟରୁ ନିଖୋଜ ହୋଇଥିବା ୬୪ ହଜାର ପିଲା ଓ ଶିଶୁଙ୍କ ମଧ୍ୟରୁ ୧୦ ହଜାରଙ୍କୁ ବି ଖୋଜି ଆଣିପାରିବ, ତା'ହେଲେ ଆମେ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ମାନ ଦେବୁ। ବିଜେପି ସରକାର ଅମଳରେ ୨୦ ହଜାର ନିଖୋଜ ହୋଇଥିଲେ ମଧ୍ୟ ଅଦ୍ୟାବଧି ମାତ୍ର ୨୭୧ ଜଣ ମହିଳା ଓ ଶିଶୁ ଉଦ୍ଧାର ହୋଇଛନ୍ତି। ଏହା ପୁଲିସ୍‌ର କି ପ୍ରକାର ସଫଳତା ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

# ଆଜିଠୁ ପୁରୀ ଲିଟେରାରୀ ଫେଷ୍ଟିଭାଲ

## ଯୋଗଦେବେ ତସଲିମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି



**ପୁରୀ,୧୭।୪(ସଂଚାର ବ୍ୟୁରୋ):** ଅଧ୍ୟୟନ ଫାଉଣ୍ଡେସନ୍ ଫର ପଲିସି ଆଣ୍ଡ୍ ରିସର୍ଚ୍ଚ (ଏଏଫ୍‌ପିଆର୍), ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଶା ସରକାର ଓ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ (ଏନ୍‌ବିଟି)ର ମିଳିତ ପକ୍ଷରୁ ମିଳିତ ଭାବେ ଆସନ୍ତାକାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ତାଜ ହୋଟେଲଠାରେ ପୁରୀ ଲିଟେରାରୀ ଫେଷ୍ଟିଭାଲର ଉଦ୍‌ଘାଟନୀ ସଂସ୍କରଣ ଅନୁଷ୍ଠିତ ହେବ। ସଂଳାପ, ପ୍ରଦର୍ଶନ ଓ ବିତର୍କ ମାଧ୍ୟମରେ ଭାରତର ପ୍ରାଚୀନ ଜ୍ଞାନକୁ ଏହାର ସମସାମୟିକ ମହତ୍ୱାକାଂକ୍ଷା ସହ ଯୋଡ଼ିବା ଏହି ଐତିହାସିକ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ସେହିପରି ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ସେହିପରି ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ବନ୍ଦର, ଜାହଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଉଛି ରମାକାନ୍ତ ରଥ ସାହିତ୍ୟ ପୁରସ୍କାରର ଶୁଭାରମ୍ଭ। ଏହା ଓଡ଼ିଆ ସାହିତ୍ୟର ଉତ୍କର୍ଷତାକୁ ଆହୁରି ବୃଦ୍ଧି କରିପାରିବ ବୋଲି ଆଶା କରାଯାଉଛି। ପୁରୀ ଲିଟେରାରୀ ଫେଷ୍ଟିଭାଲ୍‌ର ପ୍ରମୁଖ ବିଷୟବସ୍ତୁଗୁଡ଼ିକ ହେଲା ଓଡ଼ିଶା ୨୦୩୬, ପ୍ରକାଶକ ସମ୍ମିଳନୀ, ସ୍ୱାବଲମ୍ବନ, ନବସୃଜନ, ସାହିତ୍ୟରେ ମହିଳାଙ୍କ ଅବଦାନ, ପରିବେଶ, ଆଧୁନିକ ଯୁଗରେ ଇତିହାସ ଲିଖନ, ବଲିଉଡର ସାଂସ୍କୃତିକ ପ୍ରଭାବ ଏବଂ ଓଡ଼ିଶାର ସାମାଜିକ-ସାଂସ୍କୃତିକ ବିକାଶ ତଥା ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଆଦି। କାର୍ଯ୍ୟକ୍ରମରେ ଏସବୁ ଉପରେ ଆଲୋଚନା ମଧ୍ୟ ହେବ।

ସେହିପରି ଐତିହ୍ୟ ପଦଯାତ୍ରା, ବାଲୁକା କଳା, ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ଓ ଓଡ଼ିଆ ଖାଦ୍ୟର ପରିବେଷଣ ମଧ୍ୟ ହେବ। ଏହି ଉତ୍ସବରେ ଜଣାଶୁଣା ବାଂଲାଦେଶ ସାହିତ୍ୟିକା ତସଲିମା ନସରିନ୍, ଐତିହାସିକ ଓ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବିକ୍ରମ ସମ୍ପଦ, ଜିନ୍ଦଲ ଫାଉଣ୍ଡେସନ୍ ଅଧ୍ୟକ୍ଷା ଶାଲୁ ଜିନ୍ଦଲ, ଲୋକପ୍ରିୟ ଗାୟିକା ତଥା ପଦ୍ମଶ୍ରୀ ବିଜେତା ମାଳିନୀ ଅବସ୍ତି, ଶେଫାଳି ବୈଦ୍ୟ, ରାଜନୈତିକ ସମାଲୋଚକ ଶେହଜାଦ ପୁନାୱାଲା, ଜିନ୍ଦଲ ସ୍କୁଲ ଅଫ୍ ଇଣ୍ଟରନ୍ୟାସନାଲ୍ ଆଫେୟାର୍ସର ଡିନ୍ ଡକ୍ଟର ଶ୍ରୀରାମ ଚଉଲିଆ, ଡିଜିଟାଲ୍ ନିର୍ମାତା ଓ ଅଭିନେତ୍ରୀ ପ୍ରାଯକ୍ତା କୋଲି, ଯୁବ ବିଧାୟିକା ଉପାସନା ମହାପାତ୍ର ଓ ସୋଫିଆ ଫିର୍‌ଦୋସ, ପର୍ତ୍ତୁଗାଲ ଓ ଲାଓସରେ ପୂର୍ବତନ ରାଷ୍ଟ୍ରଦୂତ ଓ ପ୍ରଖ୍ୟାତ ଲେଖକ ଜିତେନ୍ଦ୍ର ନାଥ ମିଶ୍ର, ସମ୍ବାଦ ସମ୍ପାଦିକା ତନୟା ପଟ୍ଟନାୟକ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରଦୂତ ଅନୀଲ ସୁକଲାଲ ଯୋଗଦେଇ 'ବିଶ୍ୱ ବହୁପାକ୍ଷିକତା' ପ୍ରସଙ୍ଗ ଉପରେ ଆୟୋଜିତ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ କରିବେ। ଏହାଛଡ଼ା ସବ୍ୟସାଚୀ ମିଶ୍ର, ଜ୍ଞାନ ହୋତା, ଇତିରାଣୀ ସାମନ୍ତ, ଗୌରହରି ଦାସ, ଦାସ ବେନହୁର, ଦେବପ୍ରସାଦ ଦାସ ଓ ଅସିତ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। 'ଭବିଷ୍ୟତର କାର୍ଯ୍ୟପନ୍ଥା' ଶୀର୍ଷକ ଡକ୍ୟୁମେଣ୍ଟ ସହ ଉତ୍ସବ ଉଦ୍‌ଯାପିତ ହେବ। ଏଥିରେ ଭବିଷ୍ୟତର ସାଂସ୍କୃତିକ ଓ ନୈତିକ ପଦକ୍ଷେପଗୁଡ଼ିକୁ ମାର୍ଗଦର୍ଶନ କରିବା ପାଇଁ ୨୦ଟି ଅଧିବେଶନରୁ ପ୍ରାପ୍ତ ଅନ୍ତର୍ଦୃଷ୍ଟିକୁ ସଂଶ୍ଳେଷଣ କରାଯିବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# ହିଂସାତ୍ମକ ଆନ୍ଦୋଳନ ଗଣତନ୍ତ୍ର ନୁହେଁ

ଗଣତନ୍ତ୍ରରେ ସରକାରଙ୍କୁ ବିରୋଧ, ଅନ୍ୟାୟର ପ୍ରତିବାଦ ଏବଂ ସମ୍ବିଧାନ ସୁରକ୍ଷା ନିମନ୍ତେ ଆନ୍ଦୋଳନ ବା ପ୍ରତିବାଦର ସ୍ୱର ଉଠାଇବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଅନ୍ୟାୟର ପ୍ରତିବାଦ ହିଂସା ମାଧମରେ କଦାପି ଗଅହଣୀୟ ନୁହେଁ। ଏହା ନାଗରିକର ମୌ଼ଳିକ ଅଧିକାର ନୁହେଁ। ଏହା ଏକ ଅସାମ୍ବିଧିନକଳ ଅଗଣତାନ୍ତ୍ରିକ ଏବଂ ବେଆଇନ କାର୍ଯ୍ୟ। ଆନ୍ଦୋଳନ ନାମରେ ଜାତୀୟ ସମ୍ପତ୍ତି ନଷ୍ଟ, ଅନ୍ୟର ଧନଜୀବନ ପ୍ରତି ପିବଦ ସୃଷ୍ଟି କଦାପି ଗ୍ରହଣୀୟ ନୁହେଁ। ଏହା ଏକ ଦଣ୍ଡନୀୟ ଅପରାଧ ଏବଂ ଦେଶ ବିରୋଧୀ କାର୍ଯ୍ୟ। ସଂଶୋଧିତ ୱାକଫ ଆଇନ ବିରୋଧରେ ପଶ୍ଚିମବଙ୍ଗ ଏବଂ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ମୁର୍ଶିଦାବାଦରେ ୩ଜଣ ପ୍ରାଣ ହରାଇଛନ୍ତି। ୱାକଫ ଆଇନ ନେଇ ଆଗତ ଏକାଧିକ ପିଟିସନର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ଏଥିନେଇ ଉଦବେଗ ପ୍ରକାଶ କରିବା ସହ ଏହାକୁ ନିନ୍ଦା କରିଛନ୍ତି। କିନ୍ତୁ ଏତିକିରେ ସୁପ୍ରିମକୋର୍ଟଙ୍କ ଦାୟିତ୍ୱ ସରିଯାଉନି। ହିଂସା ସମ୍ପୂର୍ଣ୍ଣ ବନ୍ଦ ନହେବା ଯାଏ କୋ଼ଣସି ପିଟିସନର ଶୁଣାଣୀ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କଠୋର ସର୍ତ୍ତ ରଖିବା ଉଚିତ। ଯେଉଁମାନେ ନିଜକୁ ଗାନ୍ଧିବାଦୀ ବୋଲି ଦାବି କରୁଛନ୍ତି, ସେହିମାନେ ହିଁ ଗାନ୍ଧୀଙ୍କ ଅହିଂସା ନୀତିର ବିପରତ କାର୍ଯ୍ୟ କରୁଛନ୍ତି। କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ବିକାଶର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୌ଼ଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାସରେ ଶୋଇବାକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋ଼ଳନକୁ ଏକ ପ୍ରକାର ଜୀବୀକା କରି ବଂଚୁଛନ୍ତି। କିଛି କାମ ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଅୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ପଞ୍ଜାବରେ ନିଜକୁ ଚାଷୀ ବୋଲି ଦାବି କରୁଥିବା କିଛି ବ୍ୟକ୍ତି ଆନ୍ଦୋଳନରତ ଅଛନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି ତାହା ପୂରଣ କରିବା ଅସମ୍ଭବ। ସେମାନେ ସେକଥା ଜାଣିଛନ୍ତି। କିନ୍ତୁ କେବଳ ସରକାରଙ୍କୁ ବଦନାମ କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। କିଛି ସପ୍ତାହ ତଳେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ଉଭୟ ଆତ୍ମହତ୍ୟା କରିଥିବା ଉଭୟେ ସ୍ୱଚ୍ଛଳ ଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଛି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ୍ୟ କରିଛି ବା ପ୍ରରୋଚିତ କରିଛନ୍ତି। ଏମ୍‌ଏସ୍‌ପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେଉଁପ୍ରକାର ଲାଭବାନ ହୋଇପାରିବେ ତାହା ଆକଳନ କରାଯାଇପାରିନି। କିନ୍ତୁ କିଛି ଦଳାଳଙ୍କ ରାଜନୀତିରେ ସେମାନେ ବଳି ପଡ଼ିଥିଲେ। ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନାର କୃଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ୟୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମ୍‌ଏସ୍‌ପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେଥିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ମିଳୁନାହିଁ। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁର୍ବଭଳି ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ତଦାରଖ କରୁଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଉଛି। କିନ୍ତୁ କୃଷକ ଆନ୍ଦୋଳନକୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଶକ୍ତିଶାଳୀ କୃଷକ ନେତାଭାବେ ପରିଚିତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନରେ ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହାନୁଭୂତିର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତରେ ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। କେବଳ ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କରିଥିଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କର ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଆନ୍ଦୋଳନ କଲେ। ନୂଆ କୃଷି ଆଇନରେ ସାଧାରଣ କୃଷକ ଫାଇଦାରେ ରହିଥିଲେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ଗ୍ରହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ସେତିକି ଦୂର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ଆଗାମୀ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ କୃଷକ ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ସେମାନଙ୍କ ସହ ସରକାର ଆଲୋଚନା କରନ୍ତୁ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ୟାର ସମାଧାନ ନହେଲେ ସରକାର ଏହାକୁ ଘୋଷଣା କରନ୍ତୁ। ସେହିପରି ୱାକଫ ଆଇନକୁ ବିରୋଧ କରି ହିଂସା କଦାପି ଗ୍ରହଣୀୟ ନୁହେଁ। ଏହାକୁ ଦୃଢ଼ ହସ୍ତରେ ଦମନ କରାଯିବା ଉଚିତ।

# ସିନେଟ୍ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରାମର୍ଶଦାତା



**କିଶୋର ଚନ୍ଦ୍ର ବେହେରା**

କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଗଢ଼ିଉଠିଥିବା ବିଶ୍ୱବିଦ୍ୟାଳୟ ଉଚ୍ଚତର ଶିକ୍ଷାଲାଭ ଓ ଗବେଷଣା ପାଇଁ ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀମାନେ ସ୍ନାତକ ଶିକ୍ଷା ପରେ ନିଜର ଅଧ୍ୟୟନ ଦକ୍ଷତା ବୃଦ୍ଧିପାଇଁ ସ୍ନାତକୋତ୍ତର ଶିକ୍ଷା ନିମନ୍ତେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟକୁ ପ୍ରଥମ ପସନ୍ଦ କରିଥାନ୍ତି। ଉଭୟ ବିଦ୍ୟାର୍ଥୀ ଓ ଶିକ୍ଷକ ସଦାସର୍ବଦା ଚେଷ୍ଟା ଜାରି ରଖିଥାନ୍ତି ଗୁଣାତ୍ମକ ଶିକ୍ଷାର ପ୍ରଚାର ଓ ପ୍ରସାରରେ କ୍ଷେତ୍ରରେ। ଶିକ୍ଷକଙ୍କ ଆତ୍ମବିଶ୍ୱାସକୁ ପୁନଃ ସ୍ଥାପିତ କରିବା, ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାଧୀନତା ରକ୍ଷା କରିବା ଏବଂ ରାଜ୍ୟ ସର୍ବୋଚ୍ଚ ଶିକ୍ଷାର ମାନ ବଜାୟ ରଖିବା ପାଇଁ ଏହି ସଂଶୋଧନ ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବାକୁ ଯାଇ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ବିଧାନସଭାରେ ପାରିତ ସହ ମହାମହିମ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିସାରିଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେବ ବୋଲି ଆଶା କରାଯାଇପାରେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ଅନୁସାରେ ଏବେ ବିଶ୍ୱବିଦ୍ୟାଳୟକୁ ମିଳିବ ପୂର୍ବଭଳି ଅଧିକ ସ୍ୱାୟତ୍ତତା କ୍ଷମତା। ଅଧାପକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ଏହାସହ ଏବେ ବିଶ୍ୱବିଦ୍ୟାଳୟରେ ସିନେଟ୍ ବ୍ୟବସ୍ଥା ରହିବ। କୁଳପତି ଓ ଅଧାପକ ଚୟନରେ ସରକାରୀ ହସ୍ତକ୍ଷେପ କମିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ନୂଆ ସୂର୍ଯ୍ୟୋଦୟ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହି ଆଇନ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ସମସ୍ୟାର ସମାଧାନ ମୁକାବିଲା କରିବା ଏବଂ ଶୈକ୍ଷିକ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି ସରକାର ଦୃଢ଼ତାର ସହ ମତପୋଷଣ କରୁଛନ୍ତି। ୨୦୨୦ ମସିହାରେ ତତ୍କାଳୀନ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯କୁ ସଂଶୋଧନ କରି କୁଳପତି ଓ ପ୍ରଫେସର ଚୟନ କ୍ଷେତ୍ରରେ ସରକାର ନିଜ ହାତକୁ ନେଇ ରାଜ୍ୟ ପ୍ରଶାସନିକ ସେବାକୁ ହସ୍ତାନ୍ତର କରିଥିଲେ। ବିଶ୍ୱବିଦ୍ୟାଳୟର ପରିଚାଳନା କ୍ଷେତ୍ରରେ ସିନେଟ୍ ହେଉଛି ସ୍ୱୟଂଶାସିତ ସଂସ୍ଥା, ଯାହାକୁକି ଭାଙ୍ଗି ଦିଆଯାଇ ରାଜ୍ୟ ସରକାରଙ୍କ ଅଧୀନରେ ନିୟନ୍ତ୍ରଣାଧୀନ ହୋଇଥିଲା। ନିଯୁକ୍ତି ଓ ପରିଚାଳନା କ୍ଷେତ୍ରରେ ସମସ୍ୟା ଦେଖାଦେବାରୁ ତତ୍କାଳୀନ କେନ୍ଦ୍ର ସରକାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧୀନିୟମ ୧୯୮୯ ପୁନଃ ଲାଗୁ କରିବା ପାଇଁ ବାରମ୍ବାର ଅନୁରୋଧ କରିଥଲେ ମଧ ରାଜ୍ୟ ସରକାର ଏହାକୁ କର୍ଣ୍ଣପାତ କରିନଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ସହିତ ଉଚ୍ଚଶିକ୍ଷାର ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ସହ ୧୦ମାସ ପରେ ଲାଗୁ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪। ବିଶ୍ୱବିଦ୍ୟାଳୟରେ ଅଧାପକମାନଙ୍କର ନିଯୁକ୍ତି ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା କରାନଯାଇ ବିଶ୍ୱବିଦ୍ୟାଳୟର ଶିକ୍ଷାବିତଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା କରାଯିବ। ବିଶ୍ୱବିଦ୍ୟାଳୟର କୁଳପତି ଚୟନ ନିମନ୍ତେ ତିନିଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ ହେବ। କମିଟିରେ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ବା ଶିକ୍ଷାବିତ୍ ହିଁ ସଦସ୍ୟ ଭାବେ ରହିପାରିବେ। ନୂଆ ସଂଶୋଧନ ନିୟମରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ବୟସ ସୀମା ୬୭ ବର୍ଷରୁ ୭୦ ବର୍ଷକୁ ବୃଦ୍ଧି କରାଯାଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଲାଗୁ ହେବା ଦ୍ୱାରା ବିଶ୍ୱବିଦ୍ୟାଳୟ ପ୍ରଶାସନରେ ସିନେଟ୍‌ର ପୁନଃ-ଅନ୍ତର୍ଭୁକ୍ତିକରଣକୁ ସୁନିଶ୍ଚିତ କରାଯାଇଛି। ସିନେଟ୍ ହେଉଛି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରାମର୍ଶଦାତା ସଂସ୍ଥା ଯାହାକି ସମସ୍ତ



ବର୍ଗ ଯଥା ଶିକ୍ଷାବିତ୍, ଅଧାପକ, ଛାତ୍ରଛାତ୍ରୀ ଓ ପ୍ରଶାସନିକ କର୍ମଚାରୀ ଆଦିଙ୍କୁ ନେଇ ଗଠିତ ଏବଂ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା କ୍ଷେତ୍ରର ବିକାଶ ପାଇଁ ଏହା ମତାମତ ପ୍ରଦାନ କରିଥାଏ। ନୂଆ ସଂଶୋଧିତ ଆଇନ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ସିନେଟ୍ ବ୍ୟବସ୍ଥାକୁ ପୁନଃ ଅନ୍ତର୍ଭୁକ୍ତ କରାଯିବା ସହ ପ୍ରତି ବର୍ଷ ଦୁଇଥର ସିନେଟର ବୈଠକ ଅନୁଷ୍ଠିତ ହେବ। ଏଥିସହ ସିନେଟରେ ସର୍ବମୋଟ ୬୮ଜଣ ସଦସ୍ୟ ରହିଥିବାର ବ୍ୟବସ୍ଥା ଥିବାବେଳେ ଏଥରେ ଅତିକମ୍‌ରେ ୩୭ଜଣ ସଦସ୍ୟ ଶିକ୍ଷକ, ଶିକ୍ଷାବିତ୍ ଏବଂ ଛାତ୍ରସମାଜରୁ ରହିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଅଧାପକ ନିଯୁକ୍ତହେବା ଦ୍ୱାରା ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରର ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଅନୁପାତକୁ ସୁନିଶ୍ଚିତ କରାଯାଇପାରିବ। ଗୁଣାତ୍ମକ ଉଚ୍ଚଶିକ୍ଷାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଓ ରାଜ୍ୟରେ ମୋଟ୍ ନାମଲେଖା ଅନୁପାତ ବଢ଼ାଇବା ନିମନ୍ତେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ "ଦୂରଶିକ୍ଷା" ବ୍ୟବସ୍ଥାକୁ ପ୍ରଣୟନ କରାଯିବ। ବିଶ୍ୱବିଦ୍ୟାଳୟର ଆର୍ଥିକ ପରିଚାଳନାର ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଅର୍ଥ କିମିଟିର ଗଠନ କରାଯିବ। ଭିତ୍ତିଭୂମି ପ୍ରକଳ୍ପ ବିକାଶର ସମୀକ୍ଷା ଓ ଯାଞ୍ଚ ନିମନ୍ତେ କୋଠାବାଡ଼ି ଓ ନିର୍ମାଣ କମିଟି ଗଠନର ପ୍ରସ୍ତାବ ଦିଆଯିବ। ଏଥିସହିତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାପ୍ତ କିମ୍ବା ଅର୍ଜିତ ସମସ୍ତ ପରିମାଣର ଅର୍ଥରାଶି ଭାରତ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କ ଦ୍ୱାରା ଅଡିଟ୍ କରାଯାଇ ତାହାର ବିବରଣୀ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପାଇଁ ବର୍ତ୍ତମାନ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଗୋଟାଏ ପଟେ ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଅନ୍ୟଟି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪। ଉଭୟକୁ ସମାନ୍ତରାଳ ଭାବେ ପରିଚାଳିତ କରାଗଲେ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟ ମାନଙ୍କରେ ଶିକ୍ଷାର ବିକାଶ ହୋଇପାରିବ। ରାଜ୍ୟରେ ୨୫ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ହୋଇଥିଲା ବେଳେ ୮ଟି ଘରୋଇ ଅନୁମୋଦିତ ବିଶ୍ୱବିଦ୍ୟାଳୟ। ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୦ଟିରେ ନିୟମିତ କୁଳପତି ନାହାନ୍ତି, ୬୫% ପ୍ରଫେସର ଓ ୭୩% ଅଣଶିକ୍ଷକ ପଦବି ମଧ ଖାଲି ପଡ଼ିଛି। ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଉ ନ ଥିବାରୁ ପାଠପଢ଼ା ଓ ଗବେଷଣା ଏକପ୍ରକାର ଠପ୍ ହୋଇଯାଇଛି। ନୂଆ ଅଧିନିୟମ ଆସିବାପରେ ସେଥିରେ ସୁଧାର ଆସିବ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ଗବେଷଣା ପାଠ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ ଓ ଅଧାପିକା ମାନଙ୍କୁ ଗବେଷଣାରେ ଅନ୍ତର୍ଭୁକ୍ତ କରାଗଲେ ସେମାନେ ନିଜ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଗବେଷଣା କ୍ଷେତ୍ରରେ ସହଯୋଗ କରିପାରିବେ। ନୂତନ ଭାବେ ଗଢ଼ି ଉଠିଥିବା ବିଶ୍ୱବିଦ୍ୟାଳୟ ମାନଙ୍କ ଭିତ୍ତିଭୂମିର ଉନ୍ନତି ନିମନ୍ତେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏଥି ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ବିଶ୍ୱବିଦ୍ୟାଳୟରେ ସିନେଟ୍ ସମେତ ସିଣ୍ଡିକେଟ୍, ଏକାଡେମିକ କାଉନସିଲ୍, ଫାଇନାନ୍ସ କମିଟି, ବିଲଡିଂ ଆଣ୍ଡ ୱାର୍କସ କମିଟି ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟ କମିଟି ଗଠନ କରାଯାଇପାରିବ। ଛାତ୍ରଛାତ୍ରୀଙ୍କ ଉଚ୍ଚତର ଶିକ୍ଷାଲାଭ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପ୍ରକ୍ରିୟା ଉଚ୍ଚଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟକାରୀ ହେଉଥିବା ବେଳେ ସଠିକ୍ ସମୟରେ ସମସ୍ତ ପରୀକ୍ଷା ପରିଚାଳନା କରି ଫଳ ପ୍ରକାଶିତ କରିବା ବିଶ୍ୱବିଦ୍ୟାଳୟର ପ୍ରମୁଖ କାର୍ଯ୍ୟ। ଯଦି ଫଳ ପ୍ରକାଶନର ବିଳମ୍ବ ହୋଇଥାଏ ତେବେ ଗବେଷଣା ପାଠ୍ୟକ୍ରମ କିମ୍ବା ଜାତୀୟ ସ୍ତରର ପ୍ରତିଯୋଗିତାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହୋଇଥାନ୍ତି। ରାଜ୍ୟର ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ।

**ଅଧାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଭାରତୀୟ ଦର୍ଶନରେ ସାରା ବିଶ୍ୱ ଏକ ପରିବାର



**ଗୋପାଳ ମହାପାତ୍ର**

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି ଓ ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଚେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତୃଭାବରେ ଲଢ଼ା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢ଼ାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତୃପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧମରେ ନିଜର ବର୍ଚ୍ଚସ୍ୱସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ ଜରୁରୀ। ଏହି ପୃଷ୍ଠଭୂମୀରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ ଜରୁରୀ।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୂନୀ ଋଷି ଏପରିକି କଳାକାର ଏବଂ ସାହିତ୍ୟକ ମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ- ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ – "ଏକ୍ ସତ୍ ବିପ୍ରା ବହୁଧା ବଦନ୍ତି" କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀ ମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରୂପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରୂପ ବିଭିନ୍ନ ପନ୍ଥା/ ଧର୍ମର ସହଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥାଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ , ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥୀକ ସମ୍ପଦ ମଧ ଭରିରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡ଼ିଆ' ବୋଲି କହୁଥିଲେ। "ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିର' ଏହି ସୂତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥୀକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ "ବସୁଧୈଅବ କୁଟୁମ୍ବକମ୍" ରୂପରେ ଦେଖିବାକୁ ଲାଗିଲା। ୨୦୦୦ ବର୍ଷ ପୁର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିନ୍ତନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ –କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ ଏବଂ ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧିରେ ଧିରେ ଖ୍ରୀଷ୍ଟ ଧର୍ମ ନାମକ ଧର୍ମ ଅନ୍ୟ ଦେଶ ମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଏହାର ପାଖାପାଖି ୫୦୦ ବର୍ଷପରେ ପୁନଃ ଏକ ନୂଆ ବିଚାର ଜନ୍ମନେଲା। ପୁରୁଷ ପ୍ରଧାନ ଏହି ବିଚାର ବା ଚିନ୍ତନ ନାରୀ ତଥା ପ୍ରକୃତିକୁ ଉପଭୋଗର ବସ୍ତୁ ଭାବେ ଚିତ୍ରିତ କରିବା ସହ ଏସବୁ ଉପରେ କବ୍‌ଜା ଜମାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଏମାନେ କୁରାନ ନାମକ ଗ୍ରନ୍ଥର ରଚନା କରି ଇସଲାମ ଧର୍ମର ସ୍ଥାପନା କରି ଥିଲେ। କେବଳ ଛଳ କପଟ ନୁହେଁ ଶସ୍ତ୍ରର ସାହାଯ୍ୟରେ ଏହି ଧର୍ମର ବିସ୍ତାର ଆରମ୍ଭ ହେଲା। ପାଖାପାଖି ୪୦୦ ବର୍ଷ ମଧରେ ଅନେକ ଦେଶରେ ନିଜର ସ୍ଥିତି ସୁଦୃଢ଼ କରି ଏମାନେ ଭାରତ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଭାରତର ଉଦାରତା ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଛୋଟ ଛୋଟ ରାଜ୍ୟର ରାଜା ମାନଙ୍କ ମଧରେ ଥିବା ମତାନ୍ତର ଓ ପରସ୍ପର ମଧରେ ଲଢେଇ ଏମାନଙ୍କୁ ସୁହାଇଥିଲା। କ୍ରମାଗତ ଭାବେ ୭୦୦ ବର୍ଷ ସେମାନେ ଭାରତର ଅନେକ ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ସହାୟତାରେ ଏହି ଭୂଭାଗରେ ଶାସନ କରିଥିଲେ। ଇସଲାମ ଧର୍ମର ବିସ୍ତାର ପାଇଁ ଅନ୍ୟ ଧର୍ମର ମାନ୍ୟତା ଉପରେ, ପ୍ରତୀକ ଉପରେ ଏବଂ ସାଧନା କେନ୍ଦ୍ର ଉପରେ ଆକ୍ରମଣ କରିବା ସହ ଶିକ୍ଷା କେନ୍ଦ୍ରକୁ ନଷ୍ଟ କରିବା ଥିଲା ଏମାନଙ୍କ ରଣନୀତି।

ଭାରତ ପାଇଁ ଏହା ଉପେକ୍ଷିତ ନଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜା ମାନଙ୍କ ମଧରେ ମତଭେଦ ସତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତି ର ସାହାଜ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାଷ କେବଳ ରାଜକୀୟ ଗାଦି ପାଇଁ ନଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ। ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୁର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଆଧ୍ୟାତ୍ମିକତାର ପରିଭାଷା ଅଠର ଦେଉଳ



**ଇଂ ସତ୍ୟନାରାୟଣ ମାଝୀ**

ବୈଚିତ୍ର୍ୟମୟ ଓଡିଶାରେ ଚଉଷଠି ପ୍ରକାର ଜନଜାତିଙ୍କ ମଧ୍ୟରେ ବାଥୁଡି ଜନଜାତି ଅନ୍ୟତମ।ସାରା ରାଜ୍ୟରେ ପ୍ରାୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅଧିକାଂଶ ବାଥୁଡି ଜନଜାତିର ଲୋକେ ବସବାସ କରନ୍ତି।ଏହାବାଦ୍ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଧ ଏହି ସମ୍ପ୍ରଦାୟର ଲୋକ କିଛିମାତ୍ରାରେ ବସବାସ କରନ୍ତି।ତତ୍‌ସହିତ ପଡୋଶୀ ଝାଡଖଣ୍ଡ ରାଜ୍ୟରେ ମଧ ଏହି ବାଥୁଡି ଜନଜାତି ବସବାସ କରନ୍ତି।ଯେମିତି ସମସ୍ତ ଜନଜାତିର ସ୍ୱତନ୍ତ୍ର ଐତିହ ଓ ପରମ୍ପରା ରହିଛି।ସେହିଭଳି ଏହି ବାଥୁଡି ସମ୍ପ୍ରଦାୟ ଜନଜାତିମାନଙ୍କର ନିଜସ୍ୱ ସତନ୍ତ୍ର ସଂସ୍କୃତି,ପାରମ୍ପାରିକତା,ଭାଷା ଓ ବେଶଭୂଷା ପୂରାତନ ସମୟରୁ ରହି ଆସିଛି।ବାଥୁଡି ଜନଜାତିଙ୍କର ଇଷ୍ଟ ଓ ଆରାଧ ଦେବତା ହେଉଛନ୍ତି ବାବା ବଡାମ ଠାକୁର ଓ ମାତା ବଡାମଣୀ ଠାକୁରାଣୀ ।ଏହି ଠାକୁର ଠାକୁରାଣୀଙ୍କର ସତନ୍ତ୍ର ପୂଜାର୍ଚ୍ଚନା ବିଧିବ୍ୟବସ୍ଥା ମଧ ଆଦି ଅନାଦି କାଳରୁ ରହି ଆସିଛି।ଏମାନେ ବସବାସ କରୁଥିବା ସମସ୍ତ ବସତିରେ ବଡାମ ଶାଳ ବା ଆରାଧନା ସ୍ଥଳୀ ରହିଛି,ଯେଉଁଠାରେ ସେମାନେ ବାବା ବଡାମ ଓ ମାତା ବଡାମଣୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି।ବାଥୁଡି ଜନଜାତିର ସତନ୍ତ୍ର ଭାକ୍ତିକ ପୂଜାସ୍ଥଳୀ ହେଉଛି ମହିମାମୟ ଅଠରଦେଉଳ।ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆର ନଅଣା ଦକ୍ଷିଣ ରେଂଜ୍‌ର ବକୁଆ ଫରେଷ୍ଟ ସେକସନ୍‌ରୁ କିଛି ଦୂରରେ ରହିଛି ଏହି ଆଦି ଉପାସନା ସ୍ଥଳୀ।କିମ୍ବଦନ୍ତୀ ଓ ଲୋକବିଶ୍ୱାସ ଅନୁସାରେ ବିଗତ ଆଠଶହ ବର୍ଷ ଧରି ଏଠାରେ ପୂଜାପାଉଥିବା ସ୍ଥଳୀରେ ଅଠରଟି ଦେଉଳ ରହିଛି।ଆସୁଥିବା ଏହି ପୀଠରେ ରହିଛି ଅଠରଟି ଦେଉଳ ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ଅଠରଦେଉଳ ସ୍ଥଳୀମାନଙ୍କ ମଧରେ ପ୍ରମୁଖ ହେଉଛି ମାନବ ଦେଉଳ।ଖ୍ରୀ. ପୂ. ୪୫୪ରେ ଏହି ଦେଉଳକୁ ମଣିଷମାନଙ୍କ ଦ୍ୱାରା ନିର୍ମିତ କରାଯାଇଛି।

ଏହି ଦେଉଳଟି ବହୁ ବର୍ଷରୁ ନିର୍ମିତ ହୋଇଥିବାରୁ ଏବେ ଏହା ଭଗ୍ନପ୍ରାୟ ଅବସ୍ଥାରେ ରହିଛି।ବିସ୍ମୟର କଥା ଦେଉଳଟିର ନିର୍ମାଣରେ କେବଳମାତ୍ର ମାଙ୍କଡା ପଥରର ବ୍ୟବହାର ହୋଇଥିବା ବେଳେ ପଥର ପଥରକୁ ଯୋଡିବାକୁ ଚୂନ,ଗୁଡ ଅଥବା ଅନ୍ୟ କୌଣସି ଅଠାଜାତୀୟ ଦ୍ରବ୍ୟ ବ୍ୟବହୃତ ହୋଇନାହିଁ।ଜନବସତିଠାରୁ ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ କିଲୋମିଟର ଦୂରତାରେ ଅବସ୍ଥିତ ଏହି ସ୍ଥଳୀକୁ କେବଳ ଚୈତ୍ରମାସରେ ଭକ୍ତ ଓ ଶ୍ରଦ୍ଧାଳୁ ବାର୍ଷିକ ପୂଜା ପାଇଁ ଯାଇଥାନ୍ତି।ଚୈତ୍ରମାସରେ ଏହି ପୀଠ ସାଜିଥାଏ ସହସ୍ର ସହସ୍ର ଭକ୍ତମାନଙ୍କର ତୀର୍ଥସ୍ଥଳୀ। ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆ ଭିତରେ ଥିବା ଏହି ସ୍ଥାନ ଜଙ୍ଗଲ ବିଭାଗ ଅଧିନରେ ଥିବା କାରଣରୁ ଏହି ସମୟରେ ଆବଶ୍ୟକୀୟ ଅନୁମତି ମିଳିଥାଏ,ଅଠରଦେଉଳକୁ ପ୍ରବେଶ ନିମନ୍ତେ।ପ୍ରଚଳିତ ପ୍ରବାଦ ଅନୁସାରେ ପ୍ରତିବର୍ଷ ଅଠର ଦେଉଳର ମାନବ ଦେଉଳ ପ୍ରାଙ୍ଗଣରେ ସାତଦିନ ଧରି ପତ୍ର କୁଡିଆ ଓ ଅସ୍ଥାୟୀ ତମ୍ବୁ



ନିର୍ମାଣ କରି ଭକ୍ତମାନେ ପୂଜାର୍ଚ୍ଚନାରେ କରିଥାନ୍ତି।ଏହି ପୂଜାକୁ ବାଥୁଡି ଜନଜାତିର ଲୋକେ ନିଷ୍ଠାର ସହିତ କରିଥାନ୍ତି।ବାଥୁଡି ସମ୍ପ୍ରଦାୟର ଲୋକ ହିଁ ଦେହୁରୀ(ପୂଜକ) ସାଜି ବଂଶାନୁକ୍ରମେ ଏହି ପୂଜାକୁ ଦୀର୍ଘ ଶତାବ୍ଦୀ ଶତାବ୍ଦୀ ଧରି କରିଆସୁଛନ୍ତି।ଏହି ଅଂଚଳ ହିଂସ୍ରଜନ୍ତୁମାନଙ୍କର ବାସସ୍ଥଳୀ ହୋଇଥିବା ସତ୍ତ୍ୱେ ପୂଜାପାଠ ସମୟରେ ଠାକୁରଙ୍କର ଅପାର କୃପାରୁ କୌଣସି ଅଘଟଣ ଘଟିନାହିଁ ବୋଲି ଭକ୍ତମାନଙ୍କର ମତ।ଏହି ପୂଜାର୍ଚ୍ଚନା ବେଳେ ଭକ୍ତମାନେ ଯଶିପୁର ଏବଂ ଉଦଳା ପଟୁ ଶିମିଳିପାଳ ଭିତରକୁ ପ୍ରବେଶ କରଥାନ୍ତି।ରାସ୍ତାରେ ପଡୁଥିବା ବିଭିନ୍ନ ପୂଜାଶାଳମାନଙ୍କରେ ପୂଜାର୍ଚ୍ଚନା କରି ଭିତରକୁ ପ୍ରବେଶ କରିଥାନ୍ତି।ଶେଷରେ ମାନବ ଦେଉଳ ନିକଟରେ ପହଂଚି ସେଠାରୁ ବିଭିନ୍ନ ସ୍ଥାନରେ ଥିବା ତାଙ୍କର ସମସ୍ତ ଇଷ୍ଟ ଦେବା ଦେବୀମାନଙ୍କୁ ପୂଜାର୍ଚ୍ଚନା କରିବାକୁ ଯାଇଥାନ୍ତି।ମାନବଦେଉଳରେ ରହଣିବେଳେ ଏହି ବାଥୁଡି ସମ୍ପ୍ରଦାୟର ଲୋକେ ଗୋମୂତ୍ର ପାନ କରି ନିଜକୁ ପବିତ୍ର କରି ପୂଜାରେ ସାମିଲ ହୋଇଥାନ୍ତି।ତାଙ୍କର ସତନ୍ତ୍ର ପାରମ୍ପାରିକ ପୂଜା ପୋଷାକ ପୁରୁଷମାନେ ଧଳାରଙ୍ଗର ଧୋତି ଓ ମହିଳାମାନେ ନାଲିଧଡି ଥିବା ଧଳାରଙ୍ଗର ଫୁଲଫୁଟା ଶାଢୀ ପରିଧାନ କରି ଅଠରଦେଉଳକୁ ପ୍ରବେଶ କରିଥାନ୍ତି।ଅଠରଦେଉଳରେ କୌଣସି ପ୍ରକାରର ସୌଖିନ ପଦାର୍ଥ ବା ବସ୍ତୁ ବ୍ୟବହାର ବାରଣ, ଯେମିତିକି ସାବୁନ୍,ତେଲ, ଗହଣା ଇତ୍ୟାଦି।ପ୍ରକୃତିର କୋଳରେ ରହି ବିଭିନ୍ନ ଔଷଧୀୟ ବୃକ୍ଷ,ସଂସ୍ପର୍ଶରେ ଆସି ଲୋକେ ବର୍ଷ ତମାମ ନିରୋଗ ରୁହନ୍ତି ବୋଲି ବିଶ୍ୱାସ ରହିଛି।ଠାକୁରଙ୍କ ନିକଟରେ ଯିଏ ଯାହା ମନାସୀ ଥାଆନ୍ତି ଅଥବା କୌଣସି ମନସ୍କାମନା କରିଥାଆନ୍ତି ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି।ଏଠାରେ ଚାଙ୍ଗୁଖିଳା ପ୍ରସ୍ତୁତ କରି ବାଥୁଡି ଜନଜାତିଙ୍କର ପାରମ୍ପାରିକ ନୃତ୍ୟ ଚାଙ୍ଗୁନୃତ୍ୟକୁ ରାତି ତମାମ ପରିବେଷଣ କରିଥାନ୍ତି।ବାବା ବଡାମ ଓ ମାତା ବଡାମଣୀକୁ ନୃତ୍ୟଗୀତ ମାଧମରେ ସନ୍ତୁଷ୍ଟ କରିବାପାଇଁ ଚେଷ୍ଟା କରିଥାନ୍ତି।ଦେବବାଦ୍ୟ ଚାଙ୍ଗୁର ତାଳେ ତାଳେ ପୁଲକିତ ହୋଇଉଠେ ନିସ୍ତବ୍ଧ ଶିମିଳିପାଳର ଏହି ବନ ମୂଳକ।ଅନ୍ତିମଦିନରେ ମାନବଦେଉଳରେ ଏକ ସତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ ତାହା ହେଉଛି ବଡପୂଜା।ଏହି ପୂଜାକୁ ସମ୍ପନ୍ନ କରି ବାହୁଡିଥାନ୍ତି ନିଜ ନିଜ ଗନ୍ତବ୍ୟସ୍ଥଳୀକୁ।ବେଶ୍ ଉଲ୍ଲେଖନୀୟ ସାଜିଥାଏ ଏହି ପୂଜା ବାଥୁଡି ଜନଜାତି ସମାଜର ଅଭିବୃଦ୍ଧି ଏବଂ ମହାନ୍ ସଂସ୍କୃତି ପରମ୍ପରାକୁ ଉଜ୍ଜିବୀତ କରିବା ଲାଗି।ଏହି ଆଧାତ୍ମିକ ବାତାବରଣ ସମସ୍ତଙ୍କ ମନରେ ଭରିଦେଇଥାଏ ଭକ୍ତି ଭାବର ଉଦବେଳନ।ଆଉ ସେଠାରୁ ଫେରିଆସି ଦୀର୍ଘ ଏକମାସ ଧରି ବିଭିନ୍ନ ବାଥୁଡି ଅଧ୍ୟୁଷିତ ଗାଁମାନଙ୍କରେ ଥିବା ବଡାମ ଶାଳରେ ବାବା ବଡାମ ଓ ମାତା ବଡାମଣୀକୁ ପୂଜା ନିବେଦନ ବାଢିଥାନ୍ତି।ବାଥୁଡି ଜାତିର ସଂସ୍କୃତିରେ ଏହି ମହାର୍ଘ୍ୟ ଆଧାତ୍ମିକ ବିଧିବିଧାନ ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଆଜିର ବିଜ୍ଞାନ ଓ ପ୍ରଯୁକ୍ତିବଦ୍ୟାର ଯୁଗରେ ଆଗାମୀ ପିଢ଼ିପାଇଁ ଏକ ଆହ୍ୱାନ୍ କହିଲେ ଅତ୍ୟୁକ୍ତି ହେବନାହିଁ।

**ଷ୍ଟାଣ୍ଡିଂ କମିଟି ସଦସ୍ଯ,ଓଡିଶା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ**
**ମୋବାଇଲ୍: ୯୪୩୮୫୩୭୦୧୩**

### ନିଯୁକ୍ତି ଉପରେ ଲାଗିଲା ରୋକ

# ୱାକଫ ଉପରେ ଜବାବ ପାଇଁ କେନ୍ଦ୍ରକୁ ୭ ଦିନ ମହଲତ




**ନୂଆଦିଲ୍ଲୀ,୧୭।୪:** ସୁପ୍ରିମକୋର୍ଟରେ ଗୁରୁବାର ଦ୍ୱିତୀୟ ଦିନ ୱାକଫ ସଂଶୋଧନ ଆଇନ ୨୦୨୫ କୁ ନେଇ ଅନୁଷ୍ଠିତ ଶୁଣାଣିରେ ମହାଧିବକ୍ତା ତୁଷାର ମେହେଟ୍ଟା କୋର୍ଟଙ୍କୁ ଭରସା ଦେଇ କହିଛନ୍ତି ଯେ ୱାକଫ ଅଥବା ୱାକଫ ବାୟ ୟୁଜରର ଯେଉଁ ସମ୍ପତ୍ତି ପୂର୍ବରୁ ରେଜିଷ୍ଟର୍ଡ ଅଛି, ସରକାର ସେଗୁଡିକୁ ଅଣ-ଅଧିସୂଚିତ (ଡି ନୋଟିଫାଏ) କରିବେ ନାହିଁ। ସେହିପରି ଏହି ମାମଲାରେ ଜବାବ ଦେବା ପାଇଁ ମେହେଟ୍ଟା ୭ ଦିନ ସମୟ ମାଗିଥିଲେ, ଯାହାକୁ କୋର୍ଟ ସ୍ୱୀକାର କରିଛନ୍ତି। ୱାକଫ ସଂଶୋଧନ ଆଇନ ଉପରେ ଏବେ ପରବର୍ତ୍ତି ଶୁଣାଣି ମେ ୫ ତାରିଖରେ ଅନୁଷ୍ଠିତ ହେବ। ଏହି ଆଇନ ଉପରେ ସୁପ୍ରିମକୋର୍ଟ ଏବେ ରୋକ ଲଗାଇ ନାହାନ୍ତି। ହେଲେ କୋର୍ଟ କହିଛନ୍ତି ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଆଇନ ଅନୁସାରେ କାଉନସିଲ କି ବୋର୍ଡରେ କୌଣସି ନିଯୁକ୍ତି ହୋଇ ପାରିବନି। ସରକାରଙ୍କ ପକ୍ଷ ରଖି ମହାଧିବକ୍ତା ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ୱାକଫ ବାୟ ୟୁଜର ସମ୍ପତ୍ତି ଯାହା ରେଜିଷ୍ଟର୍ଡ ହୋଇଛି ଅଣ-ଅଧିସୂଚିତ( ଡି-ନୋଟିଫାଏ) କରାଯିବ ନାହିଁ। ମେହେଟ୍ଟା ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଯେ ଜିଲ୍ଲାଧିକାରୀ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ କରିପାରିବେ ନାହିଁ। ଏହା ଉପରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆମେ ଆପଣଙ୍କ ବୟାନକୁ ରେକର୍ଡକୁ ନେଉଛୁ। ଏହା ସହିତ ଜବାବ ଦାଖଲ ନିମନ୍ତେ ସରକାରଙ୍କୁ ୭ ଦିନ ସମୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆମେ ଆଇନ ଉପରେ ରୋକ ଲଗାଉ ନାହୁଁ, ତେବେ ଯଥାସ୍ଥିତିରେ ଯେପରି କୌଣସି ପରିବର୍ତ୍ତନ ନ ହୁଏ। ଉଚ୍ଚତମ ନ୍ୟାୟାଳୟ ଶୁଣାଣି କାଳରେ ଅଧିନିୟମର କେତେକ ମୁଖ୍ୟ ପ୍ରାବଧାନ ଉପରେ ରୋକ ଲଗାଇବାକୁ ପ୍ରସ୍ତାବ ରଖିଛନ୍ତି, ଯେପରିକି କୋର୍ଟଙ୍କ ଦ୍ୱାରା ୱାକଫ ଘୋଷିତ ସମ୍ପତ୍ତି ଅଣ-ଅଧିସୂଚିତ ( ଡି-ନୋଟିଫାଏ) କରିବାର ଶକ୍ତି ଓ କେନ୍ଦ୍ରୀୟ ୱାକଫ କାଉନସିଲ ଓ ବୋର୍ଡରେ ଅଣ ମୁସଲମାନଙ୍କୁ ସାମିଲ କରିବା ଆଦି ରହିଛି। ତେବେ ଆଇନକୁ ବିରୋଧ କରୁଥିବା ପକ୍ଷଙ୍କ ତରଫରୁ ଓକିଲ କପିଲ ଶିବଲ ତାଙ୍କ ତର୍କ ଉପସ୍ଥାପନ କରି ପଚାରିଥିଲେ ସରକାର କିପରି ନିର୍ଦ୍ଧାରଣ କରିବେ ମୁଁ ମୁସଲମାନ କି ନୁହେଁ ଓ ଏଥି ପାଇଁ ୱାକଫ କରିବାକୁ ପାତ୍ର କି ନୁହେଁ?

### କାଶ୍ମୀରରେ ପୁସ୍ତକ ଝଡ଼

## ଧାରା ୩୭୦କୁ ନେଇ ରହିଛି ରୋଚକ ତଥ୍ୟ




**ଶ୍ରୀନଗର,୧୭।୪:** କାଶ୍ମୀରକୁ ପୁଣି ପେରିଲା ଧାରା ୩୭୦ ରାଜନୀତି । ଏକ ପୁସ୍ତକକୁ ନେଇ କାଶ୍ମୀର ରାଜନୀତିରେ ପୁଣି ଝଡ଼ ଉଠିଛି । ପୁସ୍ତକରେ ରହିଛି ଧାରା ୩୭୦ ଉଚ୍ଛେଦର କାହାଣୀ। ନ୍ୟାସନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବଦୁଲ୍ଲା ଧାରା ୩୭୦ ଉଚ୍ଛେଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଭିତିରିଆ ସମର୍ଥନ କରିଥିଲେ କିନ୍ତୁ ଏହାକୁ ସର୍ବସାଧାରଣରେ ଲୋକ ଦେଖାଣିଆ ବିରୋଧ କରିଥିଲେ । ଭାରତର ଗୁଇନ୍ଦା ସଂସ୍ଥା 'ର'ର ପୂର୍ବତନ ମୁଖ୍ୟ ଏଏସ୍ ଦୁଲତ ତାଙ୍କ ନୂଆ ପୁସ୍ତକ 'ଦ ଚିଫ୍ ମିନିଷ୍ଟର ଆଣ୍ଡ୍ ଦ ସ୍ପାଇ' ରେ ଏପରି ଦାବି କରିଛନ୍ତି। ଫାରୁକ ଅବଦୁଲ୍ଲା ସାର୍ବଜନୀନ ଭାଷଣରେ ଧାରା ୩୭୦ ଉଚ୍ଛେଦ ପାଇଁ ଏନ୍‌ଡିଏ ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଥିଲେ, କିନ୍ତୁ ସେ ବ୍ୟକ୍ତିଗତ ଭାବରେ ଏହାକୁ ସମର୍ଥନ କରିଥିଲେ ବୋଲି ଦୁଲତଙ୍କ ପୁସ୍ତକରେ ଦାବି କରାଯାଇଛି । 'ଆମେ ପ୍ରସ୍ତାବ ପାରିତ କରିବାରେ ସାହାଯ୍ୟ କରିଥାନ୍ତୁ । ଆମକୁ କାହିଁକି ବିଶ୍ୱାସକୁ ନିଆଗଲା ନାହିଁ' ବୋଲି ଅବଦୁଲ୍ଲା କୁଆଡ଼େ ପୂର୍ବତନ 'ର' ମୁଖ୍ୟଙ୍କୁ ପଚାରିଥିଲେ ବୋଲି ରିପୋର୍ଟରେ କୁହାଯାଇଛି । ସଂସଦରେ ବିଲ୍ ଆଗତ ହେବା ପୂର୍ବରୁ ଫାରୁକ୍ ଅବଦୁଲ୍ଲା, ତାଙ୍କ ପୁଅ ଓମାର ଅବଦୁଲ୍ଲା ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦିଲ୍ଲୀରେ ଏକ ବ୍ୟକ୍ତିଗତ ବୈଠକ ବିଷୟରେ ମଧ୍ୟ ଦୁଲତ ଉଲ୍ଲେଖ କରିଛନ୍ତି । ତେବେ ନ୍ୟାସନାଲ କନଫରେନ୍ସ ପକ୍ଷରୁ ପୂର୍ବତନ 'ର' ମୁଖ୍ୟଙ୍କ ଦାବିକୁ ଖଣ୍ଡନ କରାଯାଇଛି ।

## ସିବିଆଇ ଚଢାଉ ପରେ ଦିଲ୍ଲୀରେ ରାଜନୈତିକ ବାତାବରଣ ସରଗରମ

● ଆପ୍‌ର ଅନେକ ନେତା ବିଜେପି ସମ୍ପର୍କରେ



**ନୂଆଦିଲ୍ଲୀ,୧୭।୪:** ବିଧାନସଭା ନିର୍ବାଚନ ଶେଷ ହେବା ପରେ ମଧ୍ୟ, ଦିଲ୍ଲୀ ରାଜନୀତିରେ ପରିବର୍ତ୍ତନ ଏବଂ ଅନ୍ୟମାନଙ୍କ ବିଶ୍ୱାସ ପରିବର୍ତ୍ତନ କରିବାର ପ୍ରୟାସ ଜାରି ରହିଛି। ଆମ ଆଦମୀ ପାର୍ଟି(ଆପ୍)ର ଅନେକ ନେତା ଏବଂ କାଉନସିଲର ଆଜିକାଲି ବରିଷ୍ଠ ଭାଜପା ନେତାଙ୍କ ସହ ସମ୍ପର୍କରେ ଅଛନ୍ତି। ଖୁବଶୀଘ୍ର ଏହି କାଉନସିଲରମାନଙ୍କ ମଧ୍ୟରୁ ଅନେକ ଭାଜପାରେ ଯୋଗଦେବେ। ଏହା ପୌର ନିଗମରେ ଭାଜପାର ସ୍ଥିତିକୁ ଆହୁରି ମଜବୁତ କରିବ। ଏହା ୨୫ ଏପ୍ରିଲରେ ହେବାକୁ ଥିବା ମେୟର ନିର୍ବାଚନରେ ଲାଭଦାୟକ ହେବ। ବିଧାନସଭା ନିର୍ବାଚନ ପୂର୍ବରୁ, ଅନେକ ଆପ ବିଧାୟକ ଏବଂ କାଉନସିଲର ଭାଜପାରେ ଯୋଗ ଦେଇଥିଲେ। ନିର୍ବାଚନ ପରେ ଦଳରେ ବିଦ୍ରୋହ ବନ୍ଦ ହୋଇଯିବ ବୋଲି ଆଶା କରାଯାଉଥିଲା, କିନ୍ତୁ ପରିସ୍ଥିତିରେ ଉନ୍ନତି ହେଉନାହିଁ। କୁହାଯାଉଛି ଯେ ଆପ୍‌ରେ ସାଂଗଠନିକ ପୁନର୍ଗଠନ ପରେ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସୌରଭ ଭରଦ୍ୱାଜଙ୍କୁ ରାଜ୍ୟ ସଂଯୋଜକ କରାଯିବା ଉପରେ ଅନେକ ନେତା କ୍ଷୁବ୍ଧ। ସେ ଦଳ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ, ସେ ଆପ୍ ଛାଡି ଭାଜପାରେ ଯୋଗ ଦେଇଥିବା ନେତାମାନଙ୍କ ମାଧ୍ୟମରେ ଭାଜପା ଏମପି ଏବଂ ବିଧାୟକଙ୍କ ସହିତ ରାଜ୍ୟ ପଦାଧିକାରୀଙ୍କ ସହ ଯୋଗାଯୋଗ କରୁଛନ୍ତି। ଜଣେ ଭାଜପା ନେତା କହିଛନ୍ତି ଯେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରୁ ଆପ୍ ନେତାମାନେ ଯୋଗାଯୋଗ କରୁଛନ୍ତି। ଅଞ୍ଚଳରେ ତାଙ୍କର ଭାବମୂର୍ତ୍ତି ଏବଂ ଭାଜପାରେ ତାଙ୍କର ଉପଯୋଗିତାକୁ ଧ୍ୟାନରେ ରଖି ଯେକୌଣସି ନିଷ୍ପତ୍ତି ନିଆଯିବ। ନିକଟରେ, କେତେଜଣ ବିଧାୟକଙ୍କ ସହିତ ରାଜ୍ୟ ପଦାଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୧୫ଜଣ କାଉନସିଲରଙ୍କୁ ଦଳରେ ସାମିଲ କରିବା ପାଇଁ ସର୍ବସମ୍ମତି ହୋଇଥିଲା।

## ଶିଶୁ ସୁରକ୍ଷା ଲାଗି ଯୋଗୀ ସରକାରଙ୍କ ବଡ଼ ପଦକ୍ଷେପ



**ଉତ୍ତରପ୍ରଦେଶ,୧୭।୪:** ଯୋଗୀ ସରକାର ଶିଶୁମାନଙ୍କ ସୁରକ୍ଷା ଲାଗି ନେଲେ ବଡ଼ ପଦକ୍ଷେପ। ପ୍ରାଥମିକ ସ୍ତରରେ ଶିଶୁମାନଙ୍କ ସୁରକ୍ଷା ଲାଗି ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮କୁ ଆହୁରି ଅଧିକ ସଶକ୍ତ କରିବାକୁ ବଡ଼ ପଦକ୍ଷେପ ଉଠାଇଛନ୍ତି। ସରକାରଙ୍କ ଉଦ୍ଦେଶ୍ୟ ଅଛି କି ସଂକଟ ସ୍ଥିତିରେ କୌଣସି ବି ଶିଶୁ ନିଜକୁ ଏକାକୀ ଅନୁଭବ ନ କରୁ ଏବଂ ଠିକ୍ ସମୟରେ ତାକୁ ସହାୟତା ମିଳିପାରୁ। ରାଜ୍ୟ ସରକାରଙ୍କ ଦ୍ୱାରା ଓ୍ୱିମେନ ଆଣ୍ଡ ଚାଇଲ୍ଡ ହେଲ୍ପଲାଇନ ଡେସ୍କକୁ ଆହୁରି ମଜବୁତ କରାଯିବାକୁ ପ୍ରୟାସ କରାଯାଉଛି। ଏହି ଡେସ୍କରେ ଷ୍ଟାଫଙ୍କ ସଂଖ୍ୟା ବଢ଼ାଯିବ, ଫଳରେ କଲ୍ ରେସପନ୍ସ ଏବଂ ଅଭିଯୋଗକୁ ଖୁବଶୀଘ୍ର ସମାଧାନ କରାଯାଇପାରିବ। ଜିଲ୍ଲା ଗୁଡ଼ିକରେ କାର୍ଯ୍ୟରତ ଚାଇଲ୍ଡ ହେଲ୍ପଲାଇନ ୟୁନିଟ୍ସରେ ବି ଷ୍ଟାଫ୍ ବଢାଇବାର ଯୋଜନା ଅଛି। ଯାହା ଫଳରେ ଗ୍ରାଉଣ୍ଡ ଜିରୋରେ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ ହୋଇପାରିବ।

## ମୁର୍ଶିଦାବାଦର ଦଙ୍ଗା ପ୍ରଭାବିତ ଅଞ୍ଚଳକୁ ନ ଯାଆନ୍ତୁ ରାଜ୍ୟପାଳ: ମମତା



**କୋଲକାତା,୧୭।୪:** ଦଙ୍ଗା ପ୍ରଭାବିତ ମୁର୍ଶିଦାବାଦ ପରିଦର୍ଶନ ନକରିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଅଧିକାର ସୀମା ୫୦ କିଲୋମିଟର ଯାଏଁ ବୃଦ୍ଧି କରାଯାଇ ଥିବାରୁ ବିଏସଏଫ ଉତ୍ତର ଦାୟିତ୍ୱ ନେବ। ସେପଟେ ବେଙ୍ଗଲକୁ କେତେ ବିଦେଶୀ ପ୍ରବେଶ କରୁଛନ୍ତି ସେନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ତଥ୍ୟ ଦେଉନାହିଁ ବୋଲି ମମତା ଅଭିଯୋଗ କରିଛନ୍ତି। ମମତା ବାନାର୍ଜୀ କହିଛନ୍ତି, ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି।ମୁର୍ଶିଦାବାଦରେ ୱାକଫ୍ ସଂଶୋଧନ ଆଇନ ବିରୋଧୀ ହିଂସା ଉଗ୍ର ରୂପ ଧାରଣ କରିଥିଲା। ଦଙ୍ଗା ପ୍ରଭାବିତ ଜିଲ୍ଲା ମୁର୍ଶିଦାବାଦ ଯାଇ ବେଙ୍ଗଲ ରାଜ୍ୟପାଳ ସିଭି ଆନନ୍ଦ ବୋଷ ସ୍ଥିତି ସମୀକ୍ଷା କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଗଣମାଧ୍ୟମ ରିପୋର୍ଟକୁ ନେଇ ମମତା ବାନାର୍ଜୀ ପ୍ରତିକ୍ରିୟା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଅନ୍ୟ କାହାକୁ ମୁର୍ଶିଦାବାଦ ନଯିବାକୁ ଅନୁରୋଧ କରିବେ ବୋଲି ମମତା କହିଛନ୍ତି। ସଂଶୋଧିତ ୱାକଫ ଆଇନ୍ ବିରୋଧରେ ମୁର୍ଶିଦାବାଦରେ ଜାରି ଆନ୍ଦୋଳନରେ ପ୍ରାୟ ୩ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ବହୁ ସଂଖ୍ୟକ ବିଏସଏଫ୍ ଯବାନ ଏବଂ ପୋଲିସ କର୍ମୀ ନିୟୋଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସୀମା ସୁରକ୍ଷା ଆଇନ୍‌ରେ ପରିବର୍ତ୍ତନକୁ ନେଇ କେନ୍ଦ୍ରକୁ ସମାଲୋଚନା କରି କହିଛନ୍ତି, ଗୃହମନ୍ତ୍ରୀ ଏକ ନୂଆ ନିୟମ ଆଣିଛନ୍ତି। ଏଥିରେ ବିଏସଏଫର ଅଧିକାର କ୍ଷେତ୍ରକୁ ୧୫ କିଲୋମିଟରରୁ ବଢ଼ାଇ ୫୦ କିଲୋମିଟର କରି ଦିଆଯାଇଛି। ତେଣୁ ବିଏସଏଫକୁ ଉତ୍ତରଦାୟୀ ହେବା ଦରକାର। ସେପଟେ ବେଙ୍ଗଲକୁ କେତେ ବିଦେଶୀ ପ୍ରବେଶ କରୁଛନ୍ତି ସେନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ରାଜ୍ୟ ସରକାରଙ୍କୁ ସୂଚନା ଦେଉ ନାହିଁ ବୋଲି ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

## ଗ୍ୟାଙ୍ଗଷ୍ଟର ଟାର୍ଗେଟରେ ବେରୋଜଗାର

## ଲରେନ୍ସର ନୂଆ ଯୋଜନା



**ନୂଆଦିଲ୍ଲୀ,୧୭।୪:** ଲରେନ୍ସ ବିଷ୍ଣୋଇ ମହାରାଷ୍ଟ୍ରରେ ବେକାର ପୁଅମାନଙ୍କୁ ନିଯୁକ୍ତି ଦେବା ପାଇଁ ଏକ ବିପଦପୂର୍ଣ୍ଣ ଯୋଜନାରେ କାମ କରୁଛନ୍ତି। ବିଶେଷକରି ମୁମ୍ବାଇ ଏବଂ ପୁଣେର ଯୁବକମାନେ ଲରେନ୍ସ ଗ୍ୟାଙ୍ଗର ଟାର୍ଗେଟରେ। ଏନ୍‌ଡିଟିଭିର ସୂଚନା ଅନୁସାରେ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଗତ କିଛି ବର୍ଷ ଧରି ଦେଶର ବିଭିନ୍ନ ରାଜ୍ୟରେ ସକ୍ରିୟ ଅଛି ଏବଂ ଅନେକ ସହରରେ ଅପରାଧିକ କାର୍ଯ୍ୟ କରିଛି। ଏବେ ତଦନ୍ତକାରୀ ସଂସ୍ଥା ସୂତ୍ର ଅନୁସାରେ, ଲରେନ୍ସ ବିଷ୍ଣୋଇ ତାର ଗ୍ୟାଙ୍ଗକୁ ଆହୁରି ମଜବୁତ କରିବାକୁ ଯୋଜନା କରୁଛି। ଏଥର ଏହାର ଟାର୍ଗେଟରେ ମହାରାଷ୍ଟ୍ରର ଦୁଇଟି ବଡ଼ ସହର ମୁମ୍ବାଇ ଏବଂ ପୁଣେ, ଯେଉଁଠାରେ ଅସହାୟ ଏବଂ ବିପଥଗାମୀ ଯୁବକମାନଙ୍କୁ ଟାର୍ଗେଟ କରାଯାଉଛି। ବେରୋଜଗାର ଓ ଅସହାୟ ଯୁବକଙ୍କୁ ଗ୍ୟାଙ୍ଗରେ ସାମିଲ କରିବାକୁ ଯୋଜନା: ଏଜେନ୍ସି ସୂତ୍ର ଦାବି କରୁଛି ଯେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଯୁବକମାନଙ୍କୁ ପ୍ରଲୋଭିତ କରୁଛି ଏବଂ ସେମାନଙ୍କୁ ଗ୍ୟାଙ୍ଗରେ ଯୋଗଦେବାକୁ ପ୍ରେରଣା ଦେଉଛି। ସେମାନଙ୍କୁ ଅଞ୍ଚଳରେ ପ୍ରସିଦ୍ଧି, ପ୍ରତିଷ୍ଠା ଏବଂ ପ୍ରାଧାନ୍ୟ ପ୍ରଦାନ କରିବାର ପ୍ରଲୋଭନ ଦେଖାଉଛି। ଏହି ଗ୍ୟାଙ୍ଗ ମୁଖ୍ୟତଃ ସୋସିଆଲ ମିଡିଆ ମାଧ୍ୟମରେ ବେକାର ଏବଂ ଅଧିକ ସକ୍ରିୟ ଯୁବକମାନଙ୍କୁ ଟାର୍ଗେଟ କରୁଛି। ଏପର୍ଯ୍ୟନ୍ତ ଉତ୍ତର ପ୍ରଦେଶ, ବିହାର, ପଞ୍ଜାବ ଏବଂ ହରିୟାଣାର ଅନେକ ଯୁବକଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ସାମ୍ନାକୁ ଆସିଛି ଏବଂ ଏବେ ମହାରାଷ୍ଟ୍ରରେ ମଧ୍ୟ ନିଯୁକ୍ତି ପ୍ରୟାସ ତୀବ୍ର ହୋଇଛି। ସୋସିଆଲ ମିଡିଆ ଉପରେ ନଜର ରଖିଛି ତଦନ୍ତକାରୀ ସଂସ୍ଥା: ସୂତ୍ର ଅନୁଯାୟୀ, ପୁଣେରେ ଦ୍ରୁତ ବିକାଶ କାର୍ଯ୍ୟ ଏବଂ ଜମି କାରବାର ଯୋଗୁଁ ଅନେକ ଛୋଟ ଛୋଟ ଗ୍ୟାଙ୍ଗ ଜନ୍ମ ନେଇଛନ୍ତି। ଏଠାରେ ଅସାମାଜିକ ଯୁବକମାନେ ଜମି ଦଖଲ ଏବଂ ଟଙ୍କା ଆଦାୟ ଭଳି କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଗତ କିଛି ବର୍ଷ ମଧ୍ୟରେ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଅନେକ ମାମଲା ସାମ୍ନାକୁ ଆସିବା ପରେ, ସମାନ ଚିନ୍ତାଧାରା ଥିବା ଲୋକମାନେ ଏଥିରେ ଯୋଗଦେବା ଆରମ୍ଭ କରିଛନ୍ତି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ତଦନ୍ତକାରୀ ସଂସ୍ଥା ସୋସିଆଲ ମିଡିଆ ଉପରେ ନଜର ରଖିବା ଆରମ୍ଭ କରିଛି।

## ଭାରତରେ ହେବ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲିଆନ୍ସର ମୁଖ୍ୟାଳୟ, ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ,୧୭।୪:** ଭାରତରେ ସ୍ଥାପନ ହେବ ଇଣ୍ଟରନ୍ୟାସନାଲ ବିଗ୍ କ୍ୟାଟ୍ ଆଲାଏନ୍ସ (ଆଇବିସିଏ)ର ମୁଖ୍ୟାଳୟ ଓ ସେକ୍ରେଟେରିୟେଟ୍। ଗୁରୁବାର ଏନେଇ କେନ୍ଦ୍ର ସରକାର ଓ ଆଇବସିଏ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ଭାରତକୁ ଆଲାଏନ୍ସର ମୁଖ୍ୟାଳୟ ଏବଂ ସଚିବାଳୟ ଭାବରେ ଆନୁଷ୍ଠାନିକ ଘୋଷଣା କରାଯାଇଛି। ଏହା ଦୁଇ ମାସ ପୂର୍ବରୁ ଆଇବିସିଏ ଏକ ପୂର୍ଣ୍ଣାଙ୍ଗ ସନ୍ଧି-ଆଧାରିତ ଆନ୍ତର୍ଜାତୀୟ ସଂଗଠନ ଭାବେ କାର୍ଯ୍ୟକାରୀ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ପ୍ରଥମେ ଆଇବିସିଏ ଗଠନ ପାଇଁ ପ୍ରସ୍ତାବ ଦେଇଥିଲା। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱର ୭ଟି ପ୍ରମୁଖ ବଡ଼ ବିରାଡ଼ି ପ୍ରଜାତି- ବାଘ, ସିଂହ, ଚିତାବାଘ, ହିମଚିତାବାଘ(ସ୍ନୋଲେପର୍ଡ୍ସ), ପୁମା, ଜାଗୁଆର ଓ ଚିତାର ସଂରକ୍ଷଣ କରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ମସିହା ଏପ୍ରିଲ ମାସରେ ପ୍ରୋଜେକ୍ଟ ଟାଇଗରର ୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଅବିସିଏରେ ଶୁଭାରମ୍ଭ କରିଥିଲେ। ଗୁରୁବାର ହୋଇଥିବା ଚୁକ୍ତିକୁ ନେଇ ବୈଦେଶିକ ମନ୍ତ୍ରଣାଳୟ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛି। ଏଥିରେ କୁହାଯାଇଛି "ଏହି ଚୁକ୍ତି ଅନୁଯାୟୀ ଭାରତରେ ଆଇବସିଏର ମୁଖ୍ୟାଳୟ ଓ ସଚିବାଳୟ ସ୍ଥାପନ କରାଯିବ। ଆଇବିସିଏ ଏହାର ଲକ୍ଷ୍ୟ ହାସଲ କରିବା ଏବଂ ଆନୁଷ୍ଠାନିକ କାର୍ଯ୍ୟକୁ ଦକ୍ଷତାର ସହିତ ସମ୍ପାଦନ କରିବା ପାଇଁ ଆବଶ୍ୟକୀୟ ପ୍ରାବଧାନ ମଧ୍ୟ ରହିଛି।"



## ଦୁଇ ଦଶନ୍ଧୀ ପରେ ତାଲିବାନ ଉପରେ ବ୍ୟାନ୍ ହଟାଇଲା ଋଷ



**ମସ୍କୋ,୧୭।୪:** ତାଲିବାନ ଉପରେ ଲାଗିଥିବା ବ୍ୟାନ୍‌କୁ ହଟାଇଲା ଋଷିଆ। ଗୁରୁବାର ଋଷର ସୁପ୍ରିମକୋର୍ଟ ପବ୍ଲିକ ପ୍ରସିକ୍ୟୁଟର ଜେନେରାଲଙ୍କ ଅନୁରୋଧ ପରେ ଦେଶରେ ତାଲିବାନ ଉପରେ ଲଗାଯାଇଥିବା ବ୍ୟାନକୁ ନିଲମ୍ବିତ କରିଛନ୍ତି। ପାଖାପାଖି ଦୁଇ ଦଶନ୍ଧୀ ପରେ ତାଲିବାନ ଉପରେ ବ୍ୟାନ୍ ହଟାଇଛି ଋଷ। ଋଷର ଏଭଳି ପଦକ୍ଷେପ ବିଶ୍ୱକୁ ଚକିତ କରିଛି। ଋଷ ତାଲିବାନକୁ ୨୦୦୩ ମସିହାରେ ଆତଙ୍କବାଦୀ ସଂଗଠନ ତାଲିକାରେ ସାମିଲ୍ କରିଥିଲା। ଋଷ ଆଇନ ଅନୁସାରେ ଏହି ସଂଗଠନ ସହିତ କୌଣସି ପ୍ରକାର ସମ୍ପର୍କ ସ୍ଥାପନ କରିବା ଦଣ୍ଡନୀୟ ଅପରାଧ ଥିଲା। ହେଲେ ଏବେ ସମ୍ପର୍କ ଧୀରେ ଧୀରେ ସୁଧୁରିବାରେ ଲାଗିଛି। କାରଣ ତାଲିବାନ ୨୦୨୧ ଅଗଷ୍ଟ ଠାରୁ ଆଫଗାନିସ୍ତାନରେ ସରକାରରେ ରହିଛି। ତେଣୁ ଋଷ ଏବେ ତାଲିବାନ ସହିତ ସମ୍ପର୍କ ସୁଧାର କରିବା ମଧ୍ୟପ୍ରାଚ୍ୟରେ ତାର ପତିଆରା ବିସ୍ତାର କରିବାକୁ ଯୋଜନା କରୁଥିବା କୁହାଯାଉଛି।

## ପିଓକେ ଖାଲି କରିବାକୁ ପାକିସ୍ତାନକୁ ଚେତାବନୀ

### ପାକ୍ ଆର୍ମି ଚିଫ୍‌ଙ୍କ ବୟାନ ପରେ ଭାରତର ଦୃଢ ଜବାବ



**ନୂଆଦିଲ୍ଲୀ,୧୭।୪:** ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ସଦ୍ୟ ବିବୃତ୍ତିକୁ ନେଇ ଜବାବ ରଖିଲା ଭାରତ। ଅସିଲ୍ ମୁନିର କହିଥିଲେ ଯେ, 'କାଶ୍ମୀର ହେଉଛି ଇସଲାମାବାଦର ଗଳାର ଶିରା'। ଆଉ ଏବେ ଭାରତ ଏହା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଆଉ କହିଛନ୍ତି ଯେ 'କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ପାକିସ୍ତାନର ଏହା ସହିତ କୌଣସି ସମ୍ପର୍କ ନାହିଁ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ' ପାକିସ୍ତାନର କାଶ୍ମୀର ସହ ଏକମାତ୍ର ସମ୍ପର୍କ ହେଉଛି, ଅବୈଧ ଭାବରେ ଅଧିକୃତ ଅଞ୍ଚଳକୁ ଖାଲି କରିବା।'ସେ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, ' କୌଣସି ବିଦେଶୀ ବସ୍ତୁ କିପରି ଗଳାର ଶିରା ହୋଇ ପାରିବ ? ପ୍ରକୃତରେ, ଏହି ବିବୃତ୍ତି ପାକିସ୍ତାନର ଦୀର୍ଘଦିନର ମନୋଭାବ ଉପରେ ଏକ ସିଧାସଳଖ ଆକ୍ରମଣ, ଯେଉଁଥିରେ ସେ କାଶ୍ମୀରକୁ ନିଜର ଅଂଶ ବୋଲି କହୁଛି। ଭାରତର କାଶ୍ମୀର ନୀତି ସର୍ବଦା ସ୍ପଷ୍ଟ ରହିଛି। ଏହା ଭାରତର ଏକ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଏଥିରେ ବାହ୍ୟ ହସ୍ତକ୍ଷେପର କୌଣସି ସୁଯୋଗ ନାହିଁ। ଭାରତର ଏହି ବିବୃତ୍ତି କେବଳ କୂଟନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ଅନ୍ତର୍ଜାତୀୟ ସ୍ତରରେ ଏକ ବାର୍ତ୍ତା ମଧ୍ୟ ପଠାଏ ଯେ, ଭାରତ କାଶ୍ମୀର ସମ୍ପର୍କରେ କୌଣସି ପ୍ରକାରର ବୟାନବାଜି କିମ୍ବା ହସ୍ତକ୍ଷେପକୁ ସହ୍ୟ କରିବ ନାହିଁ। ସୂଚନାଥାଉକି, ଜେନେରାଲ ଅସୀମ ମୁନିରଙ୍କ ଏହି ବୟାନ ଏକ ଭିଡିଓ ବାର୍ତ୍ତା ପରେ ଆସିଥିଲା। ଯେଉଁଥିରେ ସେ ପାକିସ୍ତାନୀ ଯୁବକ ମାନଙ୍କୁ ଦେଶର କାହାଣୀ ମନେ ପକାଇବା ବିଷୟରେ କହିଥିଲେ। ସେ କହିଥିଲେ, 'ଆମର ପୂର୍ବ ପୁରୁଷ ମାନେ ଭାବୁଥିଲେ ଯେ ଆମେ ହିନ୍ଦୁମାନଙ୍କ ଠାରୁ ଭିନ୍ନ, ଆମର ଚିନ୍ତାଧାରା, ଧର୍ମ ଏବଂ ପରମ୍ପରା ଭିନ୍ନ। ଏହା ହେଉଛି ଦ୍ୱି-ରାଷ୍ଟ୍ର ତତ୍ତ୍ୱର ମୂଳଦୁଆ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ପାକିସ୍ତାନର ପ୍ରତ୍ୟେକ ପିଢ଼ି ଦେଶକୁ ସୁରକ୍ଷା ଦେବା ପାଇଁ ବଳିଦାନ ଦେଇଛନ୍ତି ଏବଂ ଆଗାମୀ ପିଢ଼ି ମଧ୍ୟ ପାକିସ୍ତାନର ବାସ୍ତବତାକୁ ବୁଝିବା ଉଚିତ। ତାଙ୍କ ଭାଷଣର ମୁଖ୍ୟ ଲକ୍ଷ୍ୟ ପାକିସ୍ତାନରେ ଜାତୀୟତାବାଦୀ ଭାବନା ଜାଗ୍ରତ କରିବା ଥିଲା, କିନ୍ତୁ ତାଙ୍କର କାଶ୍ମୀର ବୟାନ ଭାରତରେ କ୍ରୋଧ ସୃଷ୍ଟି କରିଥିଲା।

## ଗାଜାରେ ଇସ୍ରାଏଲୀ ଆକ୍ରମଣରେ ଗୋଟିଏ ପରିବାରର ୧୦ ନିହତ

### ଖାଦ୍ୟ ଅଭାବ ନେଇ ଚେତାବନୀ ଦେଲା ଜାତିସଂଘର



**ନୂଆଦିଲ୍ଲୀ,୧୭।୪:** ବୁଧବାର ରାତିରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ଗାଜା ଷ୍ଟ୍ରିପ୍‌ରେ ହୋଇଥିବା ଇସ୍ରାଏଲୀ ବିମାନ ଆକ୍ରମଣରେ ଅତି କମରେ ୨୩ ଜଣ ନିହତ ହୋଇଛନ୍ତି। ଯେଉଁଥିରେ ଗୋଟିଏ ପରିବାରର ୧୦ ଜଣ ରହିଛନ୍ତି ବୋଲି ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ଖାନ୍ ୟୁନିସ୍‌ର ମାୱାସି ଅଞ୍ଚଳରେ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ, ଜାତିସଂଘ ଗାଜାରେ ଇସ୍ରାଏଲର ଛଅ ସପ୍ତାହ ଧରି ଚାଲିଥିବା ଅବରୋଧ ଯୋଗୁଁ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ପ୍ରବେଶ ବନ୍ଦ ଉପରେ ଚିନ୍ତା ପ୍ରକାଶ କରିଛି। ଜାତିସଂଘର ମାନବୀୟ କାର୍ଯ୍ୟାଳୟ (ଓସିଏଚ୍‌ଏ) ଅନୁଯାୟୀ, ଗାଜାର ୨୦ ଲକ୍ଷରୁ ଅଧିକ ଲୋକ ବର୍ତ୍ତମାନ ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ରୂପେ ଦାତବ୍ୟ ସଂସ୍ଥାଗୁଡ଼ିକ ଉପରେ ନିର୍ଭର କରୁଛନ୍ତି। ଗାଜା ଚ୍ୟାରିଟି କିଚେନ୍‌ର ସହ-ପ୍ରତିଷ୍ଠାତା ହାନି ଆଲମାଧୁନ୍ କହିଛନ୍ତି ଯେ ତାଙ୍କ ରୋଷେଇ ଘରେ ଆଉ ମାତ୍ର ତିନି ସପ୍ତାହ ପାଇଁ ଖାଦ୍ୟ ବଳକା ରହିଛି। ଯଦି ବାହାରୁ ସହାୟତା ନପହଞ୍ଚେ ତେବେ ଏହାପରେ ସେ ଆଉ କୌଣସି ପ୍ରକାରରେ ଲୋକଙ୍କୁ ଖାଦ୍ୟ ଯୋଗାଇ ପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଇସ୍ରାଏଲୀ ସେନା ଦାବି କରିଛି ଯେ ସେମାନେ ନିଜ ବନ୍ଧକ ଥିବା ନାଗରିକମାନଙ୍କୁ ହମାସ୍ କ୍ଷତି ନ ପହଞ୍ଚାଇବା ପାଇଁ ଏହି ଚେଷ୍ଟା କରୁଛନ୍ତି। ଗାଜାର ନାଗରିକଙ୍କର ମୃତ୍ୟୁ ପାଇଁ ସେନା ହମାସ୍‌କୁ ଦାୟୀ କରିଛି। କାରଣ ହମାସ୍ ଏହି ଆବାସିକ ଅଞ୍ଚଳରେ ନିଜ ଅପରେସନ ଜାରି ରଖିଛି।

● ଗଣମାଧ୍ୟମ ସଂସ୍ଥାକୁ ଟ୍ରମ୍ପଙ୍କ ଟାର୍ଗେଟ

## ପ୍ରେସ୍ ପୁଲ୍‌ରୁ ରଏଟର୍ସ, ବ୍ଲୁମ୍‌ବର୍ଗ ଓ ଏପି ବିଦା



**ୱାଶିଂଟନ ଡିସି,୧୭।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ କିଛି ପ୍ରମୁଖ ଗଣମାଧ୍ୟମ ସଂସ୍ଥାଙ୍କୁ ଟାର୍ଗେଟ୍ କରିଛନ୍ତି । ସେମାନେ ଏଣିକି ରାଷ୍ଟ୍ରପତିଙ୍କ ବିଭିନ୍ନ ଗତିବିଧିକୁ ସିଧାସଳଖ ଭାବେ କଭର୍ କରିପାରିବେ ନାହିଁ । ଅନ୍ୟ ପ୍ରମୁଖ ସଂସ୍ଥାଠାରୁ ଏହା ସେମାନଙ୍କୁ ହାସଲ କରିବାକୁ ପଡ଼ିବ । ଏହି ସୁବିଧା ସେମାନଙ୍କଠାରୁ ଛଡ଼ାଇ ନେଇଛି ହ୍ୱାଇଟ୍ ହାଉସ୍ । ଟ୍ରମ୍ପ୍ ପ୍ରଶାସନ ହ୍ୱାଇଟ୍ ହାଉସ୍ ପ୍ରେସ୍ ପୁଲ୍‌ରୁ ରଏଟର୍ସ, ବ୍ଲୁମ୍‌ବର୍ଗ ଏବଂ ଆସୋସିଏଟେଡ୍ ପ୍ରେସ୍ (ଏପି) ନ୍ୟୁଜ୍ ଏଜେନ୍ସିକୁ ବାଦ୍ ଦେବା ଲାଗି ନିଷ୍ପତ୍ତି ନେଇଛି। ପ୍ରେସ୍ ପୁଲ୍‌ରେ ଏଣିକି ଏହି ୩ଟି ଏଜେନ୍ସିଙ୍କୁ ସ୍ଥାୟୀ ଜାଗା ମିଳିବ ନାହିଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ, ପ୍ରେସ୍ ପୁଲ୍ ହେଉଛି ଏକ ଛୋଟ ଗ୍ରୁପ୍, ଯେଉଁଥିରେ ପ୍ରାୟ ୧୦ଟି ଗଣମାଧ୍ୟମ ସଂସ୍ଥା ରହିଥାନ୍ତି । ଏଥିରେ କିଛି ସାମ୍ବାଦିକ ଓ ଫଟୋଗ୍ରାଫର ସାମିଲ ଥାଆନ୍ତି। ଏମାନେ ରାଷ୍ଟ୍ରପତିଙ୍କ ଛୋଟବଡ଼ ଗତିବିଧିକୁ ସିଧାସଳଖ କଭର୍ କରିଥାନ୍ତି । ଏହାପରେ ଅନ୍ୟ ସାମ୍ବାଦିକଙ୍କୁ ସେୟାର କରିଥାଆନ୍ତି । ଟ୍ରମ୍ପ୍ ପ୍ରଶାସନ ଏଭଳି କରି ୧୧୧ ବର୍ଷର ପୁରୁଣା ପରମ୍ପରାକୁ ବଦଳାଇ ଦେଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

**ଉତ୍ତର ପ୍ରଦେଶ,୧୭।୪:** ଉତ୍ତର ପ୍ରଦେଶର ରାମପୁର ଜିଲ୍ଲାର ସୈଫନି ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା । ଜଣେ ୧୧ ବର୍ଷୀୟ ଦିବ୍ୟାଙ୍ଗ ଝିଅକୁ ଟଙ୍କା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରାଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଏହି ମାମଲାରେ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି । ଡାକ୍ତରଖାନାରେ ପୀଡିତାଙ୍କ ଚିକିତ୍ସା ଚାଲିଛି । ପୋଲିସ ଅଭିଯୁକ୍ତଙ୍କ ଗୋଡରେ ଗୁଳି କରି ଏନକାଉଣ୍ଟରରେ ଗିରଫ କରିଥିଲା । ଆଜି ଅଭିଯୁକ୍ତ ଦାନ ସିଂହଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଯେଉଁଠାରୁ ତାଙ୍କୁ ବିଚାର ବିଭାଗୀୟ ହାଜତରେ ଜେଲକୁ ପଠାଯାଇଥିଲା। ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପଡୋଶୀ ଗାଁର ବୋଲି ଜଣାପଡିଛି। କଏଦ ହୋଇଥିବା ସିସିଟିଭି ଫୁଟେଜରେ ଦେଖାଯାଇଛି ଶିଶୁଟି ନିଜ ଘରୁ ବାହାରିବା ପରେ ଅଭିଯୁକ୍ତ ତାଙ୍କୁ ନେଇ ସେଠାରୁ ଚାଲିଯାଉଛି । ଅଭିଯୁକ୍ତ ଧରା ପଡିବା ମାତ୍ରେ ପୁଲିସ ଉପରକୁ ଆକ୍ରମଣ କରିଥିଲା । ଏହାପରେ ପୁଲିସ ଆତ୍ମରକ୍ଷା ପାଇଁ ଗୁଳି ଚାଳନା କରିଥିଲା । ଶିଶୁଟିର ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନ ରହିଛି ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ଗୁରୁତର ଓ ଚେତାଶୂନ୍ୟ ଅବସ୍ଥାରେ ଜମିରୁ ଉଦ୍ଧାର କରିଥିଲେ। ଏହାପରେ ପରିବାର ଲୋକେ ପୀଡ଼ିତାକୁ ଡାକ୍ତରଖାନାକୁ ନେଇ ଯାଇଥିଲେ । ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଫରେନସିକ୍ ଟିମ୍ ସହିତ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛି ।

## ଟିମ୍ ଇଣ୍ଡିଆକୁ ବିସିସିଆଇର ବଡ଼ ଆକ୍ସନ

# ସହାୟକ କୋଚ୍ ସମେତ ୩ ଜଣ ବିଦା

**ମୁମ୍ବାଇ,୧୭।୪:** ଅଷ୍ଟ୍ରେଲିଆରେ ବର୍ଡର ଗାଭାସ୍କର ଟ୍ରଫିରେ ଭାରତୀୟ କ୍ରିକେଟ୍ ଦଳର ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଏହି ଗସ୍ତରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୩-୧ ବ୍ୟବଧାନରେ ପରାସ୍ତ ହୋଇଥିଲା ଏବଂ ଏହି ସିରିଜ୍ ରେ ଡ୍ରେସିଂ ରୁମ୍ ଖବର ଲିକ୍ ହୋଇଥିଲା। ଏପରି ଖବର ଆସିଥିଲା ଯେ ଜଣେ ଖେଳାଳି ଦଳର ଅନ୍ତରୀଣ ଅଧିନାୟକ ହେବାକୁ ଚାହୁଁଥିଲେ, ତା'ପରେ ଆଉ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ଆସିଥିଲା ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଭାରତୀୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଲିକ୍ ହୋଇଥିବା ଖବର ପାଇଁ ସରଫରାଜ ଖାନଙ୍କୁ ଦାୟୀ କରିଛନ୍ତି।



ବର୍ତ୍ତମାନ, ସୂତ୍ର ଅନୁସାରେ, ବିସିସିଆଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଏବଂ ସହାୟକ ପ୍ରଶିକ୍ଷକ ଅଭିଷେକ ନାୟାରଙ୍କୁ ବହିଷ୍କାର କରିବ, ଯଦିଓ ଲୋକପ୍ରିୟ ପ୍ରଶିକ୍ଷକ ଭାରତୀୟ କ୍ରିକେଟ୍ ଦଳରେ ତାଙ୍କ କାର୍ଯ୍ୟକାଳର ମାତ୍ର ଆଠ ମାସ ହୋଇସାରିଛି। ବିକାଶ ସମ୍ପର୍କରେ ବିସିସିଆଇ ପକ୍ଷରୁ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ। ଆହୁରି ମଧ ଦାବି କରାଯାଇଛି ଯେ ବିସିସିଆଇ ସମ୍ପ୍ରତି ଏକ ନୋଟିସ ପଠାଇଛି ଯେ ତିନି ବର୍ଷରୁ ଅଧିକ ସମୟ ଧରି ଦଳ ସହିତ ଥିବା ଯେକୌଣସି ସହାୟକ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇପାରିବ। ସୂତ୍ର ଅନୁଯାୟୀ, ତିନି ବର୍ଷ ଧରି ଦଳ ସହିତ ଥିବା ଫିଲ୍ଡିଂ ପ୍ରଶିକ୍ଷକ ଟି ଦିଲୀପ ଏବଂ ପ୍ରଶିକ୍ଷକ ସୋହମ ଦେଶାଇଙ୍କୁ ମଧ ଚାକିରିରୁ ବହିଷ୍କାର କରାଯିବ।

ଦୈନିକ ଜାଗରଣର ଏକ ରିପୋର୍ଟରେ କୁହାଯାଇଛି ଯେ ନାୟାର ଏବଂ ଦିଲୀପଙ୍କ ସ୍ଥାନରେ କୌଣସି ନୂତନ ନିଯୁକ୍ତି ଦିଆଯିବ ନାହିଁ। ଘରୋଇ କ୍ରିକେଟର ଲିଜେଣ୍ଡ ସୀତାଂଶୁ କୋଟାକ ପୂର୍ବରୁ ଦଳ ସହିତ ଜଡିତ ଅଛନ୍ତି ଯେତେବେଳେ ରିଆନ ଟେନ ଡୋଇସଚେଟ ଦିଲୀପଙ୍କ ଭୂମିକା ତଦାରଖ କରିବେ। ଦେଶାଇଙ୍କ ଭୂମିକା ଆଡ୍ରିଆନ ଲେ ରକ୍ସ ନେବେ। ବର୍ତ୍ତମାନ ସେ ପଞ୍ଜାବ କିଙ୍ଗ୍ସ ସହିତ ଜଡିତ। ୨୦୦୮

### ଗମ୍ଭୀରଙ୍କ ଥିଲେ ଘନିଷ୍ଠ

ରୁ ୨୦୧୯ ପର୍ଯ୍ୟନ୍ତ ସେ କୋଲକାତା ନାଇଟ୍ ରାଇଡର୍ସ ସହିତ କାର୍ଯ୍ୟ କରିଥିଲେ। ୨୦୦୨ ରୁ ୨୦୦୩ ପର୍ଯ୍ୟନ୍ତ ସେ ଭାରତୀୟ ଦଳ ସହିତ ମଧ କାର୍ଯ୍ୟ କରିଥିଲେ। ଆଇପିଏଲ ପରେ ଆଡ୍ରିଆନ ଭାରତୀୟ ଦଳରେ ଯୋଗଦେବେ।

ପୂର୍ବରୁ, ଡ୍ରେସିଂ ରୁମରେ "ବିତର୍କ" ସାଧାରଣରେ ପ୍ରକାଶ ପାଇବା ଉଚିତ୍ ନୁହେଁ ବୋଲି ଦାବି କରି, ଭାରତର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କହିଥିଲେ ଯେ ତାଙ୍କର ଖେଳାଳିମାନଙ୍କ ସହିତ କିଛି "କଟୁ" ଆଲୋଚନା ହୋଇଛି କାରଣ କେବଳ ପ୍ରଦର୍ଶନ ସେମାନଙ୍କୁ ସ୍ଥିରତାରେ ରହିବାରେ ସାହାଯ୍ୟ କରିପାରିବ। ଡ୍ରେସିଂ ରୁମରେ ଅଶାନ୍ତିର ରିପୋର୍ଟ ମଧ୍ୟରେ, ଗମ୍ଭୀର ଘୋଷଣା କରି ନିଆଁକୁ କମ କରିବାକୁ ଚେଷ୍ଟା କରିଥିଲେ ଯେ ସେଗୁଡ଼ିକ "କେବଳ ରିପୋର୍ଟ,ଯାହା ସତ୍ୟ ନୁହେଁ"। "କୋଚ୍ ଏବଂ ଖେଳାଳିଙ୍କ ମଧ୍ୟରେ ବିତର୍କ ଡ୍ରେସିଂ ରୁମରେ ରହିବା ଉଚିତ।" ଗମ୍ଭୀର ଏକ ମ୍ୟାଚ୍ ପୂର୍ବ ପ୍ରେସ୍ ସମ୍ମିଳନୀରେ କହିଥିଲେ।

# ଦକ୍ଷିଣ ଆଫ୍ରିକାରେ ଚମକିଲେ ନୀରଜ ଚୋପ୍ରା

## ୮୪.୫୨ମି. ଦୂରତା ସହ ଜବରଦସ୍ତ କମ୍‌ବ୍ୟାକ୍



**ନୂଆଦିଲ୍ଲୀ:** ଅଲିମ୍ପିକ୍ସ ପଦକ ବିଜେତା କ୍ରୀଡ଼ାବିତ୍ ନୀରଜ ଚୋପ୍ରାଙ୍କ ଜବରଦସ୍ତ କମ୍‌ବ୍ୟାକ୍। ଦକ୍ଷିଣ ଅଫ୍ରିକାରେ ହୋଇଥିବା ଇନଭିଟେଶନାଲ ଟ୍ରାକ୍ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ ଦେଖାଇ ଜବରଦସ୍ତ ଆରମ୍ଭ କରିଛନ୍ତି। ଭାରତର ସୁନା ପୁଅ ନୀରଜ ଚୋପ୍ରା ବୁଧବାର ୱାର୍ଲ୍ଡ ଆଥେଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଚ୍ୟାଲେଞ୍ଜର ପ୍ରତିଯୋଗୀତାରେ ବିଭିନ୍ନ ଦେଶର ୬ ଖେଳାଳିଙ୍କୁ ମାତ୍ ଦେଇ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ଏହି ମୁକାବିଲାରେ ସେ ୮୪.୫୨ମିଟରର ଜାଭେଲିନ୍ ଥ୍ରୋ ଫିଙ୍ଗିଥିଲେ। ଇନଭିଟେଶନାଲ ଟ୍ରାକ୍ ଇଭେଣ୍ଟରେ ଭାରତୀୟ ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଦକ୍ଷିଣ ଆଫ୍ରିକାର ଡୋଓ୍ବ ସ୍ମିଥଙ୍କୁ ପଛରେ ଛାଡ଼ି ଦେଇଛନ୍ତି। କଣ୍ଟିନେଣ୍ଟାଲ ଟୁର୍ ଚ୍ୟାଲେଞ୍ଜର ପ୍ରତିଯୋଗୀତାରେ ଡୋଓ୍ବ ସ୍ମିଥଙ୍କ ସର୍ବଶ୍ରେଷ୍ଠ ଥ୍ରୋ ଥିଲା ୮୨.୪୪ ମିଟର। ଏହି ଇଭେଣ୍ଟରେ ୮୪.୫୨ମିଟର ଥ୍ରୋ କରିଥିଲେ। ଦେଖିବାକୁ ଗଲେ ନୀରଜଙ୍କ ବ୍ୟକ୍ତିଗତ ସର୍ବାଧିକ ଥ୍ରୋ ୮୯.୪୪ ମିଟର ରହିଛି। ସେହିପରି ଡୋଓ୍ବ ସ୍ମିଥଙ୍କ ସର୍ବାଶ୍ରେଷ୍ଠ ଜାଭେଲିନ୍ ଥ୍ରୋ ୮୩.୨୯ ମିଟର ରହିଛି। ଏହି ପ୍ରତିଯୋଗୀତାରେ ନୀରଜ ଚୋପ୍ରା ଓ ଡୋଓ୍ବ ସ୍ମିଥ୍ ୮୦ ମିଟର ଦୂରତା ପାର୍ କରିଛନ୍ତି। ଦକ୍ଷିଣ ଅଫ୍ରିକାର ଅନ୍ୟ ଜଣେ ଖେଳାଳି ଡଙ୍କନ ରବର୍ଟସନ ୭୧.୨୨ ଜାଭେଲିନ୍ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ନୀରଜ ଚୋପ୍ରା ନୂଆ କୋଚ୍ ଚେକ୍ ଗଣରାଜ୍ୟ ର ଜନ୍ ଜେଲେଜ୍ନିଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି। ଜେଲେଜ୍ନି ତିନି ଥର ଅଲିମ୍ପିକ୍ସ ଏବଂ ବିଶ୍ୱ ବିଜେତାର ମେଡାଲ ପାଇଛନ୍ତି। ୨୭ ବର୍ଷୀୟ ଭାରତୀୟ କ୍ରୀଡ଼ାବିତ୍ ଗତ ବର୍ଷ ନିଜ ଜର୍ମାନୀ କୋଚଙ୍କ ଅଲଗା ହୋଇଥିଲେ। ସେ ମେ' ତାରିଖରେ ଦୋହା ଡାଇମଣ୍ଡ ଲିଗ ଏଲିଟ୍ ପ୍ରତିଯୋଗୀତାରେ ନିଜ ଅଭିଯାନକୁ ଆରମ୍ଭ କରିବେ। ନୀରଜ ଚୋପ୍ରା ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଲଗାତାର ପଦକ ବିଜେତା ହୋଇଛନ୍ତି। ନୀରଜଙ୍କ ବ୍ୟକ୍ତିଗତ ସର୍ବାଧିକ ଥ୍ରୋ ୮୯.୪୪ ମିଟର ରହିଛି। ଏହି ରେକର୍ଡ ସେ ୨୦୨୨ରେ ହାସଲ କରିଥିଲେ। ଗତ କିଛି ବର୍ଷ ହେଲା ନୀରଜ ଚୋପ୍ରା ୯୦ ମିଟର ରେକର୍ଡ ଛୁଇଁବାକୁ ପ୍ରୟାସ କରୁଛନ୍ତି।

**ଡୋଭ୍ ସ୍ମିଥ୍‌ଙ୍କଠାରୁ ଆଗରେ ନୀରଜ ଚୋପ୍ରା**

# ଟ୍ରାଭିସ୍ ହେଡ୍‌ଙ୍କ ବିଜ୍ଞାପନକୁ ନେଇ ବିବାଦ

**ନୂଆଦିଲ୍ଲୀ, ୧୭।୪:** ଆରସିବି ଓ ଉବେର ମଧରେ ବିବାଦ ସୃଷ୍ଟି ହୋଇଛି। ଏକ ବିଜ୍ଞାପନକୁ ନେଇ ଏହି ବିବାଦ ଆରମ୍ଭ ହୋଇଛି, ଯେଉଁଥିରେ ଏସ୍‌ଆରଏଚ୍ ପାଇଁ ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲିଆର କ୍ରିକେଟର ଟ୍ରାଭିସ୍ ହେଡ୍ ନଜର ଆସିଛନ୍ତି। ଆରସିବି ଅନୁସାରେ ବିଜ୍ଞାପନରେ ତାଚ୍ଛଲ୍ୟ କରି "Royally Challenged Bengaluru" କୁହାଯାଇଛି। ଉବେର-ଇଣ୍ଡିଆକୁ ଏହି ବିଜ୍ଞାପନ ଏବେ ମହଙ୍ଗା ପଡ଼ିବାକୁ ଯାଉଥିବା ନଜର ଆସୁଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିବାଦୀୟ ବିଜ୍ଞାପନକୁ ମାମଲା ଦାଖଲ କରିଛି। ଆରସିବି କହିଛି ଯେ ବିଜ୍ଞାପନରେ ବ୍ୟବହାର କରାଯାଇଥିବା ଶବ୍ଦ ଯୋଗୁଁ ତାଙ୍କ ବ୍ରାଣ୍ଡ ଛବି ଖରାପ ହୋଇଛି। ଆରସିବି ଅଭିଯୋଗ କରିଛି ଯେ ଏପରି କରି ସେମାନେ ଫ୍ରାଞ୍ଚାଇଜର ଟ୍ରେଡମାର୍କ ଉପରେ ସିଧା ହମଲା କରାଯାଇଛି। ପରିହାସ କରିବା ଉଦ୍ଦେଶ୍ୟରେ ହିଁ ଏହି ବିଜ୍ଞାପନ କରାଯାଇଛି ବୋଲି ଫ୍ରାଞ୍ଚାଇଜ୍ କହିଛି। କେବଳ



### ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆରସିବି

ଆରସିବିର ନାଁ ସହ ଏପରି କରାଯାଇ ନାହିଁ। ଫ୍ରାଞ୍ଚାଇଜ୍ କୋର୍ଟରେ କହିଛି ଯେ ବିଜ୍ଞାପନରେ ତାଙ୍କର ଲୋକପ୍ରିୟ ସ୍ଲୋଗାନ୍ Ee Saala Cup Namdeରେ ମଧ ମଜାକ୍ ଉଡାଇଛନ୍ତି। ଆରସିବି ଅନୁସାରେ ଏହି ସ୍ଲୋଗାନ ଟିମ୍ ଓ ଫ୍ୟାନ୍ସ ଉଭୟଙ୍କ ସହ ଭାବାତ୍ମକ ଭାବେ ଜଡ଼ିତ ରହିଛି। ତେଣୁ ବିଜ୍ଞାପନରେ ଏହାକୁ ବ୍ୟାଙ୍ଗ ଭାବେ ସାମିଲ କରିବା ଫ୍ୟାନ୍ସ ଓ ଟିମ୍ ଉଭୟଙ୍କ ଭାବନାର ତାଚ୍ଛଲ୍ୟ କରିବା ବ୍ୟତୀତ ଆଉ କିଛି ନୁହେଁ। ବିଜ୍ଞାପନ ଉପରେ ଆରସିବିର ଆକ୍ସନ ପରେ ଏବେ ଉବେର ଇଣ୍ଡିଆର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। କମ୍ପାନିର ଷ୍ଟାଣ୍ଡ କଣ ରହିବ ? ବିଜ୍ଞାପନକୁ ଫେରାଇ ନେବ ନାଁ ନିଜ ପକ୍ଷରେ ଯୁକ୍ତି ରଖିବ।

## ବିସିସିଆଇ ଜାରି କଲା ହାଇ ଆଲର୍ଟ

# ହାଇଦ୍ରାବାଦ ବ୍ୟବସାୟୀଙ୍କଠାରୁ ଦୂରେଇ ରୁହ

**ନୂଆଦିଲ୍ଲୀ ୧୭।୦୪:** ଆଇପିଏଲରେ ଫିକ୍ସିଂ ଭୟ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଜାରି କଲା ସତର୍କବାଣୀ। ଆଇପିଏଲର ସବୁ ଟିମର ମାଲିକ, ଖେଳାଳି, ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ଏପରି କି ଭାଷ୍ୟକାରଙ୍କୁ ହାଇ ଆଲର୍ଟ ଜାରି କରିଛି। ବୋର୍ଡ ହାଇଦ୍ରାବାଦର ଜଣେ "ସନ୍ଦିଗ୍ଧ" ବ୍ୟବସାୟୀଙ୍କ ବିରୁଦ୍ଧରେ ଏକ ଚେତାବନୀ ଜାରି କରିଛି। ଯିଏ ଆଇପିଏଲ ସହ ଜଡିତ ଅନେକ ଲୋକଙ୍କୁ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପରେ ଫସାଇବାକୁ ଚେଷ୍ଟା କରୁଛନ୍ତି। କ୍ରିକବଜର ଏକ ରିପୋର୍ଟ ଅନୁଯାୟୀ, ଦୁର୍ନୀତି ନିବାରଣ ସୁରକ୍ଷା ୟୁନିଟ୍‌ର କହିବା କଥା ଯେ ହାଇଦ୍ରାବାଦର ଜଣେ ବ୍ୟବସାୟୀଙ୍କର ବୁକି ସହିତ ସମ୍ପର୍କରେ ଅଛି। ତାଙ୍କର ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପରେ ଜଡିତ ହେବାର ପୂର୍ବ ରେକର୍ଡ ରହିଛି। ଆଇପିଏଲ ପ୍ରତିଯୋଗୀଙ୍କୁ ଫସାଇବାକୁ ଚେଷ୍ଟା କରୁଛନ୍ତି। ସବୁ ଆଇପିଏଲ ଟିମ୍‌କୁ ସେହି ବ୍ୟକ୍ତିଙ୍କଠାରୁ ସତର୍କ ରହିବାକୁ ପଡିବ। ଯେକୌଣସି କଥାବାର୍ତ୍ତାକୁ ରିପୋର୍ଟ କରିବାକୁ ଚେତାବନୀ ଦିଆଯାଇଛି।

**ଆଇପିଏଲରେ ଫିକ୍ସିଂ ଭୟ**

ଏସିଏସୟୁ ସମସ୍ତ ଆଇପିଏଲ ଟିମକୁ ସନ୍ଦିଗ୍ଧ ବ୍ୟକ୍ତିଙ୍କ କାର୍ଯ୍ୟପ୍ରଣାଳୀ ବିଷୟରେ ସତର୍କ କରାଇ ଦେଇଛି। ଯିଏ ନିଜକୁ ପ୍ରଶଂସକ ଭାବରେ ପରିଚୟ ଦେଇ ସରଳ ବ୍ୟକ୍ତିମାନଙ୍କୁ ମହଙ୍ଗା ଉପହାର ଦେଇ ଟାର୍ଗେଟ କରୁଛନ୍ତି। ରିପୋର୍ଟରେ କୁହାଯାଇଛି, "ସନ୍ଦିଗ୍ଧ ବ୍ୟକ୍ତି ଜଣକ ନିଜକୁ ପ୍ରଶଂସକ ଭାବରେ ପରିଚୟ ଦେଇ ଆଇପିଏଲ ଅଂଶଗ୍ରହଣକାରୀଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ତାଙ୍କୁ ଟିମ୍ ହୋଟେଲ ଏବଂ ମ୍ୟାଚ୍‌ରେ ଦେଖିବାକୁ ମିଳିଛି। ଯେଉଁଠାରେ ସେ ଖେଳାଳି ଏବଂ କର୍ମଚାରୀଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ଏବଂ ସେମାନଙ୍କୁ ବ୍ୟକ୍ତିଗତ ପାର୍ଟିକୁ ନିମନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ସେ କେବଳ ଦଳର ସଦସ୍ୟମାନଙ୍କୁ ନୁହେଁ ବରଂ ସେମାନଙ୍କ ପରିବାରକୁ ମଧ ଉପହାର ଦେଇଥିବା ରିପୋର୍ଟ ମିଳିଛି।" ଅନ୍ୟ ଏକ କାର୍ଯ୍ୟଶୈଳୀରେ ସେ ଆଇପିଏଲ ଅଂଶଗ୍ରହଣକାରୀଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଅଳଙ୍କାର ଦୋକାନ ଏବଂ ହୋଟେଲ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ରିପୋର୍ଟରେ ଆହୁରି ମଧ କୁହାଯାଇଛି ଯେ, "ସେ ପ୍ରାୟତଃ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରି ବିଦେଶରେ ରହୁଥିବା ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବାର ସୂଚନା ମଧ ମିଳିଛି।"

# ଏସୀୟ ଚାମ୍ପିଅନ୍‌ସିପ୍ ମାନଦଣ୍ଡ ଛୁଇଁଲେ କିଶୋର



**ଭୁବନେଶ୍ୱର, ୧୭।୪ (ସଂଚାର ବ୍ୟୁରୋ):** ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଓଡ଼ିଆ ପୁଅ କିଶୋର ଜେନା ଚେନ୍ନାଇରେ ଖେଳାଯାଇଥିବା ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ସେ ୭୫.୯୯ ମିଟର ଜାଭଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଥିସହ କିଶୋର ଆଗାମୀ ଏସୀୟ ଚାମ୍ପିଅନ୍‌ସିପ୍ ଲାଗି ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ରଖିଥିବା ମାନଦଣ୍ଡ ୭୫.୩୬ ମିଟର ପାର୍ କରିଛନ୍ତି। ଯୁବ ତାରକା ଯଶ୍ ବୀର ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ୭୭.୪୯ ମିଟର ସହ କିଶୋରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କିଶୋରଙ୍କ ସହ ସେ ମଧ ଆସନ୍ତା ମାସରେ କୋରିଆର ଗୁମିରେ ହେବାକୁ ଥିବା ଏସୀୟ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବା ଦୌଡ଼ରେ ସାମିଲ ହୋଇଛନ୍ତି। ଚୂଡ଼ାନ୍ତ ଚୟନ ଏଏଫ୍‌ଆଇ ପରବର୍ତ୍ତୀ ସମୟରେ କରିବ। ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ର ପରବର୍ତ୍ତୀ ଚରଣ ଚେନ୍ନାଇରେ ଏପ୍ରିଲ୍ ୨୧ରେ ଅନୁଷ୍ଠିତ ହେବ। ପୁରୁଷ ୨୦୦ ମିଟର ଦୌଡ଼ରେ ଭାଗ ନେଇଥିବା ଦୁଇ ଓଡ଼ିଶା ଖେଳାଳି ଦଣ୍ଡପତି ମୃତ୍ୟୁମ ଜୟରାମ ଓ ଅନିମେଷ କୁଜୁର ନିଜ ନିଜ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରେସ୍-ଏ'ରେ ଜୟରାମ ୨୧.୬୭ ସେକେଣ୍ଡ ଏବଂ ରେସ୍-ବି'ରେ ଅନିମେଷ ୨୧.୧୪ ସେକେଣ୍ଡ ସହ ଶୀର୍ଷରେ ରହିଥିଲେ। ୧୦୦ ମିଟରରେ ଅନିମେଷ (ରେସ୍-ସି') ୧୦.୫୬ ସେକେଣ୍ଡ ସହ ଦ୍ୱିତୀୟ ଏବଂ ଜୟରାମ (ରେସ୍-ବି') ୧୦.୮୦ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରସ୍ତାବ ଦେଲେ...

ବଲାଙ୍ଗୀର, ନୟାଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ଫୁଲବାଣୀ ଓ ରାୟଗଡ଼ାକୁ କେନ୍ଦ୍ର ମନ୍ତ୍ରୀ ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ କୌଣସି ଅଞ୍ଚଳର ବିକାଶର ଦର୍ପଣ ହେଉଛି ରାସ୍ତା। ତେଣୁ ଆମେ ଓଡ଼ିଶା ବିକାଶ ପାଇଁ ଯେଉଁ ସଂକଳ୍ପ ନେଇଛୁ, ସେଥିପାଇଁ ଆମର ସଡକ ଭିତ୍ତିଭୂମିକୁ ସୁଦୃଢ଼ କରିବୁ। ପୁଞ୍ଜି ଆକର୍ଷଣରେ ଓଡ଼ିଶା ଅଭୁତପୂର୍ବ ସଫଳତା ପାଇଛି। ଓଡ଼ିଶା ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ଗଠନ ପାଇଁ ବିଲ୍ ପାସ୍ କରାଯାଇଛି। ଆସନ୍ତା ୫ ବର୍ଷରେ ଓଡ଼ିଶାରେ ୭୫ ହଜାର କିମିର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ସହରରୁ ପଞ୍ଚାୟତ ପର୍ଯ୍ୟନ୍ତ ସବୁ ରାସ୍ତାର ଉନ୍ନତିକରଣ କରାଯିବ। ଶ୍ରୀ ଗଡକରୀ ଭରସା ଦେଇଛନ୍ତି ଯେ ଓଡିଶାର ସବୁ ପ୍ରସ୍ତାବକୁ ଗ୍ରହଣ କରାଯିବ। ତେଣୁ ଆମେ ଯେଉଁ ପ୍ରସ୍ତାବ ଦେଇଛୁ, ତା' ସହିତ ଆଗାମୀ ଦିନରେ ଆହୁରି ଅଧିକ ପ୍ରସ୍ତାବ ଅନୁଧ୍ୟାନ କରି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ମନ୍ତ୍ରୀ ମଞ୍ଜୁର କରିଥିବା ୧୩ ପ୍ରକଳ୍ପ ମଧ୍ୟରେ କନକତୋରା-ଝାରସୁଗୁଡା ରାସ୍ତା ୪ ଲେନ ବିଶିଷ୍ଟ ହେବ। ୬୮ କିମି ବିଶିଷ୍ଟ ଏହି ରାସ୍ତା ପାଇଁ ୨ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏହାଦ୍ୱାରା ସଡ଼କରେ ୧୧ଟି ବ୍ଲାକ୍ ସ୍ପଟ୍ ଦୂର ହେବ ଏବଂ ଯାତ୍ରା ସମୟ ୩ ଘଣ୍ଟାରୁ ୧ ଘଣ୍ଟାକୁ ହ୍ରାସ ପାଇବ। ସେହିପରି ବଡ଼ରମା ବନ୍ୟଜୀବ କ୍ଷେତ୍ରରେ ୪ ଲେନ୍ ବିଶିଷ୍ଟ ରାସ୍ତା ହେବ, ଯାହାର ଦୈର୍ଘ୍ୟ ୨୭ କିମି ଏବଂ ଏଥିସକାଶେ ୮୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଆହୁରି ପୁରୀ-କୋଣାର୍କ ଲିଙ୍କ ରୋଡ୍ ୪ ଲେନ ବିଶିଷ୍ଟ ହେବ। ଏହି ୨୫ କିମି ବିଶିଷ୍ଟ ରାସ୍ତା ପାଇଁ ୮୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଭଞ୍ଜପୁର-ତେଲବଣୀ ରାସ୍ତା ୪ ଲେନ୍ ହେବା ସହ ୨୫ କିମି ପାଇଁ ୫୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୋହନାରୁ-କୋରାପୁଟ ପର୍ଯ୍ୟନ୍ତ ରାସ୍ତା ୨ ଲେନ ହେବ। ୨୦୨ କିମି ବିଶିଷ୍ଟ ଏହି ରାସ୍ତା ପାଇଁ ୧୫୨୬ କୋଟି ବିନିଯୋଗ ହେବ। କୋଟାରୁ-ମୋଟୁ ପର୍ଯ୍ୟନ୍ତ ରାସ୍ତା ହେବ। ୧୮୬ କିମି ବିଶିଷ୍ଟ ଏହି ରାସ୍ତା ପାଇଁ ୧୬୦୦ କୋଟି ବ୍ୟୟ ହେବ। ଦେବଗଡ଼- ଖୋରାପଲ୍ଲୀ ପର୍ଯ୍ୟନ୍ତ ୨ ଲେନ ବିଶିଷ୍ଟ ରାସ୍ତା ପାଇଁ ୪୭୨ ଟଙ୍କା ବିନିଯୋଗ ହେବ, ଯାହାର ଦୈର୍ଘ୍ୟ ୭୧ କିମି ବୋଲି ଜଣାପଡ଼ିଛି। ଏହାଛଡ଼ା ଅଙ୍ଗ ନଦୀ ଉପରେ ୨ ଲେନ ବିଶିଷ୍ଟ ସେତୁ ପାଇଁ ୩୫୦ କୋଟି ବ୍ୟୟ ହେବ ଓ ଏହାର ଦୈର୍ଘ୍ୟ ୨ କିମି ରହିବ। ପୋଡ଼ମାରୀ-ମୋହନା ରାସ୍ତା ୨ ଲେନ ହେବ। ଏହାର ଦୈର୍ଘ୍ୟ ୨୯ କିମି ଓ ଏ ବାବଦରେ ୩୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କଳାହାଣ୍ଡି ଜିଲ୍ଲାରେ ତେଲ ନଦୀ ଉପରେ ୨ କିମିର ସେତୁ ନିର୍ମାଣ ହେବ, ଯେଉଁଥିରେ ୯୨ କୋଟି ବିନିଯୋଗ ହେବ। ସୋନପୁରରେ ୨ ଲେନ ବିଶିଷ୍ଟ ବାଇପାସ୍‌ର ଦୈର୍ଘ୍ୟ ୯ କିମିଟର ରହିବ, ଯେଉଁଥିରେ ୧୭୮ କୋଟି ବିନିଯୋଗ ହେବ। ଆସ୍କା ସହରରେ ୨ ଲେନ ବିଶିଷ୍ଟ ବାଇପାସ୍ ନିର୍ମାଣ ହେବ, ଯାହାର ଦୈର୍ଘ୍ୟ ୧୧ କିମି। ଏ ବାବଦରେ ୧୭୫ କୋଟି ଟଙ୍କା ଖର୍ଚ୍ଚ ହେବ। କୋଲାବିରାରେ ୨ ଲେନ ବିଶିଷ୍ଟ ବାଇପାସ୍‌ର ଦୈର୍ଘ୍ୟ ୫ କିମି ହେବ ଓ ଏ ବାବଦରେ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ, ଅନ୍ୟ ସାଂସଦ ଓ ବିଧାୟକମାନେ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ...

ଦୀପ୍ତିରଞ୍ଜନ ପଟ୍ଟନାୟକ ୨୦୨୩ ରୁ ପ୍ରସ୍ତୁତ ହୋଇସାରିଥିବା ଜମି ପଟ୍ଟା ପାଇବା ପାଇଁ ବାରମ୍ବାର ଉଦ୍ୟମ କରିବା ସତ୍ତ୍ୱେ ବିଫଳ ହେଉଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗର ତୁରନ୍ତ ସମାଧାନ ହୋଇଛି ଏବଂ ସେ ନିଜର ପଟ୍ଟା ପ୍ରାପ୍ତ କରିଛନ୍ତି। ଗତ ଫେବୃଆରୀ ୧୩,୨୦୨୩ରୁ ତାଙ୍କ ଜମି ପଟ୍ଟା ପ୍ରସ୍ତୁତ ହୋଇସାରିଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ତାଙ୍କୁ ବାରମ୍ବାର ଦୌଡାଉଥିଲେ। ଯାହାକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜଣାଇବା ମାତ୍ରେ ଗତ ମାର୍ଚ୍ଚ ୨୭ ତାରିଖରେ ଜଟଣୀ ତହସିଲ କାର୍ଯ୍ୟାଳୟରୁ ତାଙ୍କ ପାଖକୁ ଫୋନ ଆସିଲା ଆଉ ପଟ୍ଟା ସଂଗ୍ରହ କରିବାକୁ କୁହାଗଲା। ୨୮ ତାରିଖ ଦିନ ସେ ଜଟଣୀ ତହସିଲଦାରଙ୍କ କାର୍ଯ୍ୟାଳୟରୁ ତାଙ୍କ ପଟ୍ଟା ସଂଗ୍ରହ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ୫୦ ମୃତ...

ଯାତ୍ରା ଆରମ୍ଭ କରି ବୋଲୋମ୍ବା ଅଭିମୁଖେ ଯାଉଥିଲା। ଦୁର୍ଘଟଣା ବିଷୟରେ ସୂଚନା ଦେଇ ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା କଙ୍ଗୋ ନଦୀରେ ଘଟିଛି। ଡଙ୍ଗାରେ ନିଆଁ ଲାଗିବା ଯୋଗୁଁ ଅନେକ ଲୋକ ଗୁରୁତର ଭାବରେ ପୋଡ଼ି ଯାଇଛନ୍ତି । ଦୁର୍ଘଟଣା ସମୟରେ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇଛି। ନିଆଁ ଲାଗିବା ପରେ ମହିଳା ଓ ପିଲାଙ୍କ ସମେତ ଅନେକ ଲୋକ ନଦୀକୁ ଡେଇଁପଡିଥିଲେ। ସେମାନଙ୍କ ମଧ୍ୟରୁ ପହଁରା ଜାଣିଥିବା ଲୋକେ ମୁକୁଳିପାରିଥିଲେ ମଧ୍ୟ ପହଁରା ଜାଣିନଥିବା ଲୋକେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଉଦ୍ଧାର ହୋଇଥିବା ପ୍ରାୟ ୧୦୦ ଜଣଙ୍କୁ ମାଣ୍ଡାକା ଟାଉନ ହଲରେ ଏକ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ସେହିପରି ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଏପରି ଏକ ଅଘଟଣାରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି।

### ଆଧୁନିକ ...

କରିଛନ୍ତି।ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବୋରେଟୋରି ସହ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲ୍ୟାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ। ଏହି ଅତ୍ୟାଧୁନିକ ଲାବୋରେଟୋରି ସେମାନଙ୍କ ଦକ୍ଷତା ବିକାଶ ଓ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି, ସେ ବିଷୟରେ କେନ୍ଦ୍ର ମନ୍ତ୍ରୀ ସେମାନଙ୍କୁ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି। ଏଠାରୁ ଅତ୍ୟାଧୁନିକ ତାଲିମ ପାଇ ଛାତ୍ରଛାତ୍ରୀମାନେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଇପାରୁଛନ୍ତି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ୨୨ ମାଓବାଦୀ...

ଗ୍ରାମରୁ ଗିରଫ କରାଯାଇଛି। ସେହିପରି ୬ ଜଣ ମାଓବାଦୀଙ୍କୁ ଜାଙ୍ଗ୍‌ଲା ଥାନାଞ୍ଚଳର ବେଲଚାର ଗ୍ରାମରୁ ଏବଂ ଅନ୍ୟ ୯ ଜଣଙ୍କୁ ନେଲସନାର ଥାନାଞ୍ଚଳର କାଣ୍ଡାକାର୍କା ଜଙ୍ଗଲରୁ ଗିରଫ କରାଯାଇଛି। ଏହି ତିନିଟି ଅଭିଯାନରେ ଦୁଇଟି ପୃଥକ୍ ଟିମ୍ ସାମିଲ୍ ଥିଲେ। ସେମାନଙ୍କଠାରୁ ମାଓବାଦୀ ପୋଷ୍ଟର, ବନ୍ଧୁକ ଓ ଗୁଳି ଆଦି ଜବତ କରାଯାଇଛି।

### ନବୀନ...

ନିଶ୍ଚିତ। ଏହି ସମୟରେ ବିଜେଡିର ଅନେକ ବରିଷ୍ଠ ନେତାଙ୍କ ସହ ବବି ଦାସ ଥିବା ଦେଖାଯାଇଛି। ବିଜେଡି ସଭାପତି ପଦ ଲାଗି ନବୀନ ପଟ୍ଟନାୟକ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଆଜି ପୂର୍ବାହ୍ନରେ ଶଙ୍ଖ ଭବନରେ ପହଞ୍ଚି ରିଟର୍ଣ୍ଣିଂ ଅଫିସର ପ୍ରତାପ ଦେବଙ୍କୁ ତାଙ୍କର ନାମାଙ୍କନପତ୍ର ଦେଇଥିଲେ। ଏହି ଅବସରରେ ନବୀନଙ୍କ ସହ ଦଳର ବହୁ ବରିଷ୍ଠ ଏବଂ ଯୁବନେତା ସାମିଲ ଥିଲେ। ଦଳର ସଭାପତି ଭାବେ ନବୀନଙ୍କୁ ନିର୍ବାଚନ କରାଇବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଛି। ସେହି କ୍ରମରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ମଧ୍ୟ କରାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଏହି କାର୍ଯ୍ୟକ୍ରମ କରାଯିବା ନେଇ ଦଳ ଭିତରେ ନିଷ୍ପତ୍ତି ହୋଇଥିଲା। ରାଜ୍ୟବ୍ୟାପୀ ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ମଧ୍ୟ ପାଳନ କରାଯାଇଛି। ଆସନ୍ତା ୧୯ରେ ନବୀନଙ୍କୁ ଦଳର ସଭାପତି ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଅଦ୍ୟାବଧି ବିଜେଡି ୧୮ ଜିଲ୍ଲାର ସଭାପତିଙ୍କୁ ନିଯୁକ୍ତ କରିସାରିଛି। ଦଳର ସଭାପତି ଚୟନ ଲାଗି ଅତି କମ୍‌ରେ ୧୭ ଜଣ ଜିଲ୍ଲା ସଭାପତି ରହିବା ଦରକାର, ଯାହା ବିଜେଡି କରିସାରିଛି।

### କେନ୍ଦ୍ରାପଡ଼ା...

ଅରବିନ୍ଦଙ୍କ ଭଳି ଯୁବନେତା ଓ ଗଣେଶ୍ୱରଙ୍କ ଭଳି ଆମଦାନୀ ନେତା ଥିଲେ ମଧ୍ୟ ବିଜେଡି ତା'ର ଜିଲ୍ଲା ସଭାପତି ଚୟନ କରିପାରୁନାହିଁ। ଏହି ନେତାମାନେ ନିଜେ ସଭାପତି ପଦ ପାଇଁ ଲବି କରିବା ବଦଳରେ ଅନ୍ୟକୁ କରାଇ ନ ଦେବାକୁ ଲବି ଜୋରଦାର କରିଛନ୍ତି। ଜଣେ ଅନ୍ୟ ଜଣଙ୍କର ଗୋଡ଼ ଟାଣିବା ଯୋଗୁଁ ସଭାପତି ଚୟନ ହୋଇପାରୁନାହିଁ। ଅଣକଂଗ୍ରେସ ଗଡ଼ ହୋଇଥିବାରୁ କେନ୍ଦ୍ରାପଡ଼ାବାସୀ ଚାହୁଁଛନ୍ତି ଜଣେ ବିଜୁ ଲିଗାସୀ ଏଠାରେ ଜିଲ୍ଲାର ମଙ୍ଗ ଧରନ୍ତୁ। ହେଲେ ଏଠାରେ ଯେଭଳି ଲଢେଇ ଚାଲିଛି, ସେଥିରେ ବିଜୁ ଲିଗାସୀ ବଦଳରେ ଆମଦାନୀ ନେତାଙ୍କୁ ଆଣି ବସାଇବାକୁ ବରିଷ୍ଠମାନେ ଚାହୁଁଥିବା ଲକ୍ଷ୍ୟ କରାଯାଉଛି। ଅତୀତରେ ଜିଲ୍ଲା ବାହାରର ନେତାମାନେ ଏଠାକୁ ଆସି ନିର୍ବାଚନ ଜିଣିଥିବାରୁ ଏଥର ଜିଲ୍ଲା ସଭାପତି ବି ଆମଦାନୀ ହେବା ନେଇ ବିଜେଡି କର୍ମୀମାନେ ଆଶଙ୍କା କରୁଛନ୍ତି। ଇତି ମଧ୍ୟରେ ବିଧାୟକ ଧ୍ରୁବ ସାହୁ ଜିଲ୍ଲା ବିଜେଡି ସଭାପତି ପଦ ଦୌଡରୁ ବାହାରିଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦଳପତି କାହା ମୁଣ୍ଡରେ ସଭାପତି ଶିରିପା ବାନ୍ଧିବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ତେବେ ଦୌଡ଼ରେ ପ୍ରତାପ, ଅତନୁ, ଅଂଶୁମାନଙ୍କ ଭଳି ନେତା ଥିବାରୁ ଜିଲ୍ଲାର ବିଜେଡି କର୍ମୀମାନେ ଏବେ ସର୍ତ୍ତକତାର ସହ ସଭାପତି ଚୟନକୁ ନିରୀକ୍ଷଣ କରୁଛନ୍ତି।

### 'ପୂର୍ବୋଦୟ'...

ପରୋକ୍ଷ ଭାବେ ନିଯୁକ୍ତି ବି ସୃଷ୍ଟି ହେବ। ଆମର ସ୍ଥାନୀୟ ଓ ରାଜ୍ୟ ଅର୍ଥନୀତି ମଧ୍ୟ ସଶକ୍ତ ହେବ। ଆମ ସରକାର 'ସବ କା ସାଥ୍ ସବ୍ କା ବିକାଶ'ରେ ବିଶ୍ୱାସ କରିଆସିଛି। ଲୋକାର୍ପିତ ହୋଇଥିବା ପ୍ରକଳ୍ପଗୁଡିକ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ସାମାଜିକ ଓ ଆର୍ଥିକ ବିକାଶରେ ଅଭିବୃଦ୍ଧି ଘଟିବ ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ଏଥିସକାଶେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଦେଇଛନ୍ତି।

### ଓଏସ୍‌ଏସ୍‌ଏଫ୍...

ପରିବର୍ତ୍ତେ ୪୫ ହଜାର ଟଙ୍କା ପାଇବେ। ସେହିପରି ଲାନ୍ସ ନାଏକ/ନାଏକ/ହାବିଲ୍‌ଦାର (ଜିଡି)ଙ୍କ ପାରିଶ୍ରମିକ ୩୨ ହଜାରରୁ ୫୦ ହଜାର ଟଙ୍କାକୁ, ଜୁନିଅର କମିଶନ୍‌ଡ ଅଫିସର (ଜିଡି)ଙ୍କ ଦରମା ୪୦ ହଜାରରୁ ୫୫ ହଜାରକୁ ଏବଂ ଜୁନିଅର କମିଶନ୍‌ଡ ଅଫିସର (ଇନଷ୍ଟ୍ରକ୍ଟର)ଙ୍କ ଦରମା ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଛଡ଼ା ଡିଙ୍ଗି ଡ୍ରାଇଭର/ସି-ମ୍ୟାନ ମେକାନିକ/ଖଲାସିଙ୍କ ମାସିକ ପାରଶ୍ରମିକ ୩୦ ହଜାରରୁ ୪୫ ହଜାର, ସିରାଙ୍ଗ/ଇଞ୍ଜିନ ଡ୍ରାଇଭରଙ୍କ ଦରମାର ୩୨ ହଜାରରୁ ୫୦ ହଜାର ଏବଂ ମାଷ୍ଟରମାନଙ୍କ ଦରମା ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି।

### ଖଣି...

ରାଜି ନଥିବାରୁ ରାଜ୍ୟ ଗସ୍ତ କରି କର୍ମୀଙ୍କୁ ଏକଜୁଟ କରିବା ବଦଳରେ ଏକପ୍ରକାର ଆତ୍ମଗୋପନ କରି ରହିଲେ। ଏବେ ଦଳର କର୍ମକର୍ତ୍ତା ଚୟନ ଆରମ୍ଭ ହୋଇଥିବା ବେଳେ ପୁଣିଥରେ ସେ ଦେଖାଦେଇଛନ୍ତି। ସବୁଠାରୁ ବଡ଼ କଥା ହେଲା, ନବୀନ ନିବାସ ଭିତରେ ମୁର୍ଦ୍ଦାବାଦ ପଡିଲା ବେଳେ ସଂଗଠନ ସମ୍ପାଦକ ମୁହଁ ଖୋଲିନଥିଲେ। ଏହାକୁ ନେଇ ଏବେ ଦଳ ଭିତରେ ଚର୍ଚ୍ଚା ଜୋର ଧରିଥିବା ବେଳେ କ'ଣ ପାଇଁ ନିରବ ରହିଲେ ଓ ଏହା ପଛରେ ତାଙ୍କର ପ୍ରୋତ୍ସାହନ ଅଛି କି, ତାହା ଜାଣିବାକୁ ଅନେକ ବ୍ୟଗ୍ର ହୋଇ ପଡିଛନ୍ତି। ତେବେ ଇତି ମଧ୍ୟରେ ୧୮ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ସରିଥିବା ବେଳେ ଆଉ ୧୫ଟି ଜିଲ୍ଲାରେ ସଭାପତି ଚୟନ ସୂତା ଅଡୁଆ ହେବାରେ ଲାଗିଛି। ଏଥିସହିତ ଦଳର ୩ ପ୍ରମୁଖ ଛାମୁଆ ସଂଗଠନ ମହିଳା, ଛାତ୍ର ଓ ଯୁବ ମୁଖିଆ ଚୟନ ହେବାର ଅଛି। ତେଣୁ ମଉକା ଦେଖି କ୍ରୀତଦାସ ପଦାକୁ ବାହାରିବା ସହ ଯେଭଳି ଦଳପତିଙ୍କ ନଜରରେ ପଡ଼ିବେ, ସେଥିପାଇଁ ଗାଡ଼ି ଆଗରେ ଲସରପସର ହେଉଥିବା କର୍ମୀମାନେ ଆଲୋଚନା କରୁଛନ୍ତି। କିଛି କର୍ମୀଙ୍କ କହିବା କଥା ଯେ ଦଳର ଆଜି ଏଭଳି ଅବସ୍ଥା ପାଇଁ କ୍ରୀତଦାସ ହିଁ ଦାୟୀ। ଦଳପତି ତାଙ୍କ ଉପରେ ସତର୍କ ଦୃଷ୍ଟି ନ ରଖିଲେ ଏଘର ମାଉସୀ ସେଘର ପିଉସୀ ହେଉଥିବା କ୍ରୀତଦାସ ଆଗାମୀ ଦିନରେ ନିଜ ବେପାର ଓ ସୁରକ୍ଷା ପାଇଁ ଦଳକୁ ରସାତଳକୁ ନେଇଯିବେ।



## ଗୋପ ବୟାଳିଶବାଟି ମା' ଗଙ୍ଗେଶ୍ୱରୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା

**ଗୋପ, ୧୭।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଗୋପ ବ୍ଲକ ବୟାଳୀସିବାଟି ଗ୍ରାମରେ ମା ଗଙ୍ଗେଶ୍ୱରୀ ଗଙ୍ଗବଂଶର ରାଜାଙ୍କ ଅଧିଷ୍ଠାତି ଦେବୀ ଭାବେ ମା' କେଉଁ କାଳରୁ ପୂଜା ପାଇଁ ଆସୁଛନ୍ତି। ପ୍ରତ୍ୟକ ଶକ୍ତି ପୀଠରେ ଚୈତ୍ରମାସ ଶେଷ ମଙ୍ଗଳବାରେ ମା'ଙ୍କ ଝାମୁ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବୟାଳୀସିବାଟି ମା ଗଙ୍ଗେଶ୍ୱରୀ ପୀଠରେ ବୈଶାଖ ମାସ ପ୍ରଥମ ଗୁରୁବାରରେ ମା'ଙ୍କ ପ୍ରସିଦ୍ଧ ଝାମୁଯାତ୍ର ଅନୁଷ୍ଠିତ ହୋଇଥାଏ। ମା'ଙ୍କ ରୀତି ନୀତି ସାରିବା ପରେ ସକାଳୁ ମା'ଙ୍କ ପହଡ଼ ଖୋଲା ଯାଇଥାଏ। ପରେ ନିଷ୍ଠାରେ ଥିବା ମାନସିକ ଧରି କାଳିସୀ ଓ ଘଣ୍ଟ ପଟୁଆଳମାନେ ଅଗ୍ନି କୁଣ୍ଡରେ ଚାଲିଥାନ୍ତି। ଏହି ଦିବ୍ୟ ଦୃଶ୍ୟ ହେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଜମିଥାଏ। ସେହିପରି ନିଆଁ କୁଣ୍ଡରେ ଚାଲିବା ପରେ ଘଣ୍ଟ ପଟୁଆଳମାନେ ମା'ଙ୍କ ସମ୍ମୁଖରେ ନୃତ୍ୟ କରିଥାନ୍ତି । ଏହି ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବୟାଳୀସିବାଟି ମା' ଗଙ୍ଗେଶ୍ୱରୀ ଝାମୁଯାତ୍ରାରେ ବିଭିନ୍ନ ସଂକୃତିକ କାର୍ଯ୍ୟକ୍ରମ ସହ ରାତ୍ରରେ ମା'ଙ୍କ ପାଖରେ କାଳୀ ନୃତ୍ୟ ଅନୁଷ୍ଠିତ ହେବା ପରମ୍ପରା ଅଛି ବୋଲି ପୂଜକ କୃଷ୍ଣ ଚନ୍ଦ୍ର ପାଢ଼ୀ କୁହନ୍ତି।

## ଜିଲ୍ଲା ପ୍ରଶାସନକୁ ୬ ଆମ୍ବୁଲାନ୍ସ ହସ୍ତାନ୍ତର କଲା ନାଲ୍‌କୋ



**ବୋରିଗୁମ୍ମା/କୋରାପୁଟ, ୧୭।୪ (ସଂଚାର ବ୍ୟୁରୋ) :** ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇଁ ନବରତ୍ନ ଉଦ୍ୟୋଗ ନାଲକୋ ପାରିପାର୍ଶ୍ୱିକ ଉନ୍ନୟନ (ସିଏସଆର) ପାଣ୍ଠିରୁ ୫ଟି ଏବଂ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍)ରୁ ଗୋଟିଏ ମୋଟ ୬ଟି ଏଏଲଏସ ଆମ୍ବୁଲାନ୍ସ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛି। ନାଲକୋ ପକ୍ଷରୁ ଜିଜିଏମ ଏକେ ବାସୁ ଓ ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ସେଠୀ ଦକ୍ଷତା ବିକାଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଆମ୍ବୁଲାନ୍ସ ଗୁଡ଼ିକ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ହସ୍ତାନ୍ତର କରିଥିଲେ। ଜିଲ୍ଲା ପରିଷଦ ବୈଠକ ଶେଷ ହେବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ଓ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧି ପତାକା ଦେଖାଇ ଆମ୍ବୁଲାନ୍ସ ଗୁଡ଼ିକ ଲୋକାର୍ପିତ କରିଥିଲେ। ଉକ୍ତ ଆମ୍ବୁଲାନ୍ସ ଗୁଡ଼ିକ ନାରାୟଣପାଟଣା, ବନ୍ଧୁଗାଁ, କୁନ୍ଦୁଲି, ଲମତାପୁଟ ଭଳି ଉପାନ୍ତ ଅଞ୍ଚଳରେ ରୋଗୀ ସେବା ପାଇଁ ନିୟୋଜିତ କରାଯିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ହତ୍ୟା ଘଟଣାରେ ୨ ଗିରଫ



**ବୋରିଗୁମ୍ମା, ୧୭।୪ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଥାନା ଅନ୍ତର୍ଗତ ବଡପିଣ୍ଡାପଦର ଗ୍ରାମରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମୃତ ଯୁବକଙ୍କ ନାମ ଲୋକନାଥ ଗାଦବା(ଲୁକୁ), ବୟସ ୩୦ ବର୍ଷ। ପୁଲିସ ସୂତ୍ରରୁ ପ୍ରକାଶ ଯେ ରବିବାର ରାତିରେ ଚୈତପର୍ବ ଅବସରରେ ନାଟକ ଚାଲିଥିବା ବେଳେ କୌଣସି କାରଣରୁ ପ୍ରଥମେ ଦୁଇ ଜଣ ଲୋକନାଥ ଗାଦବା ଓ ରମେଶ ଗୌଡ଼ଙ୍କ ମଧରେ ବଚସା ହୋଇଥିଲା। ଛୋଟିଆ ଗଣ୍ଡଗୋଳରେ ରମେଶ ଗୌଡ ଉତ୍ୟକ୍ତ ହୋଇ ଲୋକନାଥଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଲୁକୁଙ୍କୁ ପ୍ରଥମେ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ଯୋଗୁଁ ତାଙ୍କୁ ତୁରନ୍ତ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। କିନ୍ତୁ କୋରାପୁଟ ମେଡ଼ିକାଲ କଲେଜରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଘଟଣାକୁ ନେଇ ମୃତ ଲୁକୁଙ୍କ ଭାଇ ରତନ ଗାଦବା ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେପଟେ ଘଟଣା କୁ ନେଇ ସ୍ଥାନୀୟ ସରପଞ୍ଚ ଭଗବାନ ଜାନି ମଧ ଦୁଃଖ ପ୍ରକାଶ କରି ଘଟଣାର ନିରପେକ୍ଷତା ତଦନ୍ତ ଦାବି କରିଥିଲେ । ଅନ୍ୟ ପଟେ ଅଭିଯୁକ୍ତ ରମେଶ ଗୌଡ଼ଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଥିଲା ଏବଂ ଏହାର ତଦନ୍ତ ଭାର ଏଏସଆଇ ରଚିତା ମାଡକାମୀ ନେଇଥିଲେ । ଘଟଣାସ୍ଥଳରେ କୋରାପୁଟ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ପ୍ରକିୟା ଆରମ୍ଭ କରି ଥାନାରେ ଏକ ହତ୍ୟା ମାମଲା--୮୨/୨୫ ଦଫା ୧୦୩(୧)/୩(୫)ରୁଜୁ କରାଯାଇ ଅଭିଯୁକ୍ତ ରମେଶ ଗୌଡ଼ (୨୩)ଓ ଧନର ଗୌଡ଼ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ ହୋଇଥିବା ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଶ୍ୱେତପଦ୍ମା ସେଠ ସୂଚନା ଦେଇଛନ୍ତି ।

### ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

# ବିଦ୍ୟାଳୟ ପରିକଳ୍ପନା କରିଥିବା ମହାମନିଷୀ ଚିର ନମସ୍ୟ

**ନୟାଗଡ଼, ୧୭।୪ (ସଂଚାର ବ୍ୟୁରୋ) :** ନୟାଗଡ଼ ବ୍ଲକ ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, କନ୍ଧମାଳ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲ୍ଲା ପରିଷଦ ସରୋଜ କୁମାର ରଣସିଂ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ପଗଡ଼, ସମିତି ସଭ୍ୟା ସନ୍ଧ୍ୟାରାଣୀ ବେହେରା, ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଚତୁର୍ଭୁଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ କୁମାର ଶତପଥିଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଠ କ'ଣ ଜାଣିନଥିବା ଲୋକ ଭବିଷ୍ୟତ ଚିନ୍ତା କରି ବିଦ୍ୟାଳୟ ଗଢ଼ିବାର ପରିକଳ୍ପନା କରିଥିଲେ ବୋଲି ନୟାଗଡ଼ ବିଧାୟକ କହିଥିଲେ । ଅନ୍ଧକାର ଦୁନିଆରୁ ଆଲୋକବର୍ତ୍ତିକା ସୃଷ୍ଟି କରିବା ପାଇଁ ଯେଉଁମାନେ



ବିଦ୍ୟାଳୟ ଗଢ଼ିଥିଲେ ସେମାନଙ୍କୁ ସମ୍ବର୍ଦ୍ଧନା ଦେବାର ସମୟ ଆସିଛି । ବିଦ୍ୟାଳୟରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ଉକ୍ତ ବିଦ୍ୟାଳୟ ପାଇଁ ସମୟ, ଶ୍ରମ ଓ ସହଯୋଗର ହାତ ବଢ଼ାଇବା ଆବଶ୍ୟକ ହୁଏ। ଶିକ୍ଷାନୁଷ୍ଠାନ ଜୟନ୍ତୀ ପାଳନ ପାଇଁ ଆଗଭର ହୋଇଥିବା ବ୍ୟକ୍ତିମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ । ଇଚ୍ଛା ଶକ୍ତି ଓ ମନବୃତ୍ତି ଦ୍ୱାରା ଏହା ସମ୍ଭବ ହୁଏ ବୋଲି କହିଥିଲେ।

ବିଦ୍ୟାଳୟ ହେଉଛି ଆମମାନଙ୍କ ପାଇଁ ମନ୍ଦିର ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ । ଅନୁଭବ ଆପଣଙ୍କୁ କିଛିଦିନ ସତେଜ କରିବ। ମୋ ସ୍କୁଲ ଯୋଜନା ପୁରୁଣା ଛାତ୍ରଛାତ୍ରୀଙ୍କୁ ଏକାଠି କରିବାର ଏକ ମାଧମ ସାଜିଛି ବୋଲି କହିଥିଲେ। ଆମ ଜିଲ୍ଲାରେ ଜିଲ୍ଲାପାଳ ଏକ ପାଇଲଟ୍ ପ୍ରୋଜେକ୍ଟ ଆଣିଛନ୍ତି, ଯାହାଦ୍ୱାରା ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାର ଅଭାବ ରହିବ ନାହିଁ ବୋଲି ଅଧକ୍ଷ କହିଥିଲେ। ସେହିଭଳି ଭାବେ ଅନ୍ୟ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମାର୍ମିକ ଅଭିଭାଷଣ ରଖିଥିଲେ। କବି ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫୦ବର୍ଷ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ବିରଭୂମି' ଉନ୍ମୋଚନ ହୋଇଛି ।

## ଶବ ପୋତିବାକୁ କେନ୍ଦ୍ର କରି ଉତ୍ତେଜନା

**ରାଇଘର ୧୭।୪ (ସଂଚାର ବ୍ୟୁରୋ):** ଶବ ପୋତିବାକୁ କେନ୍ଦ୍ର କରି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁମୁଲି ପଞ୍ଚାୟତର ମାଲବେଡ଼ା ଗାଁରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋତା ଯାଇଥିବା ଶବ ବାହାର କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ । ଯାହାଫଳରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କୌଣସି ପ୍ରକାର ଅଶାନ୍ତ ନ ଉପୁଜିବା ନେଇ ସଜାଗ ହୋଇଥିଲା ପୁଲିସ। କିଛି ମାସ ପୂର୍ବେ ଉପରୋକ୍ତ ଗାଁର ରାମଚନ୍ଦ୍ର ଗଣ୍ଡଙ୍କ ପୁଅ ଈଶ୍ୱର ଗଣ୍ଡ (୧୮) କାମ କରିବାକୁ ମହାରାଷ୍ଟ୍ର ଚାଲି ଯାଇଥିଲେ। ମଙ୍ଗଳବାର ଈଶ୍ୱରଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶେଷକୃତ୍ୟ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ପୂର୍ବରୁ ଈଶ୍ୱର ଧର୍ମ ପରିବର୍ତ୍ତନ କରିଥିବା କାରଣରୁ କେଉଁ ସ୍ଥାନରେ ତାଙ୍କର ଶେଷକୃତ୍ୟ ହେବ ସେଥିପାଇଁ ଗାଁରେ ବୈଠକ ହୋଇଥିଲା। କୌଣସି ନିଷ୍ପତ୍ତ ନିଆଯିବା ପୂର୍ବରୁ ପରିବାର ଲୋକ ଗାଁର ଗୋଟିଏ ସ୍ଥାନରେ ମୃତଦେହ ପୋତି ଦେଇଥିଲେ। ଯାହାକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା ।

### ବ୍ଲକ ପ୍ରଶାସନର ମନମାନୀ ବିରୋଧରେ ଆମରଣ ଅନଶନ ପ୍ରସଙ୍ଗ

# ଲିଖିତ ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ପଞ୍ଚାୟତ ଜନପ୍ରତିନିଧି

**ନାଉଗାଁ, ୧୭।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପ୍ରଶାସନର ମନମାନି ବିରୋଧରେ ବଛାଲୋ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ ଲେଙ୍କା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଠାରୁ ଆମରଣ ଅନଶନରେ ବସିଥିଲେ। ସେମାନଙ୍କୁ ସମର୍ଥନ ଜଣାଇ ଅନ୍ୟ ପଞ୍ଚାୟତର ଜନ ପ୍ରତିନିଧିମାନେ ଅନଶନସ୍ଥଳରେ ବସିଥିଲେ। ଅହୋରାତ୍ର ଅନଶନରେ ବସିବାର ୫୨ଘଣ୍ଟା ପୁରିବା ପରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଏପିଡି ଅଭିମନ୍ୟୁ ପଣ୍ଡା ଅନଶନସ୍ଥଳରେ ପହଁଚି ସେମାନଙ୍କ ଦ୍ୱାରା ହୋଇଥିବା ଦାବି ଉପରେ ଆଲୋଚନା କରିଥିଲେ। ଏହାପରେ ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ପଞ୍ଚାୟତ ପ୍ରତିନିଧିମାନେ ଅନଶନରୁ ଓହରିଥିବା ସମିତି ସଭ୍ୟ ଚନ୍ଦନ ଲେଙ୍କା କହିଛନ୍ତି।





ପ୍ରକାଶଯୋଗ୍ୟ ଏହି ଗ୍ରାମ ପଞ୍ଚାୟତରେ ଏକ ବ୍ୟାଙ୍କ ସେବାଗୃହ ନିର୍ମାଣ ନିମନ୍ତେ ୨୬ତମ ସାଧାରଣ ବୈଠକରେ ସ୍ଥାନ ନିରୁପଣ କରାଯାଇଥିଲା। କିନ୍ତୁ ଯେଉଁ ସ୍ଥାନ ନିରୁପଣ କରାଯାଇଥିଲା, ସେହି ସ୍ଥାନରେ ଉକ୍ତ ଗୃହ ନିର୍ମାଣ କରା ନ ଯାଇ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କ ଅଜାଣତରେ ଅନ୍ୟ ଏକ ସ୍ଥାନରେ ନିର୍ମାଣ କରାଯାଇଛି। ଏନେଇ ଗତ ମାର୍ଚ୍ଚ ୨୯ରେ ଜିଲ୍ଲା ପ୍ରଶାସନ ସମେତ ବ୍ଲକ ଅଧକ୍ଷା ଓ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏପରିକି ଅଭିଯୋଗ ପରେ ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ.ଅଙ୍କିତା ଜାଲି, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋନାଲି ମଲ୍ଲିକ ପ୍ରମୁଖ କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଥିଲେ। ଏହାପରେ ବି ଉକ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ସରପଞ୍ଚ ଓ ସମିତି ସଭ୍ୟ ଦ୍ୱୟ ଅସନ୍ତୋଷ ବ୍ୟକ୍ତ କରି ଅନଶନରେ ବସିଥିଲେ।

### ଆଜି ବିଶ୍ୱ ଐତିହ୍ୟ ଦିବସ

# ମାଗଣାରେ ସୂର୍ଯ୍ୟମନ୍ଦିର ବୁଲିବେ ପର୍ଯ୍ୟଟକ

**କୋଣାର୍କ, ୧୭।୪ (ସଂଚାର ବ୍ୟୁରୋ):** ଆଜି ହେଉଛି ବିଶ୍ୱ ଐତିହ୍ୟ ଦିବସ। ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ତଥା ସଂରକ୍ଷଣ ଦିଗରେ ଏଏସଆଇ କର୍ତ୍ତୃପକ୍ଷ ସବୁବେଳେ କାର୍ଯ୍ୟଧାରା ଅବ୍ୟାହତ ରଖିଛି। ଏହି ପ୍ରାଚୀନ କଳାକୃତି ସଂପନ୍ନ ଐତିହ୍ୟ କୀର୍ତିରାଜି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଓଡିଆ ଅସ୍ମିତା ଓ ସଂସ୍କୃତି ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି ବଜାୟ ରଖିଛି। ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ନିମନ୍ତେ ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କ ନିମନ୍ତେ ନିଃଶୁଳ୍କ ମନ୍ଦିର ପ୍ରବେଶ ବ୍ୟବସ୍ଥା ଏଏସଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସୂର୍ଯ୍ୟ ମନ୍ଦିର ହେଉଛି ସ୍ଥାପତ୍ୟ ଓ କଳାକୃତି ପାଇଁ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧରେ ଅନ୍ୟତମ। ଏହି ପ୍ରାଚୀନ କଳାକୃତି ସଂପନ୍ନ କୀର୍ତ୍ତୀରାଜି ପୂର୍ଣ୍ଣ ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଐତିହ୍ୟ କରିଡର ଯୋଜନାରେ ଏହାର ଚତୁଃପାର୍ଶ୍ୱର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ ଥିବାରୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର କଳାକୃତି ଦେଖିବା ପାଇଁ ଓଡିଶାର ଜନସାଧାରଣ ତଥା ପର୍ଯ୍ୟଟକ ମାନେ ଏହାର ସୁବିଧା ସୁଯୋଗ ହାସଲ କରିବା ପାଇଁ ଏଏସଆଇ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡିବି ଗଡନାୟକ ପ୍ରକାଶ କରିଛନ୍ତି।

### ବିଜୁ ବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

# ବିଜୁ ବାବୁ ଓଡ଼ିଶା ପାଇଁ ଉଜ୍ଜ୍ୱଳତମ ତାରକା





**ନୟାଗଡ଼, ୧୭।୪ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ପୌର ପରିଷଦ ବିଜେଡି ସଭାପତି ଅମୂଲ୍ୟ ମହାନ୍ତି ବିଜୁ ବାବୁଙ୍କ ଦ୍ୱାରା ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା କରିବା ଅନୁଭୂତିକୁ ବକ୍ତବ୍ୟରେ କହିଥିଲେ। ମହିଳା ସଶକ୍ତି କରଣ କରିବାରେ ବିଜୁ ବାବୁଙ୍କ ଅବଦାନ ସ୍ମରଣୀୟ ବୋଲି ପୌର ପରିଷଦ ଅଧକ୍ଷା କହିଥିଲେ। ବିଜୁ ବାବୁ ଅସୀମ ସାହାସର ପ୍ରତୀକ ବୋଲି ବରିଷ୍ଠ ନାଗରିକ ପ୍ରତାପ ନନ୍ଦ କହିଥିଲେ। ବିଜୁ ଜନତା ଦଳ ଅଖଣ୍ଡ ଭାବେ ଲଢ଼େଇ କରିବାର ସମୟ ଆସିଛି ବୋଲି କହିଥିଲେ। ଓଡ଼ିଆ ଅସ୍ମିତାକୁ ଅଗ୍ରାଧିକାର ବିଜୁ ବାବୁ ଦେଇଥିଲେ ବୋଲି ଜିଲ୍ଲା ପରିଷଦ ଅଧକ୍ଷ କହିଥିଲେ। ବିଜୁ ବାବୁ ଓଡ଼ିଶା ପାଇଁ ଉଜ୍ଜ୍ୱଳତମ ତାରକା ବୋଲି କହିଥିଲେ। ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରି ଝଡ଼ର ଇଗଲ ବିଜୁ ବାବୁ ମହିଳା ସଶକ୍ତି କରଣକୁ ଗୁରୁତ୍ୱ ଦେଇଥିଲେ। ବିଜେପି ସରକାର ସ୍ୱାଧୀନତା ଆଣିଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କରୁଛି ବୋଲି ବିଧାୟକ ଡ. ସାହୁ କହିଥିଲେ। ଗାନ୍ଧୀଙ୍କ ଅବଦାନକୁ ମୂଳ ଉତ୍ପାଟନ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ମନରେଗା ଯୋଜନାରେ ଅର୍ଥ ବ୍ୟୟ ବରାଦ କରିବା ବନ୍ଦ କରି ଉକ୍ତ ଯୋଜନାକୁ ବିଜେପି ସରକାର ବନ୍ଦ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଛି। କେବଳ ଗାନ୍ଧୀଙ୍କ ନାଁ ଲୁଚାଇବା ପାଇଁ ଏଭଳି କରାଯାଉଥିବା ବିଧାୟକ କହିଥିଲେ। ସେହିଭଳି ଭାବେ ଓଡ଼ିଶାରେ ବିଜୁ ବାବୁଙ୍କୁ କୃତିକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି। ଧର୍ମ ନାଁରେ ରାଜନୀତି କରିବା ଦ୍ୱାରା ବିଭିନ୍ନ ସମୟରେ ଦଙ୍ଗା ସୃଷ୍ଟି ହେଉଛି। ବିଜୁ ବାବୁ ଓଡ଼ିଶା ବାସୀଙ୍କ ପାଇଁ ଅବିସ୍ମରଣୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାସ କହଁର, ସରୋଜ ରଣସିଂ, ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲି ପ୍ରଧାନ, ପୌର ପରିଷଦ ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ସଂଖ୍ୟା ଲଘୁ ନେତା ଏସ.କେ ନଇମ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### 'ସଂଯୋଗ'ର ଅଭିନବ ପ୍ରୟାସ

# ବାଟୋଇଙ୍କୁ ଆକୃଷ୍ଟ କରୁଛି ଜଳଛତ୍ର ଓ ଖେଚୁଡ଼ି ପ୍ରସାଦ





**କାକଟପୁର/ଅସ୍ତରଙ୍ଗ, ୧୭।୪ (ସଂଚାର ବ୍ୟୁରୋ):** ତାତିର ପ୍ରକୋପ ବଢ଼ିବାରେ ଲାଗିଛି । ଡହ ଡହ ଖରା ସାଙ୍ଗକୁ ଝାଞ୍ଜି ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ଏଭଳି ସ୍ଥିତିରେ ଥଣ୍ଡା ପାନୀୟର ଆବଶ୍ୟକତା କେବଳ ଖରାରେ ଯାଉଥିବା ବାଟୋଇ ହିଁ ବୁଝିପାରିବ। କିନ୍ତୁ ଏମାନଙ୍କ କଷ୍ଟ ଲାଘବ ପାଇଁ ମଙ୍ଗଳବାର ଦିନ କାକଟପୁର ମା ମଙ୍ଗଳାଙ୍କ ଝାମୁଯାତ୍ରାରେ ସଂଯୋଗ ଚାରିଟେବୁଲ ଟ୍ରଷ୍ଟ ଆଗକୁ ଆସିଛନ୍ତି । ଗଳା ଶୁଖି ଯାଉଥିବା ବେଳେ ସୁରେଇର ଶୀତଳ ଜଳ ଲୋକଙ୍କୁ ଦେଉଛି ଉପଶମ । ଖାଲି ଥଣ୍ଡା ପାନୀୟ ନୁହେଁ ବରଂ ତା' ସାଙ୍ଗକୁ ପୋଦିନା ଏବଂ ଲେମ୍ବୁର ସ୍ୱାଦ । ଏହା ସହ ଖେଚୁଡ଼ି ପ୍ରସାଦ। ୨୦୦୬ମସିହାରୁ ଦୀର୍ଘ ୨୦ବର୍ଷ ଧରି ସଂଯୋଗ ଟ୍ରଷ୍ଟ ପକ୍ଷରୁ ଝାମୁଯାତ୍ରା ଅବସରରେ ଖେଚୁଡ଼ି ପ୍ରସାଦ ବଣ୍ଟନ ହେଉଛି। ପାଖାପାଖି ୧୫ହଜାର ଭକ୍ତଙ୍କୁ ବଣ୍ଟନ ହୋଇଥିଲା। ରାସ୍ତାରେ ଚାଲି ଚାଲି ଯାଉଥିବା ବାଟୋଇଙ୍କ ଠାରୁ ଆରମ୍ଭ କରି କାରରେ ଯାଉଥିବା ବାଟୋଇ ମଧ କିଛି କ୍ଷଣ ଏଠାରେ ଅଟକି ଯାଉଥିଲେ । ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପାଖକୁ ଟାଣୁଛି ଏହି ଜଳଛତ୍ର ସହ ଖେଚୁଡ଼ି ବଣ୍ଟନ। ଏହି ଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସଭାପତି ଦେବରାଜ ବିଶ୍ୱାଳ, ଉପସଭାପତି ଜଗବନ୍ଧୁ ଷଡ଼ଙ୍ଗୀ, ସମ୍ପାଦକ ଗଗନ ପାତ୍ର, ଟ୍ରଷ୍ଟ ସଦସ୍ୟ ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧକ୍ଷା କୁନିଲତା ରାଉତ,ମାଧବଚନ୍ଦ୍ର ସାହୁ, ଡକ୍ଟର ଜିତେନ୍ଦ୍ର ସାମଲ ଲକ୍ଷ୍ମୀଧର ସାହୁ, ହରିଶ ଚନ୍ଦ୍ର ସାହୁ ପ୍ରମୁଖ ବଣ୍ଟନ କରିଥିଲେ।

## କୁଜଙ୍ଗରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ

**କୁଜଙ୍ଗ, ୧୭।୪ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଜି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁଙ୍କ ୨୮ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣି ସାହୁ ଓ ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁଢଳ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା, ଯୁବ, ଛାତ୍ର, ମହିଳାମାନେ ପହଞ୍ଚି କୁଜଙ୍ଗ ବଜାର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଓଡ଼ିଶାର ଗୌରବ ବୃଦ୍ଧି ପାଇଁ ତାଙ୍କ ଉଦ୍ୟମ ସହ ବିଜୁବାବୁଙ୍କ ଅଗାଢ ଦେଶପ୍ରେମ, ତ୍ୟାଗ ଓ ପରାକ୍ରମ ସର୍ବଦା ଓଡ଼ିଆ ଜାତିର ସ୍ୱାଭିମାନ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା। ପରେ କୁଜଙ୍ଗ ବଜାର ପରିକ୍ରମା କରି ଡାକ୍ତରଖାନାରେ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନଙ୍କୁ ଫଳ ଓ ଓଆରସ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ଅରୁଣ କୁମାର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ବିଶ୍ୱନାଥ ପରିଡ଼ା, ମନୀନ୍ଦ୍ର ଗୁରୁଙ୍କ ସମେତ ଶତାଧିକ କର୍ମୀ, କର୍ମକର୍ତ୍ତା ଓ ଶୁଭେଚ୍ଛୁ ମାନେ ଯୋଗ ଦେଇଥିଲେ।

### ୧୯୮୧ ବ୍ୟାଚର ବନ୍ଧୁ ମିଳନ

# ବନ୍ଧୁତା ହିଁ ଶେଷ ସମୟର ସାଥୀ



**କାକଟପୁର/ଅସ୍ତରଙ୍ଗ, ୧୭।୪ (ସଂଚାର ବ୍ୟୁରୋ) :** ବନ୍ଧୁତା ହୋଇପାରେ ଗୋଟିଏ ଶବ୍ଦ, କିନ୍ତୁ ତା ପରିଧି କେଉଁଠୁ ଯେ କେତେ ଦୂର ଆଖି ପାଏନି। କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ଯୋଡି ହୋଇଯିବ। ଯିଏ ଯାହା ବୁଝେ ସେହି ହିସାବରେ ତା ବନ୍ଧୁତା ଆଗେଇ ଚାଲେ। ସେଇଥି ପାଇଁ ବୋଧେ କିଛି ବନ୍ଧୁତାର ଆୟୁଷ ବେଶୀଦିନ ନଥିବା ବେଳେ ଆଉ କିଛି ବନ୍ଧୁତାର ଆୟୁଷ ଲମ୍ବିଯାଏ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛତିଆନା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଦିନ ଆୟୋଜିତ ନିମାପଡା ମହାବିଦ୍ୟାଳୟର ୧୯୮୧ବ୍ୟାଚର ବନ୍ଧୁ ମିଳନ। କାହାର ପିଲା ବେଳର ନାଟକ ମନେ ପଡ଼ିଯାଉଥାଏ ତ ଆଉକିଏ ପିଲା ବେଳର ସାଙ୍ଗକୁ ଚିହ୍ନି କୁଣ୍ଢେଇ ପକାଉଥାଏ । ଆହାଃ କି ନିବିଡ଼ତା, ପିଲା ଦିନର ବନ୍ଧୁତା ଆଉ ଏ ଅନାବିଳ ପ୍ରେମ କେବଳ ଅନୁଭବୀ ହିଁ ଅନୁଭବ କରି ପାରିବ ଏମାନଙ୍କ ଭାବକୁ। ବୟସ ସିନା ୭୦ପାର ହେଲାଣି କିନ୍ତୁ ପିଲା ଦିନକୁ ଆଜି ଖୋଜି ହେଉଛନ୍ତି ଏମାନେ।

ସମୟ ସ୍ରୋତରେ ପିଲା ଦିନ ଚାଲିଗଲା, କିଶୋର, ଯୁବାବସ୍ଥା ଯାଇ ବାର୍ଦ୍ଧକ୍ୟ ଘାରିଲା। ଏ ଅବସ୍ଥାରେ କୁଆଡେ ଗଲା ସେ ପିଲା ଦିନ ଗୁଡାକ ଭାରି ମନେ ପଡୁଛି। ଆସ ଟିକେ ଅତିତକୁ ଭେଟିବା, ସହର ଛାଡି ଆମେ ଗାଉଁଲି ହେବା। ବିତି ଯାଇଥିବା ସ୍ମୃତିକୁ ସାଉଁଟିବାର ଇଚ୍ଛା ନେଇ ଏକାଠି ହୋଇଥିଲେ ବୁଧବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛତିଆନା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିମାପଡା ମହାବିଦ୍ୟାଳୟର ୧୯୮୧ ମସିହା ବ୍ୟାଚ। ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ନୁହେଁ ତ ସତେ ଯେମିତି ଶତାବ୍ଦି ର ଶ୍ରେଷ୍ଠ ମାନଙ୍କ ଭେଟ ଘାଟ। କିଏ ୩୦ରୁ ୪୦ବର୍ଷ ଧରି ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି ଆଉ କିଏ ଗାଁ ବିଦ୍ୟାଳୟର ଶହ ଶହ ଭବିଷ୍ୟତକୁ ଗଢିଛି। ଏମାନଙ୍କ ଭିତରୁ କିଏ ବାଟ କାଟି ଚାଲି ଗଲଣି, ଯିଏ ଅଛନ୍ତି ସେମାନଙ୍କ ଫଟୋ ଭିତରେ ସ୍ମୃତିକୁ ଦରାଣ୍ଡୁଛନ୍ତି। ଅସ୍ତରଙ୍ଗ ଅଞ୍ଚଳ ଅତି ପରିଚିତ ବ୍ୟକ୍ତିତ୍ୱ ନଟ କିଶୋର ମହାନ୍ତିଙ୍କ ନେତୃତ୍ୱରେ ପୁରାତନ ବନ୍ଧୁ ଏକାଠି ହୋଇ ଅସ୍ତରଙ୍ଗ ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଗଙ୍ଗାଦେବୀ ଓ ପୀରଜାହାନିଆ ବୁଲାବୁଲି କରିବା ଶହ ପଖାଳ କଂସା ସାଙ୍ଗକୁ ନାନାପ୍ରକାର ବ୍ୟଞ୍ଜନ ଏକାଠି ବସି ଖାଇଥିଲେ। ଦୀର୍ଘ ୪୦ବର୍ଷ ପରେ ଏମାନେ ଭେଟ ହୋଇଛନ୍ତି ସତ କିନ୍ତୁ ସାଉଁଟିଛନ୍ତି ଶହ ଶହ ସ୍ମୃତି।

# ଜିଲ୍ଲାସ୍ତରୀୟ ପୋଷଣପକ୍ଷ ପାଳିତ

**ଖୋର୍ଦ୍ଧା, ୧୭।୪ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ପୋଷଣ ପଖୱାଡା -୨୦୨୫ ପାଳିତ ହୋଇଯାଇ ଅଛି। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଅଙ୍ଗନୱାଡ଼ି କର୍ମୀ,ସି ଡି ପି ଓ ଏବଂ ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ସୁସ୍ଥ ଓ ନିରୋଗୀ ଶିଶୁ ଓ ମା ମାନଙ୍କ ନିମନ୍ତେ ପ୍ରସ୍ତୁତ ସୁଷମ ଖାଦ୍ୟ ପ୍ରସ୍ତୁତି ବୁଲି ଦେଖିବା ସହ ନିଜ ଉଦବୋଧନରେ କହିଥିଲେ ଯେ ପୋଷଣ ପଖୱାଡାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସମସ୍ତଙ୍କୁ ନେଇ ଆଜିର ଏହି କାର୍ଯକ୍ରମ ହୋଇଛି। ପ୍ରତ୍ୟେକ ଶିଶୁ ଓ ମା'ଙ୍କୁ ସୁସ୍ଥ ରଖିବାକୁ ହେଲେ ଅଙ୍ଗନୱାଡ଼ି ଦିଦି, ସିଡିପିଓ ମାନଙ୍କ ଗୁରୁ ଦାୟିତ୍ୱ ରହିଛି। ଶିଶୁର ଓଜନ କାହିଁକି କମିଲା, ମା'ର ରକ୍ତ ହୀନତା କାହିଁକି ହେଲା ସେଗୁଡ଼ିକର ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନରେ ଯାଞ୍ଚ ହେବା ଜରୁରୀ। ଶିଶୁ ଓ ମା'ମାନଙ୍କର ଶୃଙ୍ଖଳା ଓ ସମୟାନୁବର୍ତିତା ସୁଷମ ଖାଦ୍ୟ ଖାଇବା ସହ ଶୃଙ୍ଖଳିତ ଅଭ୍ୟାସ





କୁ ଆପନେଇନେଲେ ସମସ୍ତ ମା ଏବଂ ଶିଶୁ ଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବା ସହ ଏକ ସୁସ୍ଥ ଓ ନିରୋଗି ସମାଜ ଗଠନ ହୋଇ ପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ମହତ କାର୍ଯ୍ୟ କ୍ରମକୁ ବ୍ୟାପକ ପ୍ରସାର ପ୍ରଚାର ନିମନ୍ତେ ପ୍ରତ୍ୟେକ ମାସରେ ଓ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ପଖୱାଡା ଆୟୋଜନ କରାଇ ଶପଥ ପାଠ ଉତ୍ସବ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପୋଷଣ ପଖୱାଡ଼ା ମାସ ହିସାବରେ ନୁହେଁ ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଓ ଦେଶର ଭବିଷ୍ୟତର ଦାୟିତ୍ୱ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର ,ସି ଡି ପି ଓ ମାନଙ୍କ ପାଖରେ ଅଛିବୋଲି କହିବାସହ ସୁଷମ ଖାଦ୍ୟ ଖାଉଛନ୍ତି କି ନାହିଁ ଯାଞ୍ଚ କରିବା ପରମ କର୍ତ୍ତବ୍ୟ ଅଟେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଓ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ସ୍ୱାଗତ ଭାଷଣ ଦେବାସହ ସପ୍ତମ ପୋଷଣ(ପ୍ରଧାନ ମନ୍ତ୍ରୀଙ୍କ ସାମଗ୍ରିକ ପୁଷ୍ଟି ପାଇଁ ବ୍ୟାପକ ଯୋଜନା) ପକ୍ଷ ଓ୍ୱାଡ଼ା -୨୦୨୫ତଥା ୮ଏପ୍ରିଲରୁ ୨୨ଏପ୍ରିଲ ଉପରେ ପ୍ରମୁଖ ଥିମ୍ ଉପରେ ବକ୍ତବ୍ୟ ରଖିଥିଲେ।ମୁଖ୍ୟ ଅତିଥି ଜିଲ୍ଲାପାଳ ପୋଷଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଥମ ହୋଇଥିବା ବି ଏମ୍ ସି-୧, ସିଡିପିଓ ମିନତି ପଣ୍ଡା, ବାଲିପାଟଣା ବ୍ଲକର ରୁନୁବାଲା ସାହୁ, ଦ୍ୱିତୀୟ, ବାଲିଅନ୍ତା ବ୍ଲକର ଜ୍ୟୋଟିରେଖା ଜେନାଙ୍କୁ ତୃତୀୟ ପୁରସ୍କାର ମାନପତ୍ର ପ୍ରଦାନ କରିଥିଲେ। ସେହିପରି ଉତ୍ତମ ସ୍ୱାସ୍ଥ୍ୟ ଶିଶୁରେ ପ୍ରତ୍ୟୁଷ ସ୍ୱାଇଁ, ପ୍ରଥମ, ଶୁଭଲକ୍ଷ୍ମୀ ଦାଶ, ଦ୍ୱିତୀୟ, ଅଂଶୁମାନ ପାର୍ଥ ସାରଥୀ, ତୃତୀୟଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଜିଲ୍ଲାପାଳ କେକ୍ କାଟି ଶିଶୁମାନଙ୍କୁ ବାଣ୍ଟିବାସହ ସମସ୍ତ ମା ଏବଂ ଶିଶୁ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଷମା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଅସମ୍ଭବ ମଧ୍ୟରେ ସମ୍ଭବର ସନ୍ଧାନ ହିଁ ବିକାଶ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ବ୍ୟକ୍ତି କେତେଦିନ ବଞ୍ଚେ ତାହା ମହତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କିଭଳି ବଞ୍ଚେ ଓ ସେହି ସମୟ ମଧ୍ୟରେ କ'ଣ କାମ କରେ ତାହା ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ହିଁ ଆମକୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା ମିଳେ। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଜାତୀୟ ସମ୍ମିଳନୀରେ ଯୋଗଦେଇ ଏପରି ମତ ପୋଷଣ କରିଛନ୍ତି।



ସେ କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷାର ବିକାଶ ମାଧ୍ୟମରେ ଡ. ମହତାବ ଆତ୍ମବିଶ୍ୱାସ ସହ ଜ୍ଞାନର ସଂଯୋଗ ରହିବା ନିହାତି ଆବଶ୍ୟକ ବୋଲି ପ୍ରମାଣିତ କରିଦେଇଛନ୍ତି। ହୀରାକୁଦ ବନ୍ଧ ହେଉ ଅବା ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ ମାନ୍ୟତା ଦିଆଯିବା ହେଉ, ସବୁଥିରେ ତାଙ୍କ ଅବଦାନକୁ ଇତିହାସ ସର୍ବଦା ମନେ ରଖିବ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାରାଷ୍ଟ୍ରର ଅହମ୍ମଦ ନଗର ଜେଲରେ ଥିବା ବେଳେ ସେ ଓଡ଼ିଶାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିଥିଲେ ବୋଲି ଶ୍ରୀ ଗଡକରୀ ତାଙ୍କ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତି ଜଳ, ଶକ୍ତି, ପରିବହନ ଓ ଯୋଗାଯୋଗ ହେଉଛି ୪ଟି ମୂଳ ବିନ୍ଦୁ ଯାହାଦ୍ୱାରା ଓଡ଼ିଶାର ବିକାଶ ସମ୍ଭବ। ଅସମ୍ଭବ ଶବ୍ଦ ମଧ୍ୟରେ ସମ୍ଭବକୁ ଖୋଜିବା ହିଁ ପ୍ରକୃତ ବିକାଶ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଡକ୍ଟର ମହତାବ ଏକାଧାରରେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ ଓ ଐତିହାସିକ ଥିଲେ। ସେ ଯଥାର୍ଥରେ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ଆଜି ଆମେ ଯେଉଁ ଓଡ଼ିଶାର ସ୍ୱରୂପ ଦେଖୁଛେ, ସେ ସ୍ୱରୂପକୁ ସାକାର କରିଥିଲେ ଡଃ ମହତାବ। ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ ଓ ଡଃ ମହତାବଙ୍କ ଉଦ୍ୟମରେ ୨୬ଟି ଗଡ଼ଜାତ ରାଜ୍ୟ ଓଡ଼ିଶାରେ ମିଶିଲେ ଏବଂ ଓଡ଼ିଶାର କ୍ଷେତ୍ରଫଳ ୧ ଲକ୍ଷ ୫୫ ହଜାର ୭୦୭ ବର୍ଗ କିମିକୁ ବୃଦ୍ଧି ପାଇଲା। ଡଃ ମହତାବଙ୍କ ବୁଦ୍ଧି, ଜ୍ଞାନ ଓ ନିଷ୍ଠାପର ଉଦ୍ୟମ ପାଇଁ ଏହା ସଫଳ ହୋଇଥିଲା। ସେଥିପାଇଁ ତାଙ୍କୁ ଓଡ଼ିଶାର ସର୍ଦ୍ଦାର ପଟେଲ ବୋଲି ମଧ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ସରକାର ଡ. ମହତାବଙ୍କ ସ୍ମୃତିକୁ ପୁନଃ ଉଜ୍ଜୀବିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ତାଙ୍କର ୧୨୫ତମ ଜନ୍ମ ବାର୍ଷିକୀ ଗତ ବର୍ଷ ନଭେମ୍ବର ୨୧ଠାରୁ ବର୍ଷେ ବ୍ୟାପୀ ପାଳନ କରାଯାଉଛି। ସେହିପରି କଟକ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ଡ. ମହତାବଙ୍କର ଅନେକ ଆକାଂକ୍ଷା ଓ ଅଭିଳାଷ ଥିଲା। ଆଜି ଏହାର ସଫଳ ରୂପାୟନ ପାଇଁ ତାଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଆମେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିବୁ। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଞ୍ଚାସୀନ ଥିବା ବେଳେ ଆୟୋଜିତ ପ୍ରଦର୍ଶନୀକୁ ଶ୍ରୀ ଗଡକରୀ ଓ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।

**ଡ. ମହତାବଙ୍କ ସ୍ମୃତି ଉଜ୍ଜୀବିତ ପାଇଁ ପଦକ୍ଷେପ ନିଆଯିବ: ମୁଖ୍ୟମନ୍ତ୍ରୀ**

## ୨ ହଜାର ପଦବୀରେ ମୁଖ୍ୟମନ୍ତ୍ରୀଙ୍କ ମୋହର

**ସୁଧୁରିବ ଟ୍ରାଫିକ୍ ସମସ୍ୟା**

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସକାଶେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ହଜାର ନୂତନ ପଦବୀକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟରେ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ବ୍ୟବସ୍ଥା ଉପରେ ବିଜେପି ସରକାର ଗୁରୁତ୍ୱ ଦେଉଥିବା ବେଳେ ସଦ୍ୟ ନିଷ୍ପତ୍ତି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ଟି ନୂତନ ପଦବୀ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ସ୍ତରରେ ୧୯୩୦ଟି ପଦବୀ ସୃଷ୍ଟି କରାଯାଉଛି। ସୃଷ୍ଟି ହୋଇଥିବା ରାଜ୍ୟସ୍ତରୀୟ ପଦବୀ ମଧ୍ୟରେ ଏଡିଜିପି/ଆଇଜିପି ଗୋଟିଏ ପଦବୀ, ଡିଆଇଜି (ପୁଲିସ) ଗୋଟିଏ ପଦବୀ, ଏସ୍‌ପି ୨ଟି ପଦବୀ, ଡିଏସ୍‌ପି ୪ଟି, ଇନ୍‌ସପେକ୍ଟର ୬ଟି, ଏସ୍‌ଆଇ ୮ଟି, ଏଏସ୍‌ଆଇ ୬ଟି, କନେଷ୍ଟବଲ ୨୨ଟି, ଡ୍ରାଇଭର ୧୦ଟି, ଏଷ୍ଟାବ୍ଲିସମେଣ୍ଟ ଅଫିସର ଗୋଟିଏ, ସେକ୍ସନ ଅଫିସର ଗୋଟିଏ, ଏଏସ୍‌ଓ ୩ଟି ଓ ଜୁନିଅର ଆସିଷ୍ଟାଣ୍ଟ ପାଇଁ ୩ଟି ପଦବୀ ସୃଷ୍ଟି ହୋଇଛି। ସମୁଦାୟ ୭୦ଟି ପଦବୀ ସୃଷ୍ଟି ହୋଇଛି। ଜିଲ୍ଲାସ୍ତରରେ ଡିଏସ୍‌ପି. ୫ଟି ପଦବୀ, ଇନ୍‌ସପେକ୍ଟର ୪୧ଟି ପଦବୀ, ସବ୍‌ଇନ୍‌ସପେକ୍ଟର ୮୩ଟି ପଦବୀ, ଏଏସ୍‌ଆଇ ୮୩ଟି ପଦବୀ, ହାବିଲ୍‌ଦାର ୩୧୦ ଓ କନଷ୍ଟେବଲ ପାଇଁ ୧୪୦୮ଟି ପଦବୀ ନୂତନ ଭାବେ ସୃଷ୍ଟି କରାଯାଇଛି।

## ଡଙ୍କାରୀରେ ଖନନ ବନ୍ଦ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଡଙ୍କାରୀରେ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେବ। ଏନେଇ ଯାଜପୁର ଲଘୁ ଖଣିଜ ସମ୍ପଦ ଉପନିର୍ଦ୍ଦେଶକ ଓ ଧର୍ମଶାଳା ତହସିଲଦାରଙ୍କୁ ଚିଠି ଲେଖିଛନ୍ତି ଯାଜପୁର ଜିଲ୍ଲାପାଳ। ଧର୍ମଶାଳାରେ ପ୍ରସ୍ତାବିତ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ପାଇଁ ଡଙ୍କାରୀରେ ଖନନ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ନିକଟରେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆଇଓସିଏଲ ସହ ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ଦେଶର ସୁରକ୍ଷା ଓ ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ବେଶ ସମ୍ବେଦନଶୀଳ ହୋଇଥିବାରୁ ଏହାର ଆଖପାଖ ଅଞ୍ଚଳରେ କୌଣସି ପ୍ରକାର ଖନନ କାର୍ଯ୍ୟକୁ ଆଉ ଅନୁମତି ନ ଦେବା ସକାଶେ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭର ସିଇଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଏହି ଆଧାରରେ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଡଙ୍କାରୀର ୪୦୦ ଏକର ପରିମିତ ଅଞ୍ଚଳରେ କୌଣସି ପ୍ରକାର ଖନନ କାର୍ଯ୍ୟ ନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

## ଗାଁରେ ପଶି ଭୁଜାଲିରେ ହାଣିଲେ

**କୋଦଳା, ୧୭।୪ (ସଂଚାର ବ୍ୟୁରୋ) :** ଗତକାଲି ରାତିରେ ମଙ୍ଗଳପୁର ଗ୍ରାମରେ ବିବାହ ଭୋଜି ଚାଲିଥିଲା। ଏହି ସମୟରେ ହଠାତ୍ ୧୦ରୁ ୧୨ ଜଣ ଅସାମାଜିକ ଯୁବକ ମାରଣାସ୍ତ୍ର ଧରି ପଶିଆସିଥିଲେ। ଚାଲିଥିଲା ବିବାହ ଭୋଜି। ହଠାତ୍ ଗାଁ ଭିତରକୁ ପଶି ଆସିଲେ ଅସାମାଜିକ ଯୁବକ। ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ହାଣି ପକାଇଲେ। ଅସାମାଜିକ ଯୁବକଙ୍କ ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରୁ ଆସିଛି ଏଭଳି ଅଭିଯୋଗ। ଗତକାଲି ରାତିରେ ମଙ୍ଗଳପୁର ଗ୍ରାମରେ ବିବାହ ଭୋଜି ଚାଲିଥିଲା। ଏହି ସମୟରେ ହଠାତ୍ ୧୦ରୁ ୧୨ ଜଣ ଅସାମାଜିକ ଯୁବକ ମାରଣାସ୍ତ୍ର ଧରି ଗାଁ ଭିତରକୁ ପଶିଆସିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଗାଁରେ ଆତଙ୍କ ସୃଷ୍ଟି କରିଥିଲେ। ଗ୍ରାମର କେତେକ ଯୁବକ ସେମାନଙ୍କୁ ବୁଝାସୁଝା କରୁଥିବା ବେଳେ ସେମାନେ ଆକ୍ରମଣ କରିଥିଲେ। ଅସାମାଜିକ ଯୁବକଙ୍କ ଆକ୍ରମଣରେ ୨ ଜଣ ଗ୍ରାମବାସୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ତଳକାଁପଡ଼ା ଗ୍ରାମରେ ରାଜନୈତିକ ଶତ୍ରୁତାରୁ ବୋମାମାଡ଼; ୯ ଗୁରୁତର

**ତିହିଡ଼ି,୧୭।୪ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ ବୁଧବାର ରାତି ୧୦ଟା ସମୟରେ ବୋମାମାଡ଼ ହୋଇଛି । ରାଜନୈତିକ ଶତ୍ରୁତାରୁ ଏହି ବୋମାମାଡ଼ ହୋଇଥିବା ଜଣାଯାଇଛି। ଯାହାଫଳରେ ଉଭୟ ଭାଜପା ଏବଂ ବିଜେଡି ଦଳର ୯ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ହୋଇଛି। ଏସପି ମଡକର ସନ୍ଦୀପ ସମ୍ପଦ ଓ ଚାନ୍ଦବାଲି ଏସଡ଼ିପିଓ ତ୍ରିଲୋଚନ ସେଠୀ ଘଟଣାସ୍ଥଳକୁ ଆସି ତଦନ୍ତ କରୁଛନ୍ତି। ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଉପସ୍ଥିତ ଅଛନ୍ତି । ସୂଚନାନୁଯାୟୀ, ଗ୍ରାମରେ ଭାଜପା ଓ ବିଜେଡ଼ି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ବୁଧବାର ସାରେ ଏହି ଶତ୍ରୁତାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଘଟଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ରାତି ପ୍ରାୟ ୧୦ଟା ସମୟରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ଏହି ସଂଘର୍ଷ ସମୟରେ ହଠାତ ବୋମାମାଡ଼ ହୋଇଥିଲା । ଯାହାଫଳରେ ଉଭୟ ପକ୍ଷର ୯ ଜଣ ଗୁରୁତର ଆହତ ହୋଇଥିଲେ । ପରେ ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳେ ଘଟଣସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

**ଧର୍ମ ପରିବର୍ତ୍ତନ କରିବା ପଡିଲା ମହଙ୍ଗା**

## ମୃତଦେହ ପୋତିବାକୁ ଦେଲେନି ଗାଁ ଲୋକେ

**ନବରଙ୍ଗପୁର,୧୭।୪ (ସଂଚାର ବ୍ୟୁରୋ) :** ରାତି ଅଧରେ ହୋ ହାଲ୍ଲା ପାଟିତୁଣ୍ଡ । ଖୋଳାଯାଉଛି ମାଟି । ରୁଣ୍ଡ ହୋଇଛନ୍ତି ଲୋକେ । ଉପସ୍ଥିତ ଅଛନ୍ତି ପୋଲିସ । କିନ୍ତୁ ଘଟଣା କଣ କିଛି ବୁଝାପଡୁନଥାଏ । ପରେ ଜଣାପଡ଼ିଲା ଗାଁ ଲୋକଙ୍କର ଏକା ଜିଦ୍ ପୋତାଯାଇଥିବା ମୃତଦେହକୁ ମାଟି ଖୋଳି ବାହାର କରାଯାଉଛି । ଏହି ଦୃଶ୍ୟରେ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁମୁଲି ପଞ୍ଚାୟତର ମାଲବେଡ଼ା ଗାଁରେ। ମୃତଦେହ ପୋତିବାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ପୋତା ଯାଇଥିବା ଶବ ବାହାର କରିବାକୁ ଗାଁ ଲୋକେ ଅଡ଼ି ବସିଛନ୍ତି । ମାଟି ତଳୁ ମୃତଦେହ ବାହାର କର ନହେଲେ ଗାଁରୁ ବାହାରି ଯାଅ । ଯାହାଫଳରେ ଗାଁରେ ଏକ ପ୍ରକାର ଉତ୍ତେଜନା ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି । ତେବେ ମାଲବେଡ଼ା ଗାଁରେ ରାମଚନ୍ଦ୍ର ଗଣ୍ଡ ଏବଂ ତାଙ୍କ ଭାଇ ଘନଶ୍ୟାମ ଗଣ୍ଡଙ୍କ ଦୁଇ ପରିବାର ନିଜ ପୂର୍ବ ଧର୍ମ ଛାଡ଼ି ବର୍ତ୍ତମାନ ଅନ୍ୟ ଏକ ଧର୍ମ ପରିବର୍ତ୍ତନ କରିଥିଲେ । କିଛି ମାସ ତଳେ ରାମଚନ୍ଦ୍ର ଗଣ୍ଡଙ୍କ ପୁଅ ଶ୍ରବଣ ଗଣ୍ଡ ଦାଦନ ଖଟିବାକୁ ମହାରାଷ୍ଟ୍ର ଯାଇଥିଲେ ସେଠାରେ ରହି ଗୋଟିଏ ବୋରୱେଲ ଖନନ ଗାଡ଼ିରେ କାମ କରୁଥିଲେ । ହେଲେ ସେଠାରେ ଶ୍ରବଣଙ୍କ ମୃତ୍ୟୁ ହୋଇଯାଇଥିଲା ଯେତେବେଳେ ମୃତ ଶରୀର ଗାଁରେ ପହଞ୍ଚିବା ପରେ ଶେଷ କୃତ୍ୟ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା ତା ପରେ ଦେଖାଦେଇଥିଲା ଏପରି ସ୍ଥିତି। ପୂର୍ବରୁ ଶ୍ରବଣ ଗଣ୍ଡଙ୍କ ପରିବାର ଧର୍ମ ପରିବର୍ତ୍ତନ କରିଥିବା କାରଣରୁ କେଉଁ ସ୍ଥାନରେ ତାଙ୍କର ଶେଷକୃତ୍ୟ ହେବ ସେଥିପାଇଁ ଗାଁରେ ବୈଠକ ହୋଇଥିଲା । କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ପରିବାରଲୋକ ତାଙ୍କ ନିଜ ଜମିରେ ମୃତଦେହ ପୋତି ଦେଇଥିଲେ ଯାହାକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା। ଉତ୍ତେଜନା ମଧ୍ୟରେ ତୁରନ୍ତ ପୋତା ଯାଇଥିବା ସ୍ଥାନରୁ ମୃତଦେହ ବାହାର କରିବାକୁ ଗାଁ ଲୋକେ ଜିଦ୍ କରିଥିଲେ । ଏବଂ ପୋତା ଯାଇଥିବା ଶବକୁ ରାତିରେ ଖୋଲୁ ଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସହ ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ଗାଁରେ ମୁତୟନ ହୋଇଛି । ପରିସ୍ଥିତିକୁ ଶାନ୍ତ କରିବାକୁ ପୁଲିସ ଉଦ୍ୟମ କରୁଥିବା ସତ୍ତ୍ୱେ ଗାଁରେ ଉତ୍ତେଜନା ଲାଗି ରହିଛି । ଗ୍ରାମବାସୀ ଅଡ଼ି ବସିଛନ୍ତି ଶବକୁ ଗାଁ ଶ୍ମଶାନରେ ସ୍ଥାନ ଦିଆଯିବ ନାହିଁ । ପରିବାର ଲୋକେ ଯଦି ଶବ ପୋତିବାକୁ ଚାହୁଁଛନ୍ତି ତେବେ ଶବ ପୋତିବା ପାଇଁ ଉଦ୍ଦିଷ୍ଟ ଶ୍ମଶାନକୁ ନେଇ ଶବ ସଂସ୍କାର କରନ୍ତୁ ବୋଲି ଗାଁ ଲୋକେ କହୁଛନ୍ତି । ଉଭୟ ପକ୍ଷକୁ ନେଇ ପୋଲିସ ଆଲୋଚନା ଜାରି ରଖିଛି ଚବିଶି ଘଣ୍ଟା ବିତିଗଲାଣି କିନ୍ତୁ ସମସ୍ୟାର ସମାଧାନ ହୋଇ ପାରିନାହିଁ ।

## ସାତକୋଶିଆରେ ଛଡ଼ାଗଲା ୭ ଘଡ଼ିଆଳ

**ଅନୁଗୋଳ,୧୭।୪ (ସଂଚାର ବ୍ୟୁରୋ) :** ଅନୁଗୋଳ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ସୁନାଖଣିଆ ଘାଟଠାରେ ନନ୍ଦନକାନନରୁ ଅଣାଯାଇଥିବା ୫ ଘଡ଼ିଆଳ ଓ ସାତକୋଶିଆ ଟିକରପଡ଼ା ଚିଡ଼ିଆଖାନାରୁ ଆସିଥିବା ୨କୁ ମିଶାଇ ମୋଟ ୭ କୁମ୍ଭୀରକୁ ମୁକ୍ତ କରାଯାଇଛି। ଏହି ଅବସରରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଦୁଇଦିନିଆ ସାତକୋଶିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ଘଡ଼ିଆଳ ପୁନରୁଦ୍ଧାର ଯୋଜନାର କାର୍ଯ୍ୟର ତଦାରଖ କରିଛନ୍ତି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ସୁନାଖଣିଆ ଘାଟ ଠାରେ ମୋଟ ୭ ପ୍ରାପ୍ତ ବୟସ୍କ ଘଡ଼ିଆଳ ଛଡ଼ାଯାଇଛି।

**ଅବକାରୀ ବିଭାଗ ନାଁରେ ସାଂଘାତିକ ଅଭିଯୋଗ**

## ରାଜେଶକୁ ହତ୍ୟା କରିଥିବା କହିଲେ ସ୍ତ୍ରୀ ଓ ଝିଅ

**ରାଉରକେଲା, ୧୭।୪ (ସଂଚାର ବ୍ୟୁରୋ) :** ଅବକାରୀ ବିଭାଗ ନାଁରେ ସାଂଘାତିକ ଅଭିଯୋଗ । ମଦ ଅଭିଯୋଗରେ ବାପାକୁ ଉଠାଇ ନେଲେ ଅବକାରୀ ବିଭାଗ । ଏବେ ମୋ ବାପା ଆମ ଗହଣରେ ନାହାଁନ୍ତି । ମୋ ବାପାକୁ ମାଡ଼ ମାରି ହତ୍ୟା କରିଛନ୍ତି । ଏଭଳି ଅଭିଯୋଗ କରିଛନ୍ତି ବାପାକୁ ହରାଇଥିବା ଝିଅ । ବୀରମିତ୍ରପୁରର ରାଏବୋଗା ଥାନା ଅନ୍ତର୍ଗତ ଦଲକି ଗାଁରୁ ଆସିଛି ଏଭଳି ଅଭିଯୋଗ । ୪୫ ବର୍ଷୀୟ ରାଜେଶ୍ କୁଜୁର କୁ ଅବକାରୀ ହାଜତରେ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ ଓ ଝିଅ। ଗତକାଲି ସକାଳୁ ଦେଶୀ ମଦ କାରବାର ଅଭିଯୋଗରେ ବୀରମିତ୍ରପୁର ଅବକାରୀ ବିଭାଗ ପକ୍ଷରୁ ଗାଁ ଘରୁ ଉଠାଇ ଆଣି ଥିଲେ ଅବକାରୀ ବିଭାଗ ର କର୍ମଚାରୀ। ଅବକାରୀ ବିଭାଗ ଉଠାଇ ଆଣିବା ସମୟରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ରାଜେଶ୍ କୁ ରାଉରକେଲା ର ସ୍ୱତନ୍ତ୍ର ଜେଲ୍ କୁ ପଠାଇଥିଲେ। ହଠାତ୍ ରାତି ଦଶଟା ରେ ଅସୁସ୍ଥ ହୋଇପଡିବାରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ ବୀରମିତ୍ରପୁର ଅବକାରୀ ବିଭାଗ। ସକାଳୁ ରାଜେଶ୍ ର ପରିବାର ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାରେ ପହଞ୍ଚିବା ପରେ ତାର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ଥିବା ମୃତ ରାଜେଶ୍ ର ଫାଟି ଯାଇଥିବା ମୁଣ୍ଡରେ ବେଣ୍ଡେଜ ଲଗାଯାଇଥିବା ଯୋଗୁଁ ତାକୁ ମାଡ଼ ମାରି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ।

## ୨୦ରୁ କମିବ ବର୍ଷାର ପ୍ରଭାବ, ଫେରିବ ତାତି



**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବା ବେଳେ ଏହି କାରଣରୁ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। କିନ୍ତୁ ୩ ଦିନ ପରେ ଅର୍ଥାତ୍ ଆସନ୍ତା ୨୦ ତାରିଖରୁ ବର୍ଷାର ପ୍ରଭାବ କମିବା ସହ ପୁଣି ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାତି ପ୍ରତ୍ୟାବର୍ତ୍ତନ କରିବ, ଯାହାର ପ୍ରଭାବରେ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଠାକାର ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ୩ ଦିନ ପରେ ରାଜ୍ୟରେ ବର୍ଷା ହ୍ରାସ ପାଇବ ଓ ତା'ପରେ ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବା ସହିତ ବଜ୍ରପାତ ସହ ଝଡ଼ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଗଜପତି ଓ ଗଞ୍ଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଣ୍ଟା ପ୍ରତି ଘଣ୍ଟା ୪୦ରୁ ୫୦ କିମି ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ଝଡ଼ବର୍ଷା ହେବ।

## ପାଣ୍ଡିଆନଙ୍କ ଉପରେ ବର୍ଷିଲେ ଯୋଗାଣ ମନ୍ତ୍ରୀ



**କେନ୍ଦୁଝର,୧୭।୪(ସଂଚାର ବ୍ୟୁରୋ):** ପୂର୍ବତନ ବିଜେଡି ନେତା ଭିକେ ପାଣ୍ଡିଆନ ପୁରୁଷୋତ୍ତମ ଦେବଙ୍କ ବଦଲା ନେବାକୁ ଓଡ଼ିଶା ଆସିଥିଲେ। କିନ୍ତୁ ମହାପ୍ରଭୁ ଜଗନ୍ନାଥଙ୍କ ଇଚ୍ଛା କିଛି ଅଲଗା ଥିଲା। ସେଇଥିପାଇଁ ଗତ ନିର୍ବାଚନରେ ବିଜେଡି ଧୂଳି ଚାଟିଲା ଆଉ ବିଜେପି କ୍ଷମତାକୁ ଆସିଲା ବୋଲି ମତ ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କେନ୍ଦୁଝରରେ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ଧନ୍ୟବାଦ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ପୁରୁଷୋତ୍ତମ ଦେବ ଜଗନ୍ନାଥ ଓ ବଳଭଦ୍ରଙ୍କ ସହାୟତାରେ କାଞ୍ଚି ବିଜୟ କରି ରାଜକୁମାରୀକୁ ବିବାହ କରିଥିଲେ। ଏହାର ବଦଳା ନେବାକୁ ପାଣ୍ଡିଆନ ଓଡ଼ିଶା ଆସିଥିଲେ। ଏଠାକୁ ଆସି ସେ ପ୍ରଥମେ ଓଡ଼ିଆ ଝିଅକୁ ବାହାହେଲେ। ତା'ପରେ ଜଗନ୍ନାଥଙ୍କୁ ବଦନାମ କରିବାକୁ ତାଙ୍କ ନାମରେ ଉଷୁନା ଅରୁଆ ଚାଉଳ ମିଶାଇ ଘରୁ ଘରୁ ଆଦାୟ କଲେ। ନିଜେ ଉଡ଼ାଜାହାଜରେ ବୁଲି ବୁଲି ନବୀନ ବାବୁଙ୍କୁ ଦୁଇଟି ଯାଗାରେ ପ୍ରାର୍ଥୀ କରାଇଲେ। ଯୋଜନା ଥିଲା, ନବୀନ ଦୁଇଟି ଯାଗାରେ ଜିତିଲେ ପରବର୍ତ୍ତୀ ସମୟରେ ଗୋଟିଏ ଆସନ ପାଣ୍ଡିଆନ୍‌ଙ୍କୁ ଛାଡ଼ିଦେବେ। ସେଠାରୁ ସେ ଉପନିର୍ବାଚନରେ ବିଜୟୀ ହୋଇ ଉପମୁଖ୍ୟମନ୍ତ୍ରୀ ହୋଇଥାନ୍ତେ ଆଉ ରାଜ୍ୟ ଉପରେ ହାକିମାତି କରିଥାନ୍ତେ ଏବଂ ସର୍ବୋପରି ରାଜ୍ୟକୁ ଲୁଟି ତାଙ୍କ ବଦଲା ପୂରା କରିଥାନ୍ତେ। ହେଲେ ପ୍ରଭୁ ଜଗନ୍ନାଥ ଏହା କରାଇଦେଲେ ନାହିଁ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ ପାଣ୍ଡିଆନ ଓଡ଼ିଶାକୁ ଉପଭୋଗ କରିବାର ଚକ୍ରାନ୍ତ ଥିଲା। ହେଲେ ଜଗନ୍ନାଥଙ୍କ ଇଚ୍ଛା କିଛି ଅଲଗା ଥିଲା। ମୁଁ ସେଥିପାଇଁ କହୁଛି, ନୂଆ ସରକାରକୁ ଜଗନ୍ନାଥ କ୍ଷମତାକୁ ଆଣିଛନ୍ତି। ମୋର ବିଶ୍ୱାସ ନଥିଲା ଆମେ ସରକାର କରିବୁ ବୋଲି। କିନ୍ତୁ ଗୋଟିଏ ଲୋକର ବିଶ୍ୱାସ ଥିଲା ଆଉ ସେ ହେଉଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଏକୁଟିଆ ଲଢ଼ିବୁ, ଏକଟୁଆ ସରକାର ଆଣିବୁ ବୋଲି ସେ ସବୁବେଳେ ଦୃଢ଼ୋକ୍ତି ପ୍ରକାଶ କରୁଥିଲେ। ସେଥିପାଇଁ ମନମୋହନ ସାମଲ ହିଁ ମ୍ୟାନ ଅଫ୍ ଦି ମ୍ୟାଚ୍। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୋଗାଣ ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଉପରେ ପାଣ୍ଡିଆନ୍ କି ବିଜେଡି ପକ୍ଷରୁ କୌଣସି ପ୍ରକାର ପ୍ରତିକ୍ରିୟା ଦିଆଯାଇନାହିଁ।

## କଂଗ୍ରେସରେ ମିଶିଲେ ବହୁ ବିଜେଡି-ବିଜେପି ନେତା

**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଜେଡି, ଭାଜପା ନେତା ଓ କର୍ମୀ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ ନବାଗତଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

ଏହି ଅବସରରେ ଭକ୍ତ କହିଥିଲେ, କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଡୁତାଇ, ହରିଗଡ଼ ଓ ଦଦରଲୁଣ୍ଡା ଗ୍ରାମପଞ୍ଚାୟତରୁ ବିଜେଡି ଓ ଭାଜପାର ଅନେକ ପଦାଧିକାରୀ କଂଗ୍ରେସରେ ଯୋଗଦେଇଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଯୁବନେତା ପ୍ରଶାନ୍ତ କୁମାର ବିଶୋୟୀ ସାଧାରଣ ଜନତା ବିଶେଷକରି ମହିଳା, ଯୁବକ, କୃଷକ, ଛାତ୍ର ଏବଂ ଆଦିବାସୀ ଓ ଦଳିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ଠାପର ସଂଗ୍ରାମ କରିଆସୁଛନ୍ତି ସେଥିରେ ତାଙ୍କ ଜନାଦୃତି ବଢ଼ିଛି। ଦୁର୍ନୀତି, ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ପ୍ରତି ଉଦାସୀନତା ଓ ଉତ୍କଟ ବେକାରି ସମସ୍ୟା ପ୍ରସଙ୍ଗରେ ଲଢ଼େଇ କରିବା ପାଇଁ କଂଗ୍ରେସ ହିଁ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଆଗାମୀ ଦିନରେ ରାଜ୍ୟର ବିକଳ୍ପ କେବଳ କଂଗ୍ରେସ ହିଁ ହେବ ବୋଲି ଭକ୍ତ କହିଥିଲେ। ଏହି ଅବସରରେ ଭଞ୍ଜନଗର କୁଡୁତାଇ ଗ୍ରାମପଞ୍ଚାୟତର ବିଜେଡି ସମିତିସଭ୍ୟ ପ୍ରତିନିଧି ରବୀନ୍ଦ୍ର କୁମାର ଦୋଷନ୍ଦି, ନାଏବ ସରପଞ୍ଚ ଦେବରାଜ ଗୌଡ଼, ଯୁବ ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ୱାର୍ଡସଭ୍ୟ ସାଗର ପାତ୍ର, ଦଦରଲୁଣ୍ଡା ଗ୍ରାମପଞ୍ଚାୟତରୁ ବଳଭଦ୍ର ଦିଗାଲ, କୃଷ୍ଣ ନାୟକ, ଶଙ୍କର ସାହୁ ପ୍ରମୁଖ ବିଜେଡି ଓ ଭାଜପା ଛାଡ଼ି ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି।

**ଶଙ୍ଖ ଭବନରେ ବିଜୁ ଶ୍ରାଦ୍ଧ ଦିବସ ପାଳିତ**

## ବିକାଶ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ନ୍ତୁ ସରକାର: ନବୀନ



**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନଠାରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତଃ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କ ଉଦ୍‌ବୋଧନରେ କହିଛନ୍ତି ଯେ ବିଜୁ ବାବୁ ଜଣେ ଓଡ଼ିଆ ଭାବେ ସବୁବେଳେ ଗର୍ବ କରୁଥିଲେ। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ତାଙ୍କର ପରମ ଲକ୍ଷ୍ୟ ଥିଲା। ବିଜୁବାବୁଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ବିଜେଡି ସରକାର ଅନେକ କିଛି ପଦକ୍ଷେପ ନେଇଥିଲେ। ବିଜେଡି ସରକାର ଅମଳରେ ରାଜ୍ୟର ବିକାଶ ପାଇଁ ବହୁତ କିଛି ଭଲ କାମ ହୋଇଥିଲା। ସେଥିସକାଶେ ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସ୍ୱୀକୃତି ମଧ୍ୟ ମିଳିଥିଲା। ବିଜୁ ବାବୁ ଦେଶର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ ଶକ୍ତିଶାଳୀ କରିପାରିଥିଲେ। ଏଥିସହ ମହିଳା ସଶକ୍ତିକରଣ ହେଉଛି ଭାରତୀୟ ରାଜନୀତିକୁ ବିଜୁ ବାବୁଙ୍କ ଶ୍ରେଷ୍ଠ ଅବଦାନ। ବିଜୁ ବାବୁଙ୍କ ଅବଦାନକୁ କେହି କଦାପି ଭୁଲିପାରିବେ ନାହିଁ ବୋଲି ନବୀନ କହିଛନ୍ତି।

ସେହିପରି ରାଜ୍ୟର କ୍ଷମତାସୀନ ବିଜେପି ସରକାରକୁ ଟାର୍ଗେଟ୍ କରି ନବୀନ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ବରପୁତ୍ରମାନଙ୍କ ତ୍ୟାଗ ଓ ଅବଦାନକୁ ନ୍ୟୂନ କରିବା ସକାଶେ କିଛି ଲୋକ ଯେଭଳି ଉଦ୍ୟମ କରୁଛନ୍ତି ଓ ଇତିହାସ ବଦଳାଇବାକୁ ଅପଚେଷ୍ଟା କରୁଛନ୍ତି, ତାହା କଦାପି ସଫଳ ହେବ ନାହିଁ। ଏଥିରେ କାରଣ ଇତିହାସ ହେଉଛି ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ଗୋଟିଏ ଜାତିର ସାମୂହିକ ଅନୁଭବର ପରିପ୍ରକାଶ। ହାକୁ କେହି କଦାପି ବଦଳାଇପାରିବେ ନାହିଁ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ଇତିହାସକୁ ବଦଳାଇବାକୁ ଉଦ୍ୟମ କରି ସମୟ ନଷ୍ଟ କରିବା ଅପେକ୍ଷା ବିକାଶ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିପାରିଲେ, ଏହା ରାଜ୍ୟ ପାଇଁ ମଙ୍ଗଳମୟ ହୋଇପାରିବ ବୋଲି ସେ କହିଛନ୍ତି।

ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟିକା ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ଅଶୋକ ପଣ୍ଡା, ଅମର ପଟ୍ଟନାୟକ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ମନ୍ମଥ ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉଦବୋଧନ ଦେଇ ବିଜୁ ବାବୁଙ୍କ ସମ୍ପର୍କରେ ସ୍ମରଣ କରିଥିଲେ। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶଙ୍ଖ ଭବନରେ ବିଜୁ ଛାତ୍ର ଜନତା ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ପହଞ୍ଚି ଶ୍ରୀ ପଟ୍ଟନାୟକ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହା ପୂର୍ବରୁ ଆଜି ସକାଳେ ଶ୍ରୀ ପଟ୍ଟନାୟକ ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# କମୁଛି ଚାଷୀଙ୍କ ସଂଖ୍ୟା, ଆୟ ପ୍ରଭାବିତ



**ଭୁବନେଶ୍ୱର,୧୭।୪:** ଓଡିଶାରେ ନାମମାତ୍ର ଚାଷୀଙ୍କ ସଂଖ୍ୟା ବଢୁଥିବାବେଳେ କ୍ଷୁଦ୍ର, ମଧ୍ୟମ ଓ ବଡ ଚାଷୀଙ୍କ ସଂଖ୍ୟା ଉଦବେଗଜନକ ଭାବେ କମି କମି ଯାଉଛି। ଏହାର ସିଧାସଳଖ ପ୍ରଭାବ ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ପଡୁଛି ।

ଗତ ଦୁଇଟି କୃଷି ଗଣନା ହିସାବ ମୁତାବକ ଓଡିଶାରେ ଚାଷୀଙ୍କ ସଂଖ୍ୟା ୪୬ଲକ୍ଷ ୬୭ହଜାରରୁ ୪୮ଲକ୍ଷ ୬୫ହଜାରକୁ ବୃଦ୍ଧି ପାଇଛି ବୋଲି ଦର୍ଶାଯାଉଥିବାବେଳେ ବଡଚାଷୀଙ୍କ ସଂଖ୍ୟା ୫୫୬୭୪ରୁ ୩୯୬୫କୁ ହ୍ରାସ ପାଇଥିବାବେଳେ ମଧ୍ୟମ କିସମ ଚାଷୀଙ୍କ ସଂଖ୍ୟା ୩ଲକ୍ଷ ୭୫ହଜାରରୁ ୩ଲକ୍ଷ ୩୮ହଜାରକୁ କମିଛି । ସେହିଭଳି କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ମଧ୍ୟ ବିଗତ ଦୁଇ କୃଷି ଗଣନା ଭିତରେ ୯ଲକ୍ଷ ୧୮ହଜାରରୁ ୮ଲକ୍ଷ ୮୭ହଜାରକୁ କମିଛି ।

କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ବିଭିନ୍ନ କାରଣରୁ ବହୁ ପାରମ୍ପରିକ ଚାଷୀ ଚାଷରୁ ମୁହଁ ଫେରାଇ ନେଉଥିବାରୁ ବ୍ୟାପକ ଚାଷଜମି ପଡିଆ ପଡୁଛି । ଏ କ୍ଷେତ୍ରରେ ବଡ, ମଧ୍ୟମ, କ୍ଷୁଦ୍ର ଚାଷୀମାନଙ୍କ ଠାରୁ ନାମମାତ୍ର ଚାଷୀମାନେ କିଛି କିଛି ଜମି ନେଇ ଚାଷ କରୁଛନ୍ତି । ସରକାରୀ ତଥ୍ୟ ମୁତାବକ ଓଡିଶାରେ ଏବେ ଖରିଫ ଋତୁରେ ପ୍ରାୟ ୫ଲକ୍ଷ ୮୮ହଜାର ହେକ୍ଟର ଓ ରବି ଋତୁରେ ପାଖପାଖି ୩୪ଲକ୍ଷ ହେକ୍ଟର ଜମି ପଡିଆ ରହୁଛି । ତେବେ ଚାଷ ହେଉଥିବା ଜମିର ପରିମାଣ କିଞ୍ଚିତ ପରିମାଣରେ ବୃଦ୍ଧି ପାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି ।

ର । ଜ ୟେ ର ଯେତେ ଜମିରେ ଚାଷ ହେଉଛି ସେଥିରୁ ଅଧିକାଂଶରେ ଧାନ ଚାଷ କରାଯାଉଛି। ଫଳରେ ଡାଲି, ତୈଳବୀଜ, କପା, ପନିପରିବା ଓ ଆଖୁ ଭଳି ଅର୍ଥକରୀ ଫସଲ ଚାଷ କମ୍ ହେଉଥିବାରୁ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ଓଡିଶାକୁ ଅନ୍ୟ ରାଜ୍ୟ ପାଖରେ ହାତ ପତାଇବାକୁ ପଡୁଛି । ଯେତିକି ଜମିରେ ବି ଅର୍ଥକରୀ ଫସଲ କରାଯାଉଛି ତାହାର ପ୍ରକ୍ରିୟାକରଣ ଓ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଓଡିଶା ଚାଷୀଙ୍କ ଉତ୍ପାଦିତ ସାମଗ୍ରୀକୁ ନାମମାତ୍ର ମୂଲ୍ୟରେ କିଣି ନେଉଛନ୍ତି । ଫଳରେ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବାରୁ ଏବଂ ମଜୁରୀ ଠାରୁ ଆରମ୍ଭକରି ବିହନ, ସାର, କୀଟନାଶକ ଆଦିର ଦର ଢେର ଅଧିକ ରହୁଥିବା ପରିପ୍ରେକ୍ଷୀରେ ଅନେକ ପାରମ୍ପରିକ ଚାଷୀ ଚାଷକୁ ଆଉ ଲାଭକରୀ ପନ୍ଥାଭାବେ ଗ୍ରହଣ କରିପାରୁ ନାହାନ୍ତି ।

ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ୨୦୧୩ରେ ୭୦ରେ ଓ ୨୦୧୯ରେ ୭୭ତମ ସର୍ଭେ କରାଯାଇଥିଲା । ଏଥିରେ କୃଷକ ପରିବାରର ହାରାହାରି ଆୟ ଯାହା ଦର୍ଶାଯାଉଛି ତାହା ଜାତୀୟ ଅଭିବୃଦ୍ଧି ତୁଳନାରେ ଓଡିଶାରେ ଅତି ନଗଣ୍ୟ ରହୁଛି । ଏହି ଦୁଇଟି ପରିକ୍ରମା ଭିତରେ ସର୍ବଭାରତୀୟ ସ୍ତରରେ କୃଷକ ପରିବାରର ମାସିକ ହାରାହାରି ଆୟ ୬୪୨୬ ଟଙ୍କାରୁ ୧୦,୨୧୮ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଓଡିଶାରେ ତାହା ୪୯୭୬ ଟଙ୍କାରୁ ୫୧୧୨ ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥାତ୍ ଜାତୀୟ ସ୍ତରରେ କୃଷକ ପରିବାରର ମାସିକ ହାରାହାରି ଆୟ ଯାହା ଦର୍ଶାଯାଉଛି ଓଡିଶାରେ ତାହାର ପରିମାଣ ପ୍ରାୟ ଅଧା ।

ସ୍ୱାଧୀନତାର ୭୮ ବର୍ଷ ଭିତରେ ଓଡିଶାର ଅଧା ଜମିକୁ ବି ଜଳସେଚନ କରାଯାଇ ପାରିନାହିଁ। ହୀରାକୁଦ, ମାଛକୁଣ୍ଡ, ଇନ୍ଦ୍ରାବତୀ, କୋଲାବ, ରେଙ୍ଗାଳି ଆଦି ଅନେକ ଜଳସେଚନ ଯୋଜନା ଅବଶ୍ୟ ହୋଇଛି। ତେବେ ବିଭିନ୍ନ କାରଣରୁ ନଦୀଗୁଡିକରେ ଜଳପ୍ରବାହ ଉଦବେଗଜନକ ଭାବେ ହ୍ରାସ ପାଉଥିବାରୁ ରବି ଋତୁରେ ସଂଖ୍ୟାଧିକ କ୍ଷେତ୍ରରେ ନଦୀବନ୍ଧ ଜଳସେଚନ ଉପରେ ଭରସା କରି ହେଉନାହିଁ । ରାଜ୍ୟର ପ୍ରାୟ ସବୁ ନଦୀର ଜଳ ପ୍ରଦୂଷିତ ହୋଇଥିବାବେଳେ ଏଥିରୁ କଳ କାରଖାନା ଓ ଖଣି ସଂସ୍ଥାମାନେ ବ୍ୟାପକ ପାଣି ଉଠାଉଛନ୍ତି । ଅନ୍ୟ ପକ୍ଷରେ ଭୂତଳ ଜଳସ୍ତର ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ହ୍ରାସ ପାଉଥିବାରୁ ଉଠା ଜଳସେଚନ ବ୍ୟବସ୍ଥା ମଧ୍ୟ କ୍ରମଶଃ ବିପଦସଙ୍କୁଳ ହୋଇପଡୁଛି । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଆମେରିକା-ଚୀନ ଶୁଳ୍କ ଯୁଦ୍ଧ ପ୍ରଭାବରେ ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ଆଜି ସୁନା ଦର ୯୭ ହଜାର ଟପିଛି। ଆଗକୁ ୧ଲକ୍ଷ ୩୦ ହଜାର ଛୁଇଁବା ଅନୁମାନ କରିଛି ବିଦେଶୀ ନିବେଶକ ବ୍ୟାଙ୍କ ଗୋଲଡମ୍ୟାନ୍ ସାଚସ। ଆମେରିକା-ଚୀନ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ଆଶଙ୍କା ମଧ୍ୟରେ ଏ ବର୍ଷ ସୁନା ଦର ନୂଆ ରେକର୍ଡ କରିପାରେ। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୨୦୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭ ହଜାର ୩୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୩୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୩୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୩୧୦ ଓ ୮୯ , ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଭୋଗ୍ସ୍ୱାଗନ ଭାରତରେ ଲଞ୍ଚ କଲା ଟିଗୁଆନ ଆର୍-ଲାଇନ

**ନୂଆଦିଲ୍ଲୀ, ୧୭।୪:** ବହୁତ ଦିନର ଅପେକ୍ଷା ପରେ, ଭୋଗ୍ସ୍ୱାଗନ ଇଣ୍ଡିଆ ଭାରତରେ ଏହାର ନୂଆ ସ୍ପୋର୍ଟି ଏସୟୁଭି ଟିଗୁଆନ ଆର୍-ଲାଇନ ଲଞ୍ଚ କରିଛି। ଏହି କାରର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରଖାଯାଇଛି। ଭୋଗ୍ସ୍ୱାଗନ କହିଛି ଯେ ଏହି କାରକୁ ଭବିଷ୍ୟରେ ପରିବତର୍ତ୍ତନ କରାଯାଇପାରିବ। ଭୋଗ୍ସ୍ୱାଗନ ଟିଗୁଆନ ଆର୍-ଲାଇନ ନୂଆ ଏମ୍‌କ୍ୟୁବି ଇଭୋ ପ୍ଲାଟଫର୍ମର ଏକ ଅପଡେଟ୍ ଭର୍ସନରେ ପ୍ରସ୍ତୁତ କରାଯାଇଛି। ଭୋଗ୍ସ୍ୱାଗନ ଟିଗୁଆନ ଆର୍-ଲାଇନ କୁ ପୂର୍ବ ଅପେକ୍ଷା ଅଧିକ ସ୍ପୋର୍ଟି ଲୁକ୍ ଏବଂ ଅନେକ ଫିଚର୍ସ ସହିତ ଲଞ୍ଚ କରାଯାଇଛି। ଏହି ଭୋଗ୍ସ୍ୱାଗନ କାରଟି ୨.୦ ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ୍ ସହିତ ଲେସ୍। ଯେଉଁଥିରେ ୭-ସ୍ପିଡ୍ ଡିଏସଜି ଅଟୋମେଟିକ୍ ଗିୟରବକ୍ସ ଅଛି। ଏହି ଗାଡିଟି ଅଲ୍-ହ୍ୱିଲ୍ ଡ୍ରାଇଭ୍ ମୋଡରେ ଚାଲିବ। କାରଟିରେ ପ୍ରୋ ଆଡପ୍ଟିଭ୍ ସସପେନସନ୍ ଏବଂ Tiguan ର ନ୍ୟୁ ଜେନେରେସନ୍ ମଡେଲକୁ ନୂଆ ଷ୍ଟାଇଲ୍ ଦିଆଯାଇଛି। ଏହି କାର ଏକ ସାର୍ପ ଲୁକ୍ ସହିତ ଆସୁଛି।




ଟିଗୁଆନର ଇଣ୍ଟେରିୟର ମଧ ମର୍ଡନ ଲୁକ୍ ପ୍ରଦାନ କରେ। ଭୋଗ୍ସ୍ୱାଗନ ଟିଗୁଆନ ଏକ ପରଫରମାନ୍ସ ଏସୟୁଭି ଯାହା ୧୫.୧-ଇଞ୍ଚ ଟଚସ୍କ୍ରିନ୍ ସହିତ ଆସିଥାଏ। ଏହି କାରର ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରଖାଯାଇଛି।

ଭାରତୀୟ ବଜାରରେ ଟିଗୁଆନର ସେଲ୍ ପାଇଁ ପୂର୍ବରୁ ଉପଲବ୍ଧ ହୋଇସାରିଛି। କିନ୍ତୁ ଏବେ ୨.୦-ଲିଟର ଟିଏସଆଇ ଇଞ୍ଜିନ୍ ସହିତ ଏହା ପୂର୍ବ ଅପେକ୍ଷା ଆହୁରି ପାୱାରଫୁଲ୍ ହୋଇଯାଇଛି। ଏହି ଭୋଗ୍ସ୍ୱାଗନ କାରଟି ସମ୍ପୂର୍ଣ୍ଣ ଭାବରେ ବିଦେଶରେ ତିଆରି ହୋଇଛି।

ଏହି ଭୋଗ୍ସ୍ୱାଗନ କାରରେ ଆପଣଙ୍କୁ ୬ଟି କଲର ଅପ୍ସନ ମିଳିପାରିବ। ଏହି କାରଟି ପର୍ସିମନ୍ ରେଡ୍ ମେଟାଲିକ୍ ଏବଂ ସିପ୍ରେସିନୋ ଗ୍ରୀନ୍ ମେଟାଲିକ୍ ଭଳି କଲରରେ ଉପଲବ୍ଧ। ଆପଣ କମ୍ପାନୀର ଅଫିସିଆଲ୍ ୱେବସାଇଟ୍ କିମ୍ବା ନିକଟତମ ଡିଲରସିପକୁ ଯାଇ ଏହି କାର୍ ବୁକ୍ କରିପାରିବେ। ଯାହା ପ୍ରିମିୟମ୍ ସ୍ପୋର୍ଟି ଏସୟୁଭି ଗଲ୍ଫ ଜିଟିଆଇ ସହିତ ସେଲ୍ ହେବ। କାରର ସେଫ୍ଟି ଫିଚର୍ସ ବିଷୟରେ କହିବାକୁ ଗଲେ ଏଥିରେ ୯-ଏୟାରବ୍ୟାଗ୍ ଦିଆଯାଇଛି ଏବଂ ଏଡିଏଏସ ଲେବଲ୍ 2 ଫିଚର ରହିଛି। ଖାସ୍ କଥା ହେଉଛି ଯେ ଏନସିଏପି ସେଫ୍ଟି ରେଟିଙ୍ଗରେ ୫-ଷ୍ଟାର୍ ରେଟିଂ ପାଇଛି।

## ଷ୍ଟକ ବଜାରରେ ଉତ୍ସାହ ଜାରି ସେନସେକ୍ସ ୧୫୦୮ ପଏଣ୍ଟ ବୃଦ୍ଧି

**ମୁମ୍ବାଇ, ୧୭।୪:** ଆଜି ଗୁରୁବାର ଭାରତୀୟ ଷ୍ଟକ୍ ବଜାରରେ ଏକ ବଡ଼ ବୃଦ୍ଧି ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ସେନସେକ୍ସ ଆଜି ୧.୯୬ ପ୍ରତିଶତ କିମ୍ବା ୧୫୦୮ ପଏଣ୍ଟ ବୃଦ୍ଧି ସହିତ ୭୮,୫୫୩ ରେ ବନ୍ଦ ହୋଇଛି। ସେନସେକ୍ସର ୩୦ଟି ଷ୍ଟକ୍ ମଧ୍ୟରୁ କେବଳ ୨ଟି ଷ୍ଟକ୍ ଲାଲ ରଙ୍ଗରେ ଏବଂ ୨୮ଟି ଷ୍ଟକ୍ ସବୁଜ ରଙ୍ଗରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ, ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ଆଜି ୧.୭୭ ପ୍ରତିଶତ କିମ୍ବା ୪୧୪ ପଏଣ୍ଟ ବୃଦ୍ଧି ସହିତ ୨୩,୮୫୧ ରେ ବନ୍ଦ ହୋଇଛି। ଆଜି ଏନଏସଇରେ କାରବାର ହୋଇଥିବା ୨୯୭୭ ଷ୍ଟକ୍ ମଧ୍ୟରୁ ୧୮୪୭ ଷ୍ଟକ୍ ସବୁଜ ରଙ୍ଗରେ ଏବଂ ୧୦୪୭ ଷ୍ଟକ୍ ଲାଲ ରଙ୍ଗରେ ବନ୍ଦ ହୋଇଛି। ବଜାରରେ ଏହି ବୃଦ୍ଧି ସହିତ, ଏନଏସଇରେ ଉପସ୍ଥିତ ସେୟାରର ମୋଟ ବଜାର ମୂଲ୍ୟ ୪୧୨.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।




କ୍ଷେତ୍ରୀୟ ସୂଚକାଙ୍କ ବିଷୟରେ କହିବାକୁ ଗଲେ, ଗୁରୁବାର ସମସ୍ତ ସୂଚକାଙ୍କ ସବୁଜ ରଙ୍ଗରେ ବନ୍ଦ ହୋଇଥିଲା। ନିଫ୍ଟି ପ୍ରାଇଭେଟ୍ ବ୍ୟାଙ୍କରେ ସର୍ବାଧିକ ୨.୨୩ ପ୍ରତିଶତ ଲାଭ ରେକର୍ଡ କରାଯାଇଛି। ଏହା ବ୍ୟତୀତ ନିଫ୍ଟି ପିଏସୟୁ ବ୍ୟାଙ୍କ ୧.୬୪ ପ୍ରତିଶତ, ନିଫ୍ଟି ଅଟୋ ୧.୦୩ ପ୍ରତିଶତ, ନିଫ୍ଟି ଏଫଏମସିଜି ୦.୫୮ ପ୍ରତିଶତ, ନିଫ୍ଟି ଆଇଟି ୦.୨୩ ପ୍ରତିଶତ, ନିଫ୍ଟି ମିଡିଆ ୦.୨୩ ପ୍ରତିଶତ, ନିଫ୍ଟି ମେଟାଲ୍ ୦.୨୬ ପ୍ରତିଶତ, ନିଫ୍ଟି ଫାର୍ମା ୧.୨୧ ପ୍ରତିଶତ, ନିଫ୍ଟି ରିଅଲ୍ଟି ୦.୫୧ ପ୍ରତିଶତ, ନିଫ୍ଟି ହେଲଥ କେୟାର ଇଣ୍ଡେକ୍ସ ୧.୧୬ ପ୍ରତିଶତ, ନିଫ୍ଟି କଞ୍ଜ୍ୟୁମର ଡ୍ୟୁରେବଲ୍ସ ୦.୫୭ ପ୍ରତିଶତ, ନିଫ୍ଟି ତେଲ ଏବଂ ଗ୍ୟାସ୍ ୧.୨୩ ପ୍ରତିଶତ, ନିଫ୍ଟି ମିଡସ୍ମଲ୍ ହେଲ୍ଥକେୟାର ୦.୬୧ ପ୍ରତିଶତ ଏବଂ ନିଫ୍ଟି ମିଡସ୍ମଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ୦.୬୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରୀ-ବାଇପାସରେ ତୃପ୍ତି କିଆ କାର ଶୋରୁମ ଉଦଘାଟିତ

ଭୁବନେଶ୍ୱର, ତା ୧୭।୪ (ପିଏନଏସ) ପୁରୀ ବାଇପାସ ରୋଡରେ ତୃପ୍ତି କିଆ କାର ଶୋରୁମ ଗୁରୁବାର ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ କିଆ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା କ୍ୟୁଙ୍ଗ ମିନକିମ, ଆରଜିଏମ ସୁପ୍ରିଥ ଆର, ଏଏସଏମ ଅଂଶୁମାନ ଦାସଙ୍କ ସମେତ ଶୋରୁମର ଏମଡି ବଦ୍ରିନାରାୟଣ ସାମନ୍ତରାୟ ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଏହି ଶୋରୁମ ଟଙ୍କପାଣିରୋଡ ସାଇମନ୍ଦିର ପାର୍ଶ୍ୱରୁ ହାଇଟେକ ପାର୍ଶ୍ୱକୁ ଯିବା ରାସ୍ତାରେ ଖୋଲାଯାଇଛି। ବିଶେଷ କରି ପୁରୀ ଓ ପୁରୁଣା ଭୁବନେଶ୍ୱରର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାଇପାସ ରୋଡରେ ଶୋରୁମ ଖୋଲାଯାଇଛି ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି। ସୂଚନାଯୋଗ୍ୟ ଭୁବନେଶ୍ୱରରେ ତୃପ୍ତି କିଆ ଶୋରୁମର ଏହା ହେଉଛି ଦ୍ୱିତୀୟ ଆଉଟଲେଟ। ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ଆମେ ବଦ୍ଧପରିକର। ଏହି ନୂତନ ଆଉଟଲେଟର ଉଦଘାଟନୀ ଅବସରରେ ଏକ ଭଲ ନମ୍ବର ଆସିଛି ଯାହା ସର୍ବାଧିକ ବଜାର ଅଂଶ ହାସଲ କରିବା ପାଇଁ ସହାୟକ ହେବବୋଲି ମହାପ୍ରବନ୍ଧକ ଗୋପାଳ ସିଂହ କହିଛନ୍ତି।



## ଆଇଆଇଟି ଭୁବନେଶ୍ୱରରେ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଅଧିବେଶନ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ ଜାରି ରଖି ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ 'ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭାରତୀୟ ପରମ୍ପରା: ସେମାନଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଏକ ଅଧିବେଶନ ଆୟୋଜିତ ହୋଇଛି। ଏହି ଅଧିବେଶନରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଓ ବର୍ତ୍ତମାନ ନୀତି ଅଧ୍ୟୟନ କେନ୍ଦ୍ରର ଅଧକ୍ଷ ଭାବେ କାର୍ଯ୍ୟରତ ଡକ୍ଟର ଏମ୍.ଡି. ଶ୍ରୀନିବାସଙ୍କ ଦ୍ୱାରା ଏକ ଆଲୋଚନା ଆୟୋଜିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଡକ୍ଟର ଶ୍ରୀନିବାସଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ୨୦୨୫ ବର୍ଷ ପାଇଁ ପଦ୍ମଶ୍ରୀ ପାଇବାକୁ ମନୋନୀତ କରାଯାଇଛି। ଏହି ଅଧିବେଶନରେ 'ଉଦୟଗିରି ହଲ୍ ଅଫ୍ ଲର୍ଣ୍ଣିଂ' ଉଦଘାଟିତ ହୋଇଥିଲା, ଯାହା ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ଉଚ୍ଚମାନର ଶିକ୍ଷାଦାନ-ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିବ। ଏହି ଅବସରରେ ପ୍ରଫେସର କରମଲକର କହିଛନ୍ତି ଯେ ବ୍ୟକ୍ତିର ସାଂସ୍କୃତିକ ମୂଳରେ ଏକ ଦୃଢ଼ ଭିତ୍ତିଭୂମି ଚିନ୍ତନଶୀଳ ଜୀବନ ନିଷ୍ପତ୍ତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସାର୍ବଜନୀନ ହୋଇଥିଲେ ମଧ ବୈଜ୍ଞାନିକମାନଙ୍କ ପରିଚୟ ଓ ପ୍ରସଙ୍ଗ ଜ୍ଞାନ କିପରି ଅନୁସନ୍ଧାନ କରାଯାଏ, ତାହା ଉପରେ ଗଭୀର ପ୍ରଭାବ ପକାଏ। ତେଣୁ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପରମ୍ପରାର ଅନୁସନ୍ଧାନ କରିବା ଅତ୍ୟନ୍ତ ଜରୁରୀ, ଯାହା ପ୍ରାୟତଃ ମୁଖ୍ୟଧାରାର କାହାଣୀରୁ ଅନୁପସ୍ଥିତ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରେ।



ଏହି ଅବସରରେ ଡକ୍ଟର ଶ୍ରୀନିବାସ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଭାରତୀୟ ପରମ୍ପରା: ସେମାନଙ୍କର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ' ଉପରେ ଏକ ଭାଷଣ ଦେଇଥିଲେ। ଏହି ଆଲୋଚନାରେ ଭାରତୀୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିବର୍ତ୍ତନର ଏକ ଚୟନିତ ସାରାଂଶ ପ୍ରଦାନ କରାଯାଇଥିଲା, ଏହାର ମୂଳ ବୈଦିକ ଯୁଗରୁ ଚିହ୍ନଟ କରାଯାଇଥିଲା ଏବଂ ଏହାର ମୂଳ ସଭ୍ୟତା ମୂଲ୍ୟବୋଧ ଓ ସମସ୍ତ ଜୀବନର ପରସ୍ପର ସଂଯୁକ୍ତତାରେ ଭାରତୀୟ ବିଶ୍ୱାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ କିପରି ଉନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ, ଭାରତୀୟ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ଅଭ୍ୟାସଗୁଡ଼ିକୁ ବ୍ୟାପକ ଭାବରେ ଶିକ୍ଷା ଦିଆଯାଇଥିଲା, ନବସୃଜନ କରାଯାଇଥିଲା ଏବଂ ଭାରତର ବିଶ୍ୱସ୍ତରୀୟ ପ୍ରତିଷ୍ଠା ଏବଂ ଅର୍ଥନୈତିକ ଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦିଆଯାଇଥିଲା। "ବ୍ରିଟିଶ ଶାସନ ସମୟରେ ଏହି ଅବନତି ଆରମ୍ଭ ହୋଇଥିଲା, ମୁଖ୍ୟତଃ ଏକ ଉପନିବେଶବାଦୀ ଶିକ୍ଷା ବ୍ୟବସ୍ଥା ଲାଗୁ କରିବା ଯୋଗୁଁ ଯାହା ପାରମ୍ପରିକ ଶିକ୍ଷାକୁ ବାଧା ଦେଇଥିଲା। ଭାରତୀୟ ବିଦ୍ୱାନମାନେ ସେବେଠାରୁ ଏହି ଜ୍ଞାନକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ କରିଥିବା ବେଳେ, ଏହାର ଅଧିକାଂଶ ଖଣ୍ଡିତ ଏବଂ ମୁଖ୍ୟଧାରାର ଶିକ୍ଷାକ୍ଷେତ୍ର ବାହାରେ ରହିଛି," ସେ ସୂଚନା ଦେଇଥିଲେ। ସେ ଏହି ସ୍ୱଦେଶୀ ପରମ୍ପରାରେ ମୂଳ ପୁନରୁତ୍‌ଥାନର ସମର୍ଥନ କରିଥିଲେ, ଆଧୁନିକ ସମୟରେ ଏହାର ପ୍ରାସଙ୍ଗିକତା ଏବଂ ପ୍ରୟୋଗ ସୁନିଶ୍ଚିତ କରିବା ପାଇଁ ଭାରତର ବୈଜ୍ଞାନିକ ଐତିହ୍ୟକୁ ଉଚ୍ଚଶିକ୍ଷା ଏବଂ ସ୍କୁଲ ପାଠ୍ୟକ୍ରମରେ ଡକ୍ୟୁମେଣ୍ଟେସନ୍, ଗବେଷଣା ଏବଂ ସଂହତ କରିବା ପାଇଁ ଜରୁରୀ ସଂସ୍ଥାଗତ ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ପ୍ରଫେସର-ଇନ୍-ଚାର୍ଜ (ସେମିନାର) ଡକ୍ଟର ବିଜୟକୃଷ୍ଣ କରିଥିବା ବେଳେ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସର ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ବାସିନ୍ଦାମାନେ ଏହି ଆଲୋଚନାରେ ଭାଗ ନେଇଥିଲେ।

## ମାତ୍ର ୯୯ ପଇସାରେ ଟିସିଏସ୍‌କୁ ୨୧ ଏକରରୁ ଅଧିକ ଜମି ଦେଲେ ଆନ୍ଧ୍ର ସରକାର

**ନୂଆଦିଲ୍ଲୀ, ୧୭।୪:** ମାତ୍ର ୯୯ ପଇସାରେ ମିଳିଲା ୨୧ ଏକର ଜମି। ଖବର ପଢ଼ି ଆଶ୍ଚର୍ଯ୍ୟ ହେଲେ କି? ଆଜ୍ଞା ହଁ କଥାଟି ଶତ। ଆନ୍ଧ୍ର ପ୍ରଦେଶ ସରକାର ମାତ୍ର ୯୯ ପଇସାର ଟୋକନ ପ୍ରାଇସ୍‌ରେ ଟାଟା କନସଲଟାନ୍ସି ସର୍ଭିସେସ୍ (TCS)କୁ ୨୧.୧୬ ଏକର ଜମି ପ୍ରଦାନ କରିଛନ୍ତି। ଏହି ଜମି ଭାଇଜାଗର ଆଇଟି ହିଲ୍ ନମ୍ବର-୩ ରେ ରହିଛି। TCS କମ୍ପାନୀ ଏଠି ଏକ ନୂଆ ଆଇଟି କ୍ୟାମ୍ପସ୍ ସ୍ଥାପନ କରିବ। ଏହି ଜମି ଦେବା ପଛରେ ଆନ୍ଧ୍ର ପ୍ରଦେଶ ସରକାରଙ୍କର ଏକ ନିହିତ ଉଦ୍ଦେଶ୍ୟ ରହିଛି। ପ୍ରକୃତରେ ରାଜ୍ୟ ସରକାର ବିଶାଖାପାଟନମକୁ ଏକ ଟେକ୍ନୋଲୋଜୀ ହବ୍‌ରେ ପରିଣତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଜମି ଆବଣ୍ଟନକୁ ସରକାର ଅନୁମୋଦନ ଦେଇଛନ୍ତି। ମଙ୍ଗଳବାର ଆନ୍ଧ୍ର ପ୍ରଦେଶ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏବଂ କହିଛି, ଏହି ପ୍ରକଳ୍ପ ପ୍ରାୟ ୧,୩୭୦ କୋଟି ଟଙ୍କାର ନିବେଶ ଆଣିବ। ଏବଂ ରାଜ୍ୟରେ ପ୍ରାୟ ୧୨,୦୦୦ ନିଯୁକ୍ତି ସୃଷ୍ଟି କରିବ। ଆନ୍ଧ୍ର ପ୍ରଦେଶ ସରକାର ବିଶାଖାପାଟଣାକୁ ଆଇଟି କମ୍ପାନୀ ଏବଂ ଡିଜିଟାଲ୍ ସର୍ଭିସ୍‌ର ପରିବର୍ତ୍ତି ହବ୍ କରିବାକୁ ଚାହୁଁଛନ୍ତି। ଏହି କ୍ରମରେ ସରକାର ପଦକ୍ଷେପ ନେଇଛନ୍ତି। ଟିସିଏସ୍‌କୁ ଭାଇଜାଗକୁ ଆଣିବାକୁ ଅକ୍ଟୋବର ୨୦୨୪ରେ ପ୍ରଥମେ କମ୍ପାନୀ ସହ ଆଲୋଚନା ହୋଇଥିଲା। ରାଜ୍ୟ ଆଇଟି ମନ୍ତ୍ରୀ ନାରା ଲୋକେଶ ମୁମ୍ବାଇ ଗସ୍ତ ସମୟରେ ଟାଟା ଗ୍ରୁପର ବରିଷ୍ଠ ଅଧିକାରୀମାନଙ୍କୁ ଭେଟିଥିଲେ ଏ ବିଷୟରେ ଆଲୋଚନା କରିଥିଲେ। ସେ ଟିସିଏସ୍‌କୁ ଏହାର ପରବର୍ତ୍ତୀ ପ୍ରମୁଖ ପ୍ରକଳ୍ପ ଆନ୍ଧ୍ର ପ୍ରଦେଶରେ ଖୋଲିବାକୁ ନିମନ୍ତ୍ରଣ ଦେଇଥିଲେ।

ସେବେଠାରୁ, ରାଜ୍ୟ ସରକାର ସମସ୍ତ କାମ ପାଇଁ କମ୍ପାନୀ ସହିତ ନିୟମିତ ଆଲୋଚନା କରୁଥିଲେ। ଶେଷରେ ଆନ୍ଧ୍ର ସରକାର ଟିସିଏସ୍‌କୁ ସାଂକେତିକ ଭାବେ ଜମି ଆବଣ୍ଟନ କରି ଦେଶର ଆଇଟି କମ୍ପାନୀଗୁଡ଼ିକୁ ଏକ ମେସେଜ୍ ଦେଇଛନ୍ତି। ଯେଉଁଥିରେ ଜଣାପଡୁଛି ଯେ ଆନ୍ଧ୍ର ପ୍ରଦେଶ ପରିବର୍ତ୍ତି ଆଇଟି ହବ୍ ହେବାକୁ ପୂରା ପ୍ରସ୍ତୁତ। ନିକଟରେ କର୍ଣ୍ଣାଟକ ସରକାର ଏକ ଆଇନ ଆଣିଥିଲେ, ଯେଉଁଥିରେ ସମସ୍ତ କମ୍ପାନୀକୁ ରାଜ୍ୟବାସୀଙ୍କୁ ନିଯୁକ୍ତି ଦେବାକୁ ବାଧ କରାଯାଇଥିଲା। ଫଳରେ ଆଇଟି କମ୍ପାନୀମାନେ ରାଜ୍ୟ ଛାଡ଼ିବାକୁ ପ୍ରସ୍ତୁତ ହୋଇଥିବା ଶୁଣିବାକୁ ମିଳିଥିଲା। ସେତେବେଳେ ବି ଆନ୍ଧ୍ରପ୍ରଦେଶ ମାନବ ସମ୍ବଳ ବିକାଶ ମନ୍ତ୍ରୀ ନାରା ଲୋକେସ ସମସ୍ତ କମ୍ପାନୀକୁ ଆନ୍ଧ୍ରପ୍ରଦେଶରେ ଆସି କମ୍ପାନୀ ଖୋଲିବାକୁ ନିମନ୍ତ୍ରଣ ଦେଇଥିଲେ। ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ହାଇଦ୍ରାବାଦ ଭଳି ହାଇଟେକ୍ ସିଟି କରିବାକୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ବିଶାଖାପାଟଣା ନିକଟରେ ୫୦୦ ଏକରର ଡାଟା ସିଟି ବିକାଶ କରିବା ନେଇ ଘୋଷଣା କରିଥିଲେ। ଯାହାର କାମ ଜାରି ରହିଛି। ତେବେ ରାଜ୍ୟ ସରକାରଙ୍କର ଟିସିଏସ୍‌କୁ ୯୯ ପଇସାରେ ଜମି ଦେବାର ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହା ପ୍ରଥମ ଥର ନୁହେଁ ପୂର୍ବରୁ ଗୁଜୁରାଟର ସାନନ୍ଦରେ ଟାଟା ମୋଟର୍ସକୁ ମାତ୍ର ୯୯ ପଇସାରେ ଜମି ଦିଆଯାଇଥିଲା।

# ୱାର୍କ ଫ୍ରମ୍ ହୋମ ନିୟମକୁ ବାତିଲ କଲା ଫ୍ଲିପକାର୍ଟ

### ସମସ୍ତ କର୍ମଚାରୀଙ୍କୁ ଅଫିସ ଆସିବାକୁ ଜାରିହେଲା ନୋଟିସ

**ନୂଆଦିଲ୍ଲୀ, ୧୭।୪:** ୱାଲମାର୍ଟ ମାଲିକାନାରେ ଥିବା ଫ୍ଲିପକାର୍ଟ ଆଧିକାରୀକ ସ୍ତରରେ ନିଜ କର୍ମଚାରୀମାନଙ୍କ ପାଇଁ ୱାର୍କ ଫର୍ମ ହୋମ ନିୟମକୁ ବାତିଲ କରିଛି। ଏହା ସହ ଫ୍ଲିପକାର୍ଟରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ସପ୍ତାହରେ ପାଞ୍ଚଦିନ ଆସି ଅଫିସରେ କାମ କରିବାକୁ ନୋଟିସ ଜାରି କରିଛି ବୋଲି ଜାତୀୟ ଗଣମାଧ୍ୟମ ମନିକଣ୍ଟ୍ରୋଲ ଖବର ପ୍ରକାଶ କରିଛି। କୋଭିଡ-୧୯ ମହାମାରି ଯିବାର ଚାରିବର୍ଷ ପରେ କମ୍ପନୀ ନିଜ କର୍ମଚାରୀ ମାନଙ୍କ ପାଇଁ ଥିବା ୱାର୍କ ଫର୍ମ ହୋସ ପଲିସିକୁ ରଦ୍ଧ କରିଛି। ଭାରତର ସବୁଠୁ ବଡ ଇ-କମର୍ସ କମ୍ପାନି ଫ୍ଲିପକାର୍ଟ ମହାମାରି ସମୟରେ ନିଜ କର୍ମଚାରୀମାନଙ୍କ ପାଇଁ କାମରେ ନମନୀୟତା ଆଣି ୱାର୍କ ଫର୍ମ ହୋମ ଅର୍ଥାତ ଘରେ ରହି କାମ କରିବାକୁ ଅନୁମତି ପ୍ରଦାନ କରିଥିଲା। ତେବେ ମାହାମାରି ଯିବାର ଅନେକ ବର୍ଷ ପରେ ମଧ କମ୍ପାନୀ ବିଭିନ୍ନ ସମୟରେ ଏହି ଅବଧିକୁ ଦୀର୍ଘ ଚାରି ବର୍ଷ ହେବ ବୃଦ୍ଧି କରିଚାଲିଥିଲା। ପ୍ରଥମେ ବରିଷ୍ଟ କର୍ଯ୍ୟକର୍ତ୍ତାମାନଙ୍କୁ ଅଫିସ ଡାକିବା ପରେ ବର୍ତ୍ତମାନ ସମସ୍ତ କର୍ମଚାରୀଙ୍କୁ ଅଫିସରେ ଯୋଗ ଦେବାପାଇଁ ନୋଟିସ ହୋଇଥିବା ଜଣାପଡିଛି।




ଆସନ୍ତା କିଛି ମାସ ମଧ୍ୟରେ ସମସ୍ତ କର୍ମଚାରୀ ଅଫିସରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ତେବେ କର୍ମଚାରୀଙ୍କ କଣ କାମ କରୁଛନ୍ତି ତାହା ଉପରେ ଏହା ନିର୍ଭର କରିବ ବୋଲି ଜଣାପଡିଛି। ତେବେ ଆଗକୁ ମଧ କର୍ମଚାରୀମାନଙ୍କ ପାଇଁ ୱାର୍କ ଫର୍ମ ହୋମର ଅପସନ ରହିବ। ହେଲେ ଏହାର ସମୟସୀମା ସୀମିତ ରହିବ ବୋଲି କମ୍ପାନି ଘୋଷଣା କରିଛି। ଏନେଇ କମ୍ପାନିର ମୁଖପାତ୍ର ମଧ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ "କର୍ମଚାରୀମାନେ ଅଫିସ ଫେରିଲା ପରେ ସେମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ସହ କାର୍ଯ୍ୟକ୍ଷେତ୍ରର ଉପଯୋଗିତା ବୃଦ୍ଧି ହେବ। ଖାସ୍ କରି ନୂଆକରି ଯୋଗ ଦେଇଥିବା କର୍ମଚାରିଙ୍କଠୁ ଏହା ଆଶା କରାଯାଉଛି। କର୍ମଚାରୀମାନେ ଧୀରେ ଧୀରେ କାର୍ଯ୍ୟାଳୟକୁ ଫେରିବା ଆରମ୍ଭ କରିସାରିଲେଣି।" ଭାରତର ଇ-କମର୍ସ କ୍ଷେତ୍ରରେ ଫ୍ଲିପକାର୍ଟର ପ୍ରତିଦ୍ୱନ୍ଦିଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କମ୍ପାନି ପକ୍ଷରୁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଉଛି ବୋଲି ଅନୁମାନ କରାଯାଉଛି। ଫ୍ଲିପକାର୍ଟର ସବୁଠୁ ବଡ ପ୍ରତିଦ୍ୱନ୍ଦୀ ଆମାଜନ ମଧ ଭାରତରେ ନିଜର ସମସ୍ତ କର୍ମଚାରୀ ମାନଙ୍କ ପାଇଁ ପାଞ୍ଚଦିନ କାର୍ଯ୍ୟକରିବା ବାଧତାମୁଳକ କରିସାରିଛି। ଏହା ସହ ବେଙ୍ଗାଲୁରୁସ୍ଥିତ ଦେବାନାହଲ୍ଲିଠାରେ ଏକ ବଡ ଅଫିସ ସ୍ଥାପନ କରିସାରିଛି। ସେହିଭଳି ମେଶୋ ମଧ ବର୍ଷକ ପୂର୍ବେ ନିଜର ସମସ୍ତ କର୍ମଚାରୀଙ୍କୁ ଅଫିସକୁ ଡକାଇ ସାରିଲାଣି। ବ୍ଲିଙ୍କଇଟ ଓ ଜେପ୍ଟୋ ଭଳି କୁଇକ କମର୍ସ ଫାର୍ମ ଗୁଡିକ ମଧ ଇନ-ଅଫିସ ମଡେଲକୁ ଆପଣାଇ ସାରିଛନ୍ତି। ସେହିଭଳି ଅନ୍ୟପଟେ ସ୍ୱିଗୀ ମଧ ହାଇବ୍ରିଡ ମଡେଲ ଆପଣାଇଛି। ସ୍ୱିଗି ନିଜର କର୍ମଚାରୀମାନଙ୍କୁ ୩ ଦିନ ଅଫିସରେ ଓ ବାକି ୨ ଦିନ ଘରେ ରହି କାମ କରିବାକୁ ଅନୁମତି ପ୍ରଦାନ କରିଛି। ଏହା ସହ କେତେକ କର୍ମଚାରୀଙ୍କୁ ସବୁଦିନ ଅଫିସ ଆସିବାକୁ ପଡୁଛି ବୋଲି ଜଣାପଡିଛି।

## ବେଳାଭୂମି ନିକଟରୁ ଉଚ୍ଛେଦ ସମୟରେ ଉତ୍ତେଜନା

# ଲୋକଙ୍କ ଜିଦ୍,ବିକଳ୍ପ ଦେଇ ଦୋକାନ ଭାଙ୍ଗ



**ଅସ୍ତରଙ୍ଗ,୧୭।୪ (ସଂଚାର ବ୍ୟୁରୋ):** ନିକଟ ପର୍ଯ୍ୟଟନ ସ୍ଥଳୀ ପୀର ଜାହାନିଆ ପୀଠରେ ବ୍ୟବସାୟୀ-ପ୍ରଶାସନ ମୁହାଁମୁହିଁ। ଜଙ୍ଗଲ ଜମିରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ପାଇଁ ଯାଇ ମୁହାଁମୁହିଁ ହେଲେ ଜଙ୍ଗଲ ବିଭାଗ ଅଧିକାରୀ। ୧୫ ଦିନ ମହଲତି ପରେ ଉଚ୍ଛେଦ ହେବ ଦୋକାନ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ପୀର ଜାହାନିଆ, ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ୪୦ରୁ ଅଧିକ ବ୍ୟବସାୟୀ ଏଠାରେ ଦୋକାନ କରି ପରିବାର ପୋଷନ୍ତି। ଜଙ୍ଗଲ ବିଭାଗର ଜମି ଥିବାରୁ ଦୋକାନ ଉଚ୍ଛେଦ ପାଇଁ ନୋଟିସ୍ କରିଥିଲା ବିଭାଗ। ବୁଧବାର ଦିନ ଦୋକନ ଭାଙ୍ଗିବାକୁ ଆସିଥିଲେ ଜଙ୍ଗଲ ବିଭାଗ, ପୁଲିସ ଫୋର୍ସ ଓ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର। ଘଟଣାସ୍ଥଳରେ ମୁହାଁମୁହିଁ ହୋଇଥିଲେ ପ୍ରଶାସନିକ ଅଧିକାରୀ ଓ ବ୍ୟବସାୟୀ। ପ୍ରଥମେ ଥଇଥାନ ପରେ ଉଚ୍ଛେଦ ଜିଦ୍‌ରେ ଅଡ଼ି ବସିଛନ୍ତି ବ୍ୟବସାୟୀ। ଜାହାନିଆରୁ ଦୋକାନ ଘର ଭାଙ୍ଗିବା ସହ ଉଚ୍ଛେଦ ହେବ ସାଇ ମନ୍ଦିର। ମନ୍ଦିର ବାଡ଼ ଭଙ୍ଗାକୁ ବିରୋଧ କରିଥିଲେ ଲୋକେ। ମନ୍ଦିର ଭାଙ୍ଗିବା ଲୋକଙ୍କ ଭାବନା ପ୍ରତି କୁଠାରଘାତ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ବ୍ୟବସାୟୀଙ୍କୁ ୧୫ ଦିନ ସମୟ ମହଲତ ଦେଇ ଉଚ୍ଛେଦକୁ ବନ୍ଦ ରଖିଛି ପ୍ରଶାସନ। ଅଲିଭ୍‌ରିଡ୍‌ରେ କଇଁଛଙ୍କ ଅଣ୍ଡାଦାନର ପେଣ୍ଠସ୍ଥଳୀ ହେଉଛି ଅସ୍ତରଙ୍ଗର ଜାହାନିଆ ବେଳାଭୂମି।
ଦୋକାନ ଓ ପର୍ଯ୍ୟଟକଙ୍କ ଆଗମନ ଦ୍ୱାରା ସେମାନଙ୍କ ଅଣ୍ଡାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଦୋକାନ ହଟାଇବାକୁ ନିର୍ଦ୍ଦେଶ ଥିବା କହିଛନ୍ତି ଅତିରିକ୍ତ ବନ ସଂରକ୍ଷକ।
ଉଚ୍ଛେଦ ପୂର୍ବରୁ ଥଇଥାନ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ବ୍ୟବସାୟୀ।

# ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ




**ଯାଜପୁର ରୋଡ଼, ୧୭।୪(ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରୁଣ୍ଡେଇ ପଂଚାୟତର କଲ୍ୟାଣ ମଣ୍ଡପ ଠାରେ ଆଜି କୋରେଇ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ମାନେ ବରୁଣ୍ଡେଇ ପଂଚାୟତର ପୂର୍ବତନ ସରପଂଚ ଶ୍ରୀ ସୋଭାଗ୍ୟ ମହାନ୍ତି'ଙ୍କ ନେତୃତ୍ୱରେ ଓଡ଼ିଶାର ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ'ଙ୍କ ୨୮ ତମ ତିରୋଧାନ ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଭବ ପ୍ରସାଦ ଦାସ୍ ଯୋଗ ଦେଇଥିଲେ। ଜିଲ୍ଲାର ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ତୁଙ୍ଗନେତା ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାଶ, ଭକ୍ତବତ୍ସଲ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, ଡଃ ସୁରେଶ ଚନ୍ଦ୍ର ପଣ୍ଡା'ଙ୍କ ସମେତ ଅନେକ ବିଜେଡି ସମର୍ଥିତ ସରପଂଚ ଓ ସମିତି ସଭ୍ୟ, ସଭ୍ୟା ମାନେ ସାମିଲ ହୋଇଥିଲେ। ଓଡିଶା ଏବଂ ଓଡିଆଙ୍କ ସ୍ୱାର୍ଥରକ୍ଷା ପାଇଁ ଓଡିଆ ଜନମନର ସେହି ସମ୍ରାଟ ବିଜୁ ପଟ୍ଟନାୟକ'ଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ବିଜୁ ପଟ୍ଟନାୟକ'ଙ୍କ ପ୍ରତିମୂର୍ତ୍ତି ସହ ଦୃବୃତଙ୍କ ଦ୍ୱାରା ହେଉଥିବା ବିଭିନ୍ନ ସ୍ଥାନରେ ଅସମ୍ମାନ, ପ୍ରତିମୂର୍ତ୍ତି ପୋଡାଜିବା ଯୁକ୍ତ ଘଟାଣାବଳିକୁ ନେଇ ଏବେକାର ବିଜେପି ସରକାରକୁ ନିନ୍ଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି ସମର୍ଥକ ମାନେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧା ଜଣାଇଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠାରେ କଳସ ଯାତ୍ରା



**କନ୍ଧମାଳ,୧୭।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ସଦରମହକୁମା ସ୍ଥିତି ସୁରା ଦେଇ ଛକ ନିକଟରେ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୂଚନା ପ୍ରକାରେ ଖଜୁରୀପଡା ନିକଟସ୍ଥ ସୁରା ଦେଇ ଛକ ଠାରେ ବିଭୂତି ଭୂଷଣ ମହାନ୍ତି ପ୍ରଚେଷ୍ଟାରେ ନିର୍ମାଣ ହୋଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି କଳସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ଠାରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଓ ବାଜା ବାଦ୍ୟରେ ପଦଯାତ୍ରା କରି ଖଜୁରୀପଡା ବନ୍ଧ ଠାରୁ ଜଳ ଉଠାଇ ବଜାର, ବ୍ଲକ ଛକ, ସୁରା ଦେଇ ଗ୍ରାମ ପରିକ୍ରମା କରି ମନ୍ଦିର ଠାରେ ସମୁଦାୟ ୧୦୮ ଗୋଟି କଳସୀ ସ୍ଥାପନ କରାଯାଇଛି। ଏଥିରେ ସୁରା ଦେଇ ଗ୍ରାମର କବିରାଜ ଗଣ୍ଡା, ବରୁଣ ବେହେରା, ପପୁ ଗଣ୍ଡା ନେତୃତ୍ୱରେ ସୁରା ଦେଇ ଗ୍ରାମ ସମସ୍ତ ଜନସାଧାରଣ ସମେତ ଡଙ୍ଗି ସାହି, ଇପିଗୁଡ଼ା ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିବା ବେଳେ ସୁରା ଦେଇ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବ୍ଲକ ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ):** ମେଣ୍ଡା କୁ ବ୍ଲକ ଘୋଷୋଣା ଦାବିରେ ମେଣ୍ଡା ତଥା ଆଖପାଖ ଅଞ୍ଚଳର ଶତାଧିକ ଲୋକେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଦାବିପ୍ରଦାନ କରିଛନ୍ତି। ମେଣ୍ଡାରୁ ଶହ ଶହ ବାଇକ ରାଲି ରେ ୬୦୦ ରୁ ଉର୍ଦ୍ଧ୍ୱ ଲୋକ ଆସି ଏହି କାର୍ଯ୍ୟ କ୍ରମ ରେ ଯୋଗଦାନ କରିଥିଲେ ଓ ସୋନପୁର ବ୍ଲକ ଛକ ରୁ ଘଣ୍ଟ, ବାଜା, କୀର୍ତ୍ତନ ବଜାଇବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ଶୋଭଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ସର୍ବ ପୁରାତନ ଓ ସର୍ବବୃହତ ମେଣ୍ଡା ଗ୍ରାମକୁ ଏକ ବ୍ଲକ ଘୋଷୋଣା କରିବା ଦାବି ନେଇ ମେଣ୍ଡା ଗ୍ରାମବାସୀ ଓ ଆଖପାଖରେ ଥିବା ରାଣିସାର୍ଡ଼ିକ୍ଷ, ଦେଉଳପଦର, ପାଇକବାହାଲ, ପୁଆ, ଜରାଜରିଙ୍ଗ, ନାରାୟଣପୁର ପ୍ରମୁଖ ଗ୍ରାମପଞ୍ଚାୟତର ପାଖାପାଖି ୬୦୦ ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟ କ୍ରମ ରେ ଯୋଗଦାନ କରିଥିଲେ। ମେଣ୍ଡା ଅଞ୍ଚଳବାସୀ ଙ୍କ ଦାବୀ ଯେ ମେଣ୍ଡା କୁ ଏକ ବ୍ଲକ ଘୋଷଣା କଲେ ଆଖପାଖରେ ଥିବା ଅଞ୍ଚଳର ବହୁ ପଞ୍ଚାୟତ ଯଥା ମେଣ୍ଡା, ଦେଉଳପଦର, ରାଣୀସର୍ଡା, ପୁଅକ୍ଷ, ପାଇକବାହାଲ, ଜରା ଜାରିଙ୍ଗ, ତଥା ସୋନପୁର ବ୍ଲକର ନାରାୟଣପୁର, ବାଲାଡି ଛକୋରମାଳ ଗ୍ରାମପଞ୍ଚାୟତ ର ଜନସାଧାରଣ ଉପକୃତ ହୋଇ ପାରିବେ। ତା ସହ ମେଣ୍ଡା ଅଞ୍ଚଳ ବାସୀ ଙ୍କ ସାମଗ୍ରିକ ବିକାଶ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବୀ ଆଶା ବ୍ୟକ୍ତ କରି ଛନ୍ତି। ରାଜୁଡା ଅମଳରୁ ଏହି ମେଣ୍ଡା ଗାଁ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି। ଏହା ଏକ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ସେ ସମୟରେ ଥାନା ମଧ୍ୟ ଥିଲା, ଓ ମେଣ୍ଡା ଉପରେ ପ୍ରାୟ ୫୫ ଗୋଟି ଗାଁ ନିର୍ଭର କରୁଥିଲେ। ବର୍ତ୍ତମାନ ମଧ୍ୟ ଏଠାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପୋଲିସ ଫାଣ୍ଡି, ବ୍ୟାଙ୍କ, ପ୍ରାଥମିକ ଚିକିତ୍ସାଳୟ, ପ୍ରାଣିଚିକିତ୍ସାଳୟ, କୃଷିସମବାୟ ସମିତି, ହାଇସ୍କୁଲ, ଯୁକ୍ତଦୁଇ ଏବଂ ଯୁକ୍ତ ତିନି ମହାବିଦ୍ୟାଳୟ, ତଥା ଅନ୍ୟାନ୍ୟ ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ମେଣ୍ଡା ଅଞ୍ଚଳର ଅନେକ ଗାଁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବାରୁ ସଠିକ ଭାବରେ ଉନ୍ନତି ହୋଇପାରିନଥିବା ଶହ ଉପେକ୍ଷିତ ହୋଇଛି ପଡ଼ିରହିଛି। ମେଣ୍ଡା ଯଦି ବ୍ଲକରେ ପରିଣତ ହୁଏ ତାହେଲେ ସାରା ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି ଗାଁ ଲୋକେ। ଅକ୍ଷଜିର ଏହି ପ୍ରତିନିଧି ମଣ୍ଡଳୀ ରେ ଭିକାରି ମେହେର, ରାନିସର୍ଡ଼କ୍ଷ ସରପଞ୍ଚ ଗୋପାଳ କର୍ମୀ, ପାଇକବାହାଲ ସରପଞ୍ଚ ପିଙ୍କି ଶିକା, ସାମ୍ବାଦିକ ନରୋତ୍ତମ ମଲ୍ଲିକ, ମୁକୁନ୍ଦ ସାହୁ ରାଜେନ୍ଦ୍ର ଝାଙ୍କର, ବିଭୂତି ଝାଙ୍କର, ସବ୍ୟସାଚୀ ଦଣ୍ଡସେନା, ରାଜେନ୍ଦ୍ର ପଣ୍ଡା, ଭୁବନାନନ୍ଦ ବାଦୀ, କ୍ଷମାନିଧି ଝାଙ୍କର, ପ୍ରମୋଦ ପରଡିଆ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପୁଷ୍ପାଞ୍ଜଳି ମେହେର, ସନ୍ତୋଷିନୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ



**ବେତନଟୀ,୧୭।୪(ସଂଚାର ବ୍ୟୁର):** ବେତନଟୀ ଅଗ୍ନିଶମ ବିଭାଗ ପକ୍ଷରୁ ଏପ୍ରିଲ ୧୪ ରୁ ୨୦ ତାରିଖ ସପ୍ତାହେ ଧରି ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ ଓ ପେଟ୍ରୋଲ ପମ୍ପ ମାନଙ୍କରେ ବିଭିନ୍ନ ଧରଣର ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ସେହିପରି ବେତନଟୀ ଏମ ପି ସି ହାଇସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ଅଗ୍ନିଶମ ବିଭାଗ ଅଧିକାରୀ ସତ୍ୟବାଦୀ ପଲେଇଙ୍କ ସମେତ ଆଗ୍ନିକ ଜଗନ୍ନାଥ ଗିରି, ଆଗ୍ନିକ ଅଜୟ କୁମାର ସାହୁ, ଡ୍ରାଇଭର ଛବିଳ ବେହେରାଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ବନ୍ୟା, ବାତ୍ୟା, କିମ୍ବା କଉଠି ନିଆଁ ଲାଗିଲେ, କିମ୍ବା କେହି ପାଣିରେ ବୁଡ଼ିଯାଉଥିଲେ, କିମ୍ବା କେହି ସଡ଼କ ଦୁର୍ଘଟଣାର ଶିକାର ହେଲେ କିପରି ତାଙ୍କୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ବିଭିନ୍ନ ମକଡ୍ରିଲର ଅଭ୍ୟାସ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଏପରି ସଚେତନତା କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନମାନଙ୍କରେ ଚାଲୁ ରହିବ ବୋଲି ଅଧିକାରୀ ସତ୍ୟବାଦୀ ପଲେଇ ସୂଚନା ଦେଇଥିଲେ। ତତସହିତ ଗତ କିଛି ଦିନ ରାଗିରହିଥିବା କାଳବୈଶାଖୀ ଝଡ ବାତ୍ୟାରେ ଚାରିପଟେ ଗଛଗୁଡିକ ଭାଙ୍ଗି ଗଡ଼ିଯାଇଥିବା ବେଳେ ଯୁଦ୍ଧକାଳୀନ ପରିସ୍ଥିତିରେ ସେ ସବୁ ଗଛକୁ କାଟି ସଫା କରିବାରେ ବେତନଟୀ ଅଗ୍ନିଶମ ବିଭାଗକୁ ବେତନଟୀରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ବାଲିଚନ୍ଦ୍ରପୁର,୧୭।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗୋପାଳପୁର ଗ୍ରାମ ପଞ୍ଚାୟତର କଳାଶ୍ରୀ ଯୁବ ପରିଷଦ ଆନୁକୂଲ୍ୟରେ ଶିକ୍ଷାବିତ୍ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ବର୍ଷିୟାନ ନାଗରିକ ମାନଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ କଳାକାର ଓଡ଼ିଶା ସଭାପତି ସତ୍ୟବ୍ରତ ପୁହାଣ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଞ୍ଜନ କୁମାର ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ କ୍ଷୀରୋଦ ଚନ୍ଦ୍ର ଜେନା, ଶିକ୍ଷାବିତ୍ ମଥୁରୀ ଚରଣ ବେହେରା, ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବର୍ଷିୟାନ ନାଗରିକ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜୋତିର୍ମୟ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଦେବାଶିଷ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଚିତ୍ରକର ଅନନ୍ତ ବାରିକ, ଗୌରାଙ୍ଗ ରାଉତ, ଶ୍ରମିକ ନେତା ବିମଳଲୋଚନ ସାମଲ, ଯନ୍ତ୍ରୀ ପ୍ରିୟବ୍ରତ ସାମଲ, କଣ୍ଠଶିଳ୍ପୀ ବଳରାମ ରାଉତ, ସମାଜସେବୀ ଦୁର୍ଲଭ ପ୍ରଧାନ, କ୍ରୀଡ଼ା ଶିକ୍ଷକ ବଂଶୀଧର ସାମଲ, ପ୍ରଦୀପ ରାଉତ, ଶାରଦା ପ୍ରସାଦ ଧଳ, ହିମାଂଶୁ ଶେଖର ସାମଲ, ଭ୍ରମରବର ସାମଲ ଓ ସମ୍ଭୁନାଥ ଜେନାଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦୀଲ୍ଲିପ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଦୁଃଶାସନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ନୀଳଗିରି,୧୭।୪(ସଂଚାର ବ୍ୟୁରୋ):** ଓଡ଼ିଶାର ମହାନ ବରପୁତ୍ର ସଂଗ୍ରାମୀ ଜନନେତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ନୀଳଗିରି ବିଜୁଜନତା ଦଳ ତରଫରୁ ପାଳିତ ହୋଇଯାଇଛି। ସକାଳ ୭.୩୦ ସମୟରେ ନୀଳଗିରି ଶଙ୍କରାଖୁଣ୍ଟା ପୋଖରୀରେ ଏହି ମହାନ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା।ବିଜେଡିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଜୁପ୍ରେମୀ ନେତା ଓ ସାଧାରଣ ଜନତା ଏକ ଶୋଭାଯାତ୍ରାରେ ଯାଇ ବାଇପାସ୍ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ବୈଠକରେ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ଓ ଆଜିର ଆହ୍ୱାନ ଶୀର୍ଷକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡିନେତା ଗଙ୍ଗାଧର ମିଶ୍ର, ପ୍ରଫୁଲ୍ଲ ପରିଡା,୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ରବୀନ୍ଦ୍ର ପରିଡା, ଅଚ୍ୟୁତ ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ, ସଞ୍ଜୟ ସିଂ, ବାସନ୍ତୀ ହେମ୍ବ୍ରମ, ଜୟନ୍ତ ପୁଟି, ଶ୍ରୀକାନ୍ତ ପରିଡା, ରଞ୍ଜିତା ଦଣ୍ଡପାଟ ରଧାଗୋବିନ୍ଦ ଖଟୁଆ, ଭାଗବତ ଖିଲାର, ଦୀପକ ଦାସ, ବୁଦ୍ଧଦେବ ସରକାର,ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ, ଉପେନ୍ଦ୍ର ନାୟକ, ଚାନ୍ଦମଣି ମୁର୍ମୁ, କୁଳମଣି ନାୟକ ପ୍ରମୁଖ ବହୁ ବିଜେଡ଼ି କର୍ମୀ ଓ ଅନୁଗାମୀ ଉପସ୍ଥିତ ଥିଲେ।

# ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଆରମ୍ଭ




**ଜଗତସିଂହପୁର,୧୭।୪(ସଂଚାର ବ୍ୟୁର):** ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଶୁଭାରମ୍ଭ ଜଗତସିଂହପୁର ଜିଲ୍ଲାର ମା' ଶାରଳା ଙ୍କ ପିଠରୁ ଚଳିତ ଏପ୍ରିଲ ମାସ ୨୧ ତାରିଖ ଦିନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ନେତୃତ୍ୱରେ ଆରମ୍ଭ ହେବ ବୋଲି ଜଗତସିଂହପୁର ସର୍କିଟ ହାଉସ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ପ୍ରକାଶ କରିଛନ୍ତି। ଏହି ପଦଯାତ୍ରା ସକାଳ ୮ ଘଟିକା ସମୟରେ ଆରମ୍ଭ ହୋଇ ମା' ସାରଳା ମନ୍ଦିରରୁ ବାହାରି ମୁଳିସିଂ ବଜାର, ବିରତୋଳ, ସଂଅରା ଛକ, ସାଁପୁର, ତରଡାପଡା ଛକ, ପୁରୋହିତପୁର ଦେଇ ଜଗତସିଂହପୁର ସହରର ସ୍ଥିତ ଚର୍ଚ୍ଚିକା ବଜାରରେ ପହଞ୍ଚିବ। ଚର୍ଚ୍ଚିକା ବଜାରରୁ ସଂଧ୍ୟା ୬ ଘଟିକା ସମୟରୁ ମଶାଲ ଶୋଭାଯାତ୍ରାରେ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯିବା ସହ ଗାନ୍ଧୀ ଛକ ଠାରେ ପହଞ୍ଚି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସମବେତ ପଦଯାତ୍ରୀ ଙ୍କୁ ଉଦବୋଧନ ଦେବେ ବୋଲି ସ୍ଥିରିକୃତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ର ସମସ୍ତ ନେତୃମଣ୍ଡଳୀ ଓ କର୍ମୀମାନେ ଯୋଗଦେବେ। ଏଥିସହ ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁନ୍ଦ ପଞ୍ଚାୟତରେ ଅନୁଷ୍ଠିତ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବା କାର୍ଯ୍ୟକ୍ରମରେ ବିଜେପି ଦଳର ଓବିସି ସେଲ୍ ସଭାପତି ସୁବୋଧ ବାରିକ ଓ ବିଜେପି କର୍ମିମାନେ ଉପସ୍ଥିତ କାର୍ଯ୍ୟରତ ମହିଳ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ମାନଙ୍କ ଉପରେ କଂଗ୍ରେସ ଦଳ ପକ୍ଷରୁ ଦୃଢ଼ ନିନ୍ଦା କରିବା ସହ ମୁଖ୍ୟ ଆସାମୀ ଓ ସମସ୍ତ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ ମୁଖପାତ୍ର ହେମନ୍ତ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ରଘୁନାଥପୁର ବ୍ଲକ କଂଗ୍ରେସ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ଆର୍ଶୀବାଦ ତ୍ରିପାଠୀ, କଂଗ୍ରେସ ନେତା ଠୁକୁରା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବିଜୁ ବାବୁ ଙ୍କୁ ତିଳ ତର୍ପଣ

**ଭେଡେନ, ୧୭।୪ (ସଂଚାର ବ୍ୟୁରୋ):** ଅତାବିରା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଭେଡେନ ବ୍ଲକ ଜିରା ଓ ଦନ୍ତା ନଦୀ ସଙ୍ଗମ କୁତପାଲି ଦୁଇ ମୁହାଣୀ ଠାରେ ପ୍ରବାଦ ପୁରୁଷ ଆଧୁନିକ ଓଡିଶାର ନିର୍ମାତା ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ତିରୋଧାନ ଦିବସରେ ଭେଡେନ ବିଜେଡ଼ି ସଭାପତି ତଥା ଦଳର ବରିଷ୍ଠ ନେତା ହରିଶଙ୍କର ବେହେରା ଓ ବରିଷ୍ଠ ଯୁବନେତା ସୁଶାନ୍ତ କୁମାର ଭୋଇଙ୍କ ସହ ଦଳର ବରିଷ୍ଠ ନେତା କର୍ମୀ ମାନଙ୍କ ଉପସ୍ଥିତିରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ପୂଜାର୍ଚ୍ଚନା କରିଥିଲେ ।



# ରାସ୍ତା ନିର୍ମାଣରେ ଠିକାଦାରଙ୍କ କାର୍ଯ୍ୟରେ ଅନିୟମିତତା

**ବୈଶିଙ୍ଗା,୧୭।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡାରୁ ବାଲେଶ୍ୱର ଜିଲ୍ଲାର ରୁପସା ପର୍ଯ୍ୟନ୍ତ ରାଜ୍ୟ ରାଜପଥ ରେ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ସଂପୃକ୍ତ ଠିକାଦାର ଙ୍କ ମନ ମାନି ପାଇଁ ପିଚୁରାସ୍ତା ମଝିରେ ଗଛ, ରାସ୍ତା ପାର୍ଶ୍ୱ ରେ ଫୁଟପାଥ ଠିକ୍ ଭାବରେ ନ ହେବା, ଉଚ୍ଚା ରାସ୍ତା ପାର୍ଶ୍ୱରେ ଗାର୍ଡ ୱାଲ୍ ନିର୍ମାଣ ନ କରିବା ଆଦି ଘଟଣା ପାଇଁ ବାରମ୍ବାର ମିଡ଼ିଆ ମାଧ୍ୟମରେ ସଚେତନ କରାଯାଇଥିଲେ ମଧ୍ୟ କୌଣସି କଥାକୁ ଠିକାଦାର ଭୃକ୍ଷେପ ନ କରିବା




ଅତ୍ୟନ୍ତ ପରିତାପର ବିଷୟ ପାଲଟିଛି। ରାସ୍ତା ନିର୍ମାଣ ପୂର୍ବରୁ ସରକାରୀ ସ୍ତରରେ ରାସ୍ତା ମାପ କରାଯାଇ ଚିହ୍ନଟ ପରେ ଜବରଦଖଲକାରୀ ଙ୍କୁ ସରକାରୀ ରାସ୍ତା ପାଇଁ ଉଦ୍ଧିଷ୍ଟ ଜମି ଛାଡ଼ିବାକୁ ନୋଟିସ ଦିଆଯାଇଥିଲା। ନୋଟିସ ପାଇଥିବା କିଛି ବ୍ୟକ୍ତି ଜମି ଛାଡିଥିଲେ ମଧ୍ୟ କିଛି ପ୍ରତିପତ୍ତିଶାଳୀ ବ୍ୟକ୍ତି ଅଦ୍ୟାବଧି ରାସ୍ତା ଜମି ଛାଡି ନାହାନ୍ତି। ବୈଶିଙ୍ଗା ବସଷ୍ଟାଣ୍ଡ ଅଞ୍ଚଳରେ ଏହି ରାସ୍ତାକୁ ଅବରୋଧ କରି କିଛି ଛୋଟ ଛୋଟ ଉଠା ଦୋକାନୀ ମାନଙ୍କୁ ଗତ ମାର୍ଚ୍ଚ ୧୯ ତାରିଖ ଦିନ ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀଙ୍କ ଜରିଆରେ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇ ରାସ୍ତା କରାଯାଇଛି ସତ ମାତ୍ର ୫୦୦ ମିଟର ଦୂରରେ ଏକ ପୋଲ ନିର୍ମାଣ ପରେ ଗୋଟିଏ ପାର୍ଶ୍ୱରେ ନିୟମ ବର୍ହିଭୁତ କାର୍ଯ୍ୟ ପାଇଁ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ ନିର୍ମାଣ ଓ ରାସ୍ତା ଓସାରିଆ ପାଇଁ ଯଥେଷ୍ଟ ଜମି ଥିଲେ ମଧ୍ୟ ଡ୍ରେନ୍ କୁ ଠିକ୍ ଭାବରେ ନ କରିବା ଯୋଗୁଁ ଆନ୍ଦୋଳନ ର ଚେତାବନୀ ଦିଆଯାଇଛି। କାରଣ ସମସ୍ତଙ୍କ ପାଇଁ ସମାନ ନିୟମ ରହିବା ଆବଶ୍ୟକ। ଏ ସମ୍ପର୍କରେ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଙ୍କୁ ପଚାରିବା ପରେ ସେ କିହିଲେ ମୁଁ ସ୍ଥିତି ଅନୁଧ୍ୟାନ କରି ଉଚିତ୍ ପଦକ୍ଷେପ ନେବି।

# ଶିକ୍ଷା ମାନବ ସମାଜକୁ ସଶକ୍ତ କରେ

## ମାଳଦା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ




**କାକଟପୁର /ଅସ୍ତରଙ୍ଗ, ୧୭।୪ (ସଂଚାର ବ୍ୟୁରୋ):** ଜୀବନର ବାଟ ଦେଖାଇଥାଏ ଶିକ୍ଷା। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଳଦା ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ଅତିଥି ମତ ଦେଇଛନ୍ତି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ବିଦ୍ୟୁଲତା ଭଞ୍ଜ ପୌରୋହିତ ରେ ଆୟୋଜିତ କାର୍ଯ୍ୟକ୍ରମ କୁ ଉପସ୍ଥିତ ବରେଣ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ। ବୁଧବାର ମଧ୍ୟାହ୍ନ ରେ ଅସ୍ତରଙ୍ଗ ବ୍ଲକ ମାଳଦା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଅଧକ୍ଷା ଆରତୀ ନାଏକ ନିଜ ବକ୍ତବ୍ୟରେ ଶିକ୍ଷା କିଭଳି ଭାବେ ଜଣେ ମଣିଷକୁ ସମାଜର ସଠିକ ପଥରେ ବାଟ କଢ଼ାଇ ନିଏ ସେ ବିଷୟରେ ଆଲୋକପାତ କରିଥିଲେ।ମୁଖ୍ୟ ବକ୍ତା ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା କହିଥିଲେ ପିଲା ମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା 'ମା ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜ ଆବଶ୍ୟକତା ରହିଛି। ସଂମ୍ମାନିତ ଅତିଥି ସମାଜସେବୀ ଦିବାକର ଛାଟୋଇ ନିଜ ବକ୍ତବ୍ୟରେ ଛାତ୍ର, ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ। ଛାତ୍ର, ଛାତ୍ରୀ ଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ।ଅନ୍ୟ ଅତିଥି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ, ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ସାମନ୍ତରାୟ, ପୂର୍ବତନ ନାଏବ ସରପଞ୍ଚ ଉପେନ୍ଦ୍ର ବାରିକି, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଦୟାନିଧି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟରେ କହିଥିଲେ ବାର୍ଷିକ ଉତ୍ସବ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରି ଅନୁଷ୍ଠାନକୁ ଆଗକୁ ନେବାରେ ସହାୟକ କରିଥାଏ। ଶିକ୍ଷକ ରଶ୍ମିରଞ୍ଜନ ଦାଶ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ବିଦ୍ୟୁଲତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ।

# ହନୁମାନ ଦେବଙ୍କ ଦ୍ୱାଦଶ ପ୍ରତିଷ୍ଠା ଉତ୍ସବ

**ରାଜନଗର,୧୭।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହିଂଶାସୁରଠାରେ ଥିବା ଶ୍ରୀଶ୍ରୀ ହନୁମାନ ଦେବଙ୍କ ୧୨ ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା, ଅଙ୍କୁରରୋପଣ ପରେ ଯଜ୍ଞାଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋମତା ପୂଜା ସହିତ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଗତକାଲି ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ କୁମାର ରଥ, ମହେନ୍ଦ୍ର ଶତପଥି, ବାସୁଦେବ ନନ୍ଦ, ପବିତ୍ର ସଡଙ୍ଗୀ, ସୁଭ୍ରକାନ୍ତ, ଶତପଥି, ବରଦା ମିଶ୍ର ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଦୋଳଗୋବିନ୍ଦ ଜେନା ଓ ସ୍ୱର୍ଣ୍ଣଲତା ରାଉତ କର୍ତ୍ତାଭାବେ ଦେବ କାର୍ଯ୍ୟ ସମାପନ କରିଥିଲେ। ଅଶୋକ କୁମାର ମାହାନ୍ତି, ମନ୍ମଥ କୁମାର ରାଉତ, ରଞ୍ଜନ ଜେନା, ବିଜୟ କୁମାର ଜେନା, ସୁମନ୍ତ ରାଉତ, ରଜନୀକାନ୍ତ ରାଉତ, ପ୍ରକାଶ ସେଠୀ, ସୌରଭ ଜେନା, ସୁଶୀଳ ରାଉତ, ଚନ୍ଦନ ପ୍ରଧାନ, କେଦାର ବାବା ସହିତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ମାନସିକ ରୋଗ ଲୁଚାଉଛନ୍ତି ଭାରତୀୟ



ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ଆମେ ରୋଗର ଲକ୍ଷଣ ବାବଦରେ ପ୍ରକାଶ କରିଥା'ନ୍ତି। କାରଣ ସେ ସମ୍ପର୍କରେ ସବିଶେଷ ବିବରଣୀ ଜାଣିଲା ପରେ ହିଁ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଦନୁଯାୟୀ ଉପଚାର ପରାମର୍ଶ କରିଥା'ନ୍ତି। ମାତ୍ର ମାନସିକ ରୋଗ ଏପରି ଏକ ସମସ୍ୟା, ଯାହା ବିଷୟରେ ପୀଡ଼ିତମାନେ ଅନ୍ୟ ଆଗରେ କ୍ୱଚିତ୍ ପ୍ରକାଶ କରିଥାନ୍ତି। ଆମ ଦେଶରେ ପ୍ରାୟ ଏକ ପ୍ରତିଶତରୁ କମ୍ ମାନସିକ ରୋଗୀ ସେମାନଙ୍କ ଅବସ୍ଥା ସମ୍ପର୍କରେ ବାହାରେ ମୁହଁଖୋଲି କହିଥା'ନ୍ତି ବୋଲି ଯୋଧପୁର ଆଇଆଇଟିର ଗବେଷକମାନେ ଜାଣିପାରିଛନ୍ତି। ପୀଡ଼ିତମାନେ ନିଜର ମାନସିକ ଅସ୍ୱାଭାବିକତାକୁ ଗୋପନ ରଖିବା ପଛରେ ମୁଖ୍ୟତଃ ସାମାଜିକ କଳଙ୍କ ବା ଟାହିଟାପରା ଦାୟୀ ବୋଲି ଜଣାଯାଇଛି। ଏଥିପାଇଁ ଅନୁଷ୍ଠିତ ଏକ ଅନୁଧ୍ୟାନରେ ୮,୭୭ଟି ଗାଁ ଓ ୬,୧୮୧ଟି ସହରାଞ୍ଚଳର ୫,୫୫,୧୧୫ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଭିତରୁ ୩୭୪ ଜଣ ଡାକ୍ତରଖାନା ଅଧୀନରେ ଥିବା ବେଳେ ୨୮୩ ଜଣ ଡାକ୍ତରଖାନା ବାହାର ରୋଗୀ ଥିଲେ। ଏହି ଅନୁଧ୍ୟାନରୁ ମିଳିଥିବା ଆଉ ଏକ ବିଶେଷ ଫଳାଫଳ ହେଲା, ନିମ୍ନ ଆୟବର୍ଗଙ୍କ ତୁଳନାରେ ଉଚ୍ଚ ଆୟବର୍ଗମାନେ ୧.୭୩ ଗୁଣା ଅଧିକ ମାନସିକ ରୋଗରେ ପୀଡ଼ିତ। ସେହିପରି ସୀମିତ ସ୍ୱାସ୍ଥ୍ୟବୀମା ପରିସର ଯୋଗୁଁ ମାତ୍ର ୨୩ ପ୍ରତିଶତ ମାନସିକ ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥା'ନ୍ତି। ଏଥି ସହିତ ଚିକିତ୍ସା କଥା ବିଚାରକୁ ନେଲେ ସରକାରୀ ହାସପାତାଳ ତୁଳନାରେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଅଧିକ ବ୍ୟୟସାପେକ୍ଷ ବୋଲି ମଧ ଜଣାଯାଇଛି।



# ଅଧିକ ସ୍ୱାସ୍ଥ୍ୟପ୍ରଦ ଗାଁ ଚାଉଳର ପଖାଳ!

ପଖାଳ ଭାତର ଆଦର କାହିଁ କେତେ କାଳରୁ ଆମ ପରମ୍ପରା ଓ ସଂସ୍କୃତିରେ ରହି ଆସିଛି। ସାଧାରଣତଃ ଗ୍ରାମାଞ୍ଚଳରେ ଲୋକପ୍ରିୟ ହୋଇ ରହିଆସିଥିବା ଏହି ଖାଦ୍ୟ ଆମ ପାକସ୍ଥଳୀର ଶ୍ରେଷ୍ଠ ବନ୍ଧୁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହି ଆସୁଛନ୍ତି। ତେଣୁ ଆଜିକାଲି ଗ୍ରାମାଞ୍ଚଳ ସମେତ ସହରାଞ୍ଚଳରେ ମଧ ପଖାଳ ଭାତର ଚାହିଦା ବଢ଼ିବାରେ ଲାଗିଛି। ତେବେ ବିଶେଷ କରି ଗାଁମାନଙ୍କରେ ପ୍ରସ୍ତୁତ ଉଷୁନା ଚାଉଳରୁ ବାସି ପଖାଳ ସହରାଞ୍ଚଳରେ ମିଳୁଥିବା ଭାତର ପଖାଳ ଅପେକ୍ଷା ଅଧିକ ଉପକାରୀ ବୋଲି ଚେନ୍ନାଇ ସ୍ଥିତ ଷ୍ଟେନ୍‌ଲେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଗ୍ରାମାଞ୍ଚଳର ପାରମ୍ପରିକ ବାସି ପଖାଳରେ ଅଧିକ ସଂଖ୍ୟାରେ ପାକସ୍ଥଳୀ ଅନୁକୂଳ ଅଣୁଜୀବ (ପ୍ରୋବାୟୋଟିକ୍ସ) ରହିଥାଆନ୍ତି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପରିସ୍ଥିତି ଓ ପରିବେଶର ବାଧବାଧକତା ଯୋଗୁଁ ଗ୍ରାମାଞ୍ଚଳରେ ବାସି ପଖାଳର ବହୁଳ ବ୍ୟବହାର ଦେଖାଯାଇଥାଏ। ଏହା ହଜମ କ୍ରିୟାରେ ସାହାଯ୍ୟ କରିବା ସହ ପେଟଫୁଲା ରୋଗର ଉପଚାର ଭାବେ କାମ କରିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ସେମାନେ ବିଭିନ୍ନ ପ୍ରକାରର ଅରୁଆ ଚାଉଳ ଓ ଏକଉଁଷିଆ ନାଲି ଉଷୁନା ଚାଉଳରୁ ପ୍ରସ୍ତୁତ ପଖାଳ ସହିତ ଦୋ'ସିଝା ଉଷୁନା ଚାଉଳରୁ ପ୍ରସ୍ତୁତ ବାସି ପଖାଳକୁ ତୁଳନା କରି ଏହି ନିର୍ଯାସରେ ପହଞ୍ଚିଛନ୍ତି। ଦୋ'ସିଝା ଚାଉଳର ବାହ୍ୟ ସ୍ତରରେ ଅଧିକ ପରିମାଣର ସ୍ୱାସ୍ଥ୍ୟ ଅନୁକୂଳ ଅଣୁଜୀବ ରହିଥାଆନ୍ତି। ଏହି ଗାଉଁଲି ବାସି ପଖାଳରେ ୫୦୦ରୁ ଅଧିକ ପ୍ରକାରର ଅଣୁପୋଷକ ରହିଥା'ନ୍ତି, ଯେଉଁଗୁଡ଼ିକ ପାକସ୍ଥଳୀର ସ୍ୱାସ୍ଥ୍ୟପ୍ରଦ ଅଣୁଜୀବଗୁଡ଼ିକୁ ପ୍ରୋତ୍ସାହିତ କରିଥା'ନ୍ତି। ଗବେଷକମାନଙ୍କ ଏହି ନିର୍ଯାସ ବାସି ତୋରାଣିର ଉପକାରିତାକୁ ମଧ ଉତ୍‌ଥାପନ କରୁଛି। କାରଣ ଅନ୍ତନଳୀର କୋଷଗୁଡ଼ିକ ବାସି ତୋରାଣି ସଂସ୍ପର୍ଶରେ ଆସିଲେ ସେମାନଙ୍କର ଅଣୁପୋଷକ-ଶୋଷଣ ଗୁଣ ବଢ଼ିଯାଇଥାଏ। ଏଥି ସହିତ ବିଭିନ୍ନ ପ୍ରକାର ଅନ୍ତନଳୀ ସଂକ୍ରମଣ, ମୂତ୍ରନଳୀ ସଂକ୍ରମଣ କି ମାସିକ ଋତୁସ୍ରାବ ସମସ୍ୟା ଭୋଗୁଥିବା ରୋଗୀଙ୍କ ପାଇଁ ବାସି ତୋରାଣି ବା କାଞ୍ଜି ଏକ ଅମୋଘ ଉପଶମ ଭାବେ କାମ କରିଥାଏ ବୋଲି ସେମାନେ ପ୍ରକାଶ କରିଛନ୍ତି।

**ବିଶେଷ କରି ଗାଁମାନଙ୍କରେ ପ୍ରସ୍ତୁତ ଉଷୁନା ଚାଉଳରୁ ବାସି ପଖାଳ ସହରାଞ୍ଚଳରେ ମିଳୁଥିବା ଭାତର ପଖାଳ ଅପେକ୍ଷା ଅଧିକ ଉପକାରୀ ବୋଲି ଚେନ୍ନାଇ ସ୍ଥିତ ଷ୍ଟେନ୍‌ଲେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ବିଶେଷଜ୍ଞମାନେ ଜାଣିପାରିଛନ୍ତି।**

# ଓଜେମ୍ପିକ୍ ମାୟାରେ ହଲିଉଡ୍ ବାୟା



କିଛି ବର୍ଷ ହେଲା ହଲିଉଡ୍ ତାରକାମାନେ ଓଜନ ହ୍ରାସ ପାଇଁ ଏକ ମଧୁମେହ ଔଷଧର ବହୁଳ ବ୍ୟବହାର କରୁଛନ୍ତି। ମୂଳତଃ ଟାଇପ୍-୨ ମଧୁମେହ ନିୟନ୍ତ୍ରଣ ପାଇଁ ବ୍ୟବହୃତ ଏହି ଇଂଜେକ୍ସନ୍‌ର ନାମ 'ଓଜେମ୍ପିକ୍' (ସେମାଗ୍ଲୁଟାଇଡ୍)। ସିନେ ଦୁନିଆର ତାରକାମାନଙ୍କ ଜୀବନଶୈଳୀ ସମ୍ପର୍କିତ ସୂଚନା ଜଙ୍ଗଲ ନିଆଁ ପରି ବ୍ୟାପିଯିବା ସହ ସର୍ବତ୍ର ଆଲୋଚିତ ହୋଇଥାଏ। ତେବେ ଏଥର ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି ଓଜେମ୍ପିକ୍। ଏହି ଔଷଧକୁ ଅଗ୍ରଣୀ ତାରକାମାନେ ଓଜନ ହ୍ରାସ ପାଇଁ ବ୍ୟବହାର କରୁଥିବା କଥା ଗତବର୍ଷ ଅଗଷ୍ଟରେ ପଦାକୁ ଆସିଥିଲା। ଓଜେମ୍ପିକ୍‌ର ଅଭାବ ଦେଖାଦେବାରୁ ଏହାର ଏପରି ଭିନ୍ନ ଉପଯୋଗ ଘଟଣା ଲୋକଲୋଚନକୁ ଆସିଥିଲା। ଆମି ସ୍କୁମର ଗୋଲନେସା 'ଜିଜି' ଘାରାଚେଦାଘି ଓ ରାଭେନ୍ ସିମନ୍‌ଙ୍କ ଭଳି ଆଗଧାଡ଼ିର ଅନେକ ତାରକା ଓଜନ ହ୍ରାସ ପାଇଁ ଏହି ଔଷଧ ବ୍ୟବହାର କରିଥିବା କଥା ସ୍ୱୀକାର କରିଛନ୍ତି। ଅପରପକ୍ଷେ ଖୋଲେ କାର୍ଡେସିଆନ୍ ଓ କାଇଲ୍ ରିଚାର୍ଡସ୍‌ଙ୍କ ପରି ତାରକା ଓଜନ ହ୍ରାସ ପାଇଁ ଓଜେମ୍ପିକ ବ୍ୟବହାର କରିଥିବା କଥାକୁ ରୋକଠୋକ୍ ଅସ୍ୱୀକାର କରିଛନ୍ତି। ଏଣେ ଓଜୋମ୍ପିକ୍‌ର ପ୍ରସ୍ତୁତକାରୀ କମ୍ପାନି ନୋଭୋ ନର୍ଦିସ୍କ ସ୍ପଷ୍ଟ କରିଛି ଯେ ଏହାକୁ କେବଳ ଟାଇପ୍-୨ ମଧୁମେହର ଉପଚାର ପାଇଁ ବ୍ୟବହାର କରାଯିବା ଉଚିତ। ତଥାପି ହଲିଉଡ୍ ତାରକା ସମେତ ସେମାନଙ୍କୁ ଅନୁକରଣ କରି ସାଧାରଣ ଲୋକଙ୍କ ଭିତରେ ମଧ ଓଜନ ହ୍ରାସ ପାଇଁ ଏହାର ଚାହିଦା ବଢ଼ିବାରେ ଲାଗିଛି। ସାମାଜିକ ଗଣମାଧମରେ ଓଜୋମ୍ପିକ୍ ବ୍ୟବହାରକାରୀଙ୍କ ସଫଳତା ବାବଦରେ ପ୍ରଚାରିତ ସୂଚନା ଏହାକୁ ବେଶୀ ଲୋକପ୍ରିୟ କରାଇଛି। ତେବେ ୪୦ ବର୍ଷରୁ ଅଧିକ ବୟସ୍କଙ୍କ ଠାରେ ଏହାର ଉପଯୋଗ କଳ୍ପନାତୀତ ଭାବେ ଓଜନ କମାଇବା ସହ ମୁହଁର ଚର୍ମ ଅସ୍ୱାଭାବିକ ଭାବେ ଝୁଲି ପଡ଼ିବା ଘଟଣା ଚିନ୍ତାର ବିଷୟ ହୋଇଛି। ଓଜେମ୍ପିକ୍‌ର ବ୍ୟବହାରକୁ ସୋଫି ଟର୍ଣ୍ଣର ଓ ଜାମିଲା ଜାମିଲ୍‌ଙ୍କ ଭଳି ତାରକା ସମାଲୋଚନା କରିଛନ୍ତି।

**ଓଜୋମ୍ପିକ୍‌ର ପ୍ରସ୍ତୁତକାରୀ କମ୍ପାନି ନୋଭୋ ନର୍ଦିସ୍କ ସ୍ପଷ୍ଟ କରିଛି ଯେ ଏହାକୁ କେବଳ ଟାଇପ୍-୨ ମଧୁମେହର ଉପଚାର ପାଇଁ ବ୍ୟବହାର କରାଯିବା ଉଚିତ।**

## ମୋବାଇଲ ବ୍ୟବହାର

# ୨ ଘଣ୍ଟାରେ ସୀମିତ ରଖନ୍ତୁ କିଶୋର



ମୋବାଇଲ୍ ଫୋନ୍‌ର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଅଭ୍ୟାସର ବିଭିନ୍ନ କ୍ଷତିକାରକ ଦିଗ ସାମ୍ନାକୁ ଆସୁଛି। ବିଶେଷକରି କିଶୋରକିଶୋରୀଙ୍କଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥିବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।

# ଯୁବ ବୟସରେ ହୃଦ୍‌ଘାତ ବିପଦ



ଆମ ଶରୀରରେ ହୃତ୍‌ପିଣ୍ଡ ବା 'ହାର୍ଟ' ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବର୍ତ୍ତମାନ ସମୟରେ ଯୁବକ ଓ ମଧବୟସ୍କଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଅଧିକ ଦେଖାଯାଉଛି। ଅସନ୍ତୁଳିତ ଆହାର, ଉଚ୍ଚ ରକ୍ତଚାପ, ମଧୁମେହ, ଅତ୍ୟଧିକ ଚିନ୍ତା, ମାତ୍ରାଧିକ ନିଶାଦ୍ରବ୍ୟ ସେବନ ଆଦି ଏହାର ମୁଖ୍ୟ କାରଣ। ଭାରତରେ ବିଶେଷ କରି କରୋନା ମହାମାରୀ ପରେ ହୃଦ୍‌ରୋଗ ମାତ୍ରା ବୃଦ୍ଧି ପାଇଛି। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ କେବଳ ହୃଦ୍‌ଘାତ ଯୋଗୁଁ ୩୨,୪୫୭ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ହୃଦ୍‌ଘାତ ମାମଲାରେ ୧୨.୫% ବୃଦ୍ଧି ଘଟିଥିଲା। ସାଧାରଣ ଲୋକଙ୍କଠାରୁ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ କିଛି ମୃତ୍ୟୁକୁ ମଧ ଭେଟିଛନ୍ତି। ନିକଟ ଅତୀତରେ ନିର୍ଦ୍ଦେଶକ-ଅଭିନେତା ସତୀଶ କୌଶିକ, ସିଦ୍ଧାର୍ଥ ଶୁକ୍ଳା, କଣ୍ଠଶିଳ୍ପୀ କେକେ, ରାଜୁ ଶ୍ରୀବାସ୍ତବ, ଦକ୍ଷିଣୀ ଅଭିନେତା ପୁନିଥ୍ ରାଜକୁମାର, ମୋହିନୀଆଟ୍ଟମ୍ ନୃତ୍ୟଶିଳ୍ପୀ ଡ. କନକ ରେଲେଙ୍କ ପରି ସେଲିବ୍ରିଟିଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବେଳେ ସୁସ୍ମିତା ସେନ୍, ଶ୍ରେୟସ୍ ତଲ୍‌ପଡେ, ସୈଫ୍ ଅଲ୍ଲୀ ଖାନ୍, ସୁନୀଲ ଗ୍ରୋଭର୍, ରେମୋ ଡି'ସୁଜାଙ୍କ ପରି ସେଲିବ୍ରିଟି ଚିକିତ୍ସିତ ହେଉଛନ୍ତି। ତେବେ ହୃଦ୍‌ଘାତ କେତେବେଳେ ହେବ କାହାକୁ ଜଣାନଥାଏ। ଦୁର୍ବଳ ତଥା ରୋଗଗ୍ରସ୍ତ ହୃତ୍‌ପିଣ୍ଡଧାରୀ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ତ୍ରୁଟି ଘଟିଲେ ହୃଦ୍‌ରୋଗ ହେବାର ଅଧିକ ସମ୍ଭାବନା ଥାଏ। ଏହା ହୃତ୍‌ପିଣ୍ଡରେ ଭେଣ୍ଟ୍ରିକୁଲାର ଟାଚାଇକାର୍ଡିଆ କିମ୍ବା ଭେଣ୍ଟ୍ରିକୁଲାର ଫାଇବ୍ରିଲେସନ୍ ପରି ଅସ୍ୱାଭାବିକ ସ୍ପନ୍ଦନ ସୃଷ୍ଟି କରେ। ଅନେକ ସମୟରେ ହୃତ୍‌ପିଣ୍ଡର ଗତି (ବ୍ରାଡିକାର୍ଡିଆ)ର ଅତ୍ୟଧିକ ମନ୍ଥରତା ଯୋଗୁଁ ମଧ ହୃଦ୍‌ଘାତ ଘଟିଥାଏ। ଏଭଳି ଅନିୟମିତ ହୃଦ୍‌ସ୍ପନ୍ଦନ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। କିଛି ଲୋକଙ୍କ କ୍ଷେତ୍ରରେ ଏହା ବଂଶାନୁଗତ ହୋଇଥାଏ। ଏହା ବାଦ୍ ମଧୁମେହ, ଉଚ୍ଚ ରକ୍ତଚାପ, ମେଦବହୁଳତା, ବାୟୁ ପ୍ରଦୂଷଣ, କମ୍ ଶାରୀରିକ ପରିଶ୍ରମ ଆଦି ହୃଦ୍‌ଘାତର ମୁଖ୍ୟ କାରଣ। ଥକ୍କା ଲାଗିବା, ହଜମରେ ସମସ୍ୟା, ଛାତି, ଜଙ୍ଘ, ବେକ, ବାମହାତ, ପିଠିରେ ଯନ୍ତ୍ରଣା, ନିଦ୍ରାହୀନତା, ମୁଣ୍ଡ ବୁଲାଇବା ବା ଅତ୍ୟଧିକ ଝାଳ ବାହାରିବା ଇତ୍ୟାଦି ହୃଦ୍‌ରୋଗର ପ୍ରାରମ୍ଭିକ ଲକ୍ଷଣ। କିଛି ଲୋକ ଏହାକୁ ସାଧାରଣ କଥା କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟା ଭାବି ଏଡ଼ାଇ ଯାଆନ୍ତି, ଯାହାକି ପରେ ମାରାତ୍ମକ ସାବ୍ୟସ୍ତ ହୁଏ। ଏଣୁ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ ସହ ପୁଷ୍ଟିକର ଖାଦ୍ୟ ଖାଇବା, ଯୋଗ, ପ୍ରାଣାୟାମ କରିବା ଏବଂ ବ୍ୟବସ୍ଥିତ ଜୀବନଶୈଳୀ ଆପଣାଇବା ଦ୍ୱାରା ହୃଦ୍‌ରୋଗର ଆଶଙ୍କା ହ୍ରାସ କରିହେବ।



ଆଜିର ଯୁବପିଢ଼ିଙ୍କ ପାଇଁ ହୃଦ୍‌ରୋଗରେ ପୀଡ଼ିତ ହେବା ଅତ୍ୟନ୍ତ ଉଦ୍‌ବେଗଜନକ କଥା। କମ୍ ସମୟରେ ସହଜରେ ଅନେକ କିଛି ହାସଲ କରି ସଫଳତା ପାଇବାକୁ ନିଜ ଭିତରେ ସେମାନେ ତୀବ୍ର ପ୍ରତିଯୋଗିତା କରୁଛନ୍ତି। ଏହାଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ବିଭିନ୍ନ ଚିନ୍ତାରେ ଘାରି ହେଉଥିବା ବେଳେ ସେମାନଙ୍କ ଦେହ ଓ ମନକୁ ଆବଶ୍ୟକ ବିଶ୍ରାମ ମିଳିପାରୁନି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜିର ଯୁବପିଢ଼ି କିଶୋର ବୟସରୁ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ମା'ବାପା ଏଥିପାଇଁ କେତେ ମାତ୍ରାରେ ଦାୟୀ। ସେମାନେ ପାଠର ଅଧିକ ବୋଝ ଲଦି ସେମାନଙ୍କ କୋମଳମତି ବୟସର ଚପଳତାକୁ ଚାପି ଦେଉଛନ୍ତି। ଏହାର କୁପ୍ରଭାବ ସେମାନଙ୍କ ମନ ଉପରେ ପଡୁଛି। ଏହାପରେ ରୋଜଗାର ଓ ବୃତ୍ତିଗତ ଚାପକୁ ସେମାନେ ଯୁବାବସ୍ଥାରେ ସମ୍ଭାଳି ପାରୁନାହାନ୍ତି। ପରବର୍ତ୍ତୀ ସମୟରେ ପାରିବାରିକ ଚାପ (ଷ୍ଟ୍ରେସ୍)ରେ ଅତିଷ୍ଠ ହୋଇ ମାନସିକ ଓ ଭୌତିକ ସ୍ତରରେ ଅବସାଦଗ୍ରସ୍ତ ହୋଇଯାଉଛନ୍ତି। କିଛି ଯୁବବର୍ଗ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେଉଛନ୍ତି ଏବଂ ଅନ୍ୟ କେତେକ ନିଶାଦ୍ରବ୍ୟ ସେବନ କରି ହୃଦ୍‌ରୋଗରେ ପୀଡ଼ିତ ହେବା ଦେଖାଯାଉଛି। ଜଙ୍କ୍‌ଫୁଡ୍ ଖାଦ୍ୟାଭ୍ୟାସ ବି ଅନ୍ୟ ଏକ ସମସ୍ୟା। ଅନେକ ଲୋକ ପ୍ରାଥମିକ ଲକ୍ଷଣ ଦେଖାଦେଲେ ଅଣଦେଖା କରୁଛନ୍ତି କିମ୍ବା ବୁଝିନପାରି ଚିକିତ୍ସା ଆରମ୍ଭ କରୁନାହାନ୍ତି। ଏହିସବୁ କାରଣରୁ ଆଜି ବିଶ୍ୱରେ ସର୍ବାଧିକ କିଶୋର ଓ ଯୁବବର୍ଗ ଉଭୟେ ମାରାତ୍ମକ ଅବସାଦ ଓ ବିକାରଗ୍ରସ୍ତ ମାନସିକ ରୋଗରେ ପୀଡ଼ିତ ହେଉଛନ୍ତି, ଯାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଗାମୀ ଦଶନ୍ଧିର ନିରବ ଘାତକ ବୋଲି କହିଛି।

**ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକ, ବରିଷ୍ଠ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ**

**ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ କେବଳ ହୃଦ୍‌ଘାତ ଯୋଗୁଁ ୩୨,୪୫୭ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ହୃଦ୍‌ଘାତ ମାମଲାରେ ୧୨.୫% ବୃଦ୍ଧି ଘଟିଥିଲା।**



# ଚୀନୀ ମହୁରେ ବେଶି ଚିନି!

ମହୁର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କାହିଁ କେଉଁ କାଳରୁ ବିଭିନ୍ନ ଔଷଧ ସମେତ ଖାଦ୍ୟ ପ୍ରସ୍ତୁତିରେ ମହୁର ବ୍ୟବହାର କରାଯାଇ ଆସିଛି। ତେବେ ଦେଶରେ ପାରମ୍ପରିକ ଭାବେ ମହୁର ବ୍ୟବହାର ସୀମିତ ଥିବା ବେଳେ ମହାମାରୀ କୋଭିଡ୍ କାଳରେ ସେଥିରେ ୩୫ ପ୍ରତିଶତ ବୃଦ୍ଧି ଘଟିଥିଲା। କିନ୍ତୁ ଲୋକଙ୍କ ଚାହିଦା ଅନୁସାରେ ପ୍ରାକୃତିକ ଭାବେ ସଂଗୃହୀତ ମହୁ ଉପଲବ୍ଧ ହେଉ ନାହିଁ। ତେଣୁ ବିଭିନ୍ନ କମ୍ପାନି ଦ୍ୱାରା ପ୍ରସ୍ତୁତ ଏବଂ ପ୍ରାକୃତିକ ଭାବେ ସଂଗୃହୀତ ତଥା ଅସଲି ବୋଲି ଦାବି କରାଯାଉଥିବା ମହୁ ବୋତଲ ଉପରେ ଭରସା ରଖିବାକୁ ସମସ୍ତେ ବାଧ ହେଉଛନ୍ତି। ମାତ୍ର ଆମ ହାତ ପାଆନ୍ତାରେ ମିଳୁଥିବା ଏହି ବହୁଦେଶୀୟ କମ୍ପାନିଗୁଡ଼ିକର ମହୁ ଅସଲି ନୁହେଁ ବରଂ ସଂପୂର୍ଣ୍ଣ ଭାବରେ ଅପମିଶ୍ରିତ। ବିଶେଷ କରି ଅସଲି ଓ ନକଲି ମହୁ ଭିତରେ ଫରକ ବାରି ନହେବା ପାଇଁ ପ୍ରାକୃତିକ ମହୁରେ ମିଶାଯାଉଥିବା ଚୀନ୍‌ରୁ ଆମଦାନୀ ମହୁ (ମୋଡିଫାଏଡ୍ ସୁଗାର ସିରପ୍ ବା ଏମ୍‌ଏସ୍‌ଏସ୍) ହିଁ ଏଭଳି କଳା କାରନାମା କରୁଛି ବୋଲି ସରକାରୀ ସଂସ୍ଥା ବିଜ୍ଞାନ ଓ ପରିବେଶ କେନ୍ଦ୍ର (ସିଏସ୍‌ଇ)ର ଯାଞ୍ଚ ପରେ ଧରାପଡ଼ିଛି। ସିଏସ୍‌ଇ ଦ୍ୱାରା ଯାଞ୍ଚ କରାଯାଇଥିବା ବିଭିନ୍ନ କମ୍ପାନିର ନମୁନା ଭିତରୁ ୭୭ ପ୍ରତିଶତ ନମୁନାରେ ଚୀନୀ ମହୁ ବା ସୁଗାର ସିରପ୍ ମିଶିଥିବା ଜଣାଯାଇଛି। ଆହୁରି ଚିନ୍ତାଜନକ କଥା ହେଉଛି ଚୀନୀ ମହୁରେ ବହୁଳ ପରିମାଣର ଚିନି (ଆଖୁ ବା ଚାଉଳରୁ ପ୍ରସ୍ତୁତ) ରହିଥିଲେ ହେଁ ତାହା ଖାଦ୍ୟ ନିୟାମକ ସଂସ୍ଥା ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ନିର୍ଦ୍ଧାରିତ ସି-୩ ଓ ସି-୪ ପରି ପରୀକ୍ଷା ନିରୀକ୍ଷାକୁ ଡେଇଁ ଖସିଯିବାରେ ସଫଳ ହେଉଛି। ତେଣୁ କମ୍ପାନିମାନେ ମହୁରେ ମିଶାଇବା ଲାଗି ପ୍ରଭୂତ ପରିମାଣର ଏହି ଶସ୍ତା ଚୀନୀ ମହୁକୁ ଆମଦାନି କରିବା ସହ ନିଜେ ମଧ ଏମ୍‌ଏସ୍‌ଏସ୍ ପ୍ରସ୍ତୁତି ଆରମ୍ଭ କଲେଣି। ଫଳରେ ଆମେ ଶୁଦ୍ଧ ମହୁ ନାଁରେ ନିରୋଳା ଚିନି ଖାଇ ଚାଲିଛେ। ଏହା ଆମ ଶରୀରକୁ ସୁସ୍ଥ ରଖିବା ପରିବର୍ତ୍ତେ ନାନା ରୋଗକୁ ଆମନ୍ତ୍ରଣ କରି ଚାଲିଛି।



## ମଧୁ ବାବୁ ବ୍ୟାନରରେ କଂଗ୍ରେସ ନେତା କିନ୍ତୁ କାର୍ଯ୍ୟକ୍ରମରେ ବିଜେପି

# ଦୁଇ ଦଳର ଗୋଟିଏ ନେତାକୁ ନେଇ ଚର୍ଚ୍ଚା




**ବିଞ୍ଝାରପୁର,୧୭।୪(ସଂଚାର ବ୍ୟୁରୋ):** ରାଜନୀତି ରେ କେହି କାହାର ସବୁଦିନ ଶତ୍ରୁ ନୁହଁନ୍ତି କି ସବୁଦିନ ପାଇଁ ମିତ୍ର ବି ନୁହଁନ୍ତି। କିନ୍ତୁ ବେଳେବେଳେ ଏମିତି କିଛି କଥା ଲୋକଲୋଚନକୁ ଆସେ ଯେତେବେଳେ କିଛି ଆତ୍ମଘୋଷିତ ନେତା ଙ୍କ ଚିତ୍ର ଚରିତ୍ର ପଦାରେ ପଡ଼ି ଯାଏ।ଆମେ କହୁଛୁ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ର କଂଗ୍ରେସ୍ ର ବ୍ୟାନର ନେତା ଚନ୍ଦ୍ର ଶେଖର ଧଳ ଓରଫ ମଧୁ ଧଳ ଙ୍କ କଥା। କାରଣ ବର୍ତ୍ତମାନ ବିଞ୍ଝାରପୁର ରାଜନୀତି ମଧୁବାବୁ ଙ୍କ ପାଇଁ ବେଶ ଚର୍ଚ୍ଚା ରେ। କାରଣ ଏବେ ମଧୁ ବାବୁ ଙ୍କୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ଟଣା ଓଟରା ଚାଲିଛି। ବରୁଣେଶ୍ୱର ମେଳା ବିଜେପି ନମୋ ଟି ଷ୍ଟଲ ରେ ମଧୁ ନିଜେ ବସି ବିଜେପି କର୍ମୀ ଓ ନେତ୍ରୀ ବବିତା ମଲିକ ଙ୍କ ସହ ଚା ବାଣ୍ଟୁଥିବା ବେଳେ ମେଳା ର ଶୁଭେଚ୍ଛା ବ୍ୟାନର ରେ କଂଗ୍ରେସ ନେତ୍ରୀ କନକଲତା ମାଲିକ୍ ଙ୍କ ବ୍ୟାନର ରେ ବି ମଧୁ ଙ୍କ ଫଟୋ କୁ ନେଇ ଅନେକ ସଂଦେହ ବଢିଥିଲା। ଯେତେବେଳେ ସାରା ରାଜ୍ୟ ରେ ବିଜେଡ଼ିର ରାଜ ସେତେବେଳେ କିନ୍ତୁ ମଧୁ କଂଗ୍ରେସ ରାଜନୀତି କୁ ପାଥେୟ କରି ନିଜ ଗୁହାଳି ପଞ୍ଚାୟତ ରେ ବିଜେଡ଼ିର ଦବ ଦବା ସତ୍ତ୍ୱେ କଂଗ୍ରେସ୍ ସମର୍ଥିତ ସରପଞ୍ଚ ଙ୍କୁ ଲଗାତାର ବିଜୟ କରାଇ ପଂଚାୟତ ଦଖଲ କରିବାରେ ସକ୍ଷମ ହୋଇଥିଲେ। ଶେଷରେ ବିଜେଡ଼ି ପରାଜୟ କୁ ଗ୍ରହଣ କରିନପାରି ୨୦୧୭ ନିର୍ବାଚନ ରେ ଗୁହାଳି ପଂଚାୟତ ଦୁଇଭାଗ କରି ଦେଇଥିଲା। ତଥାପି ୨୦୧୭ ରେ ବିଜେଡ଼ି ସରକାର ଓ ବିଧାୟିକା ପ୍ରମିଳା ମଲିକ ଙ୍କ ସମର୍ଥିତ ପାର୍ଥି ମଧୁଙ୍କ ସମର୍ଥିତ ପ୍ରାର୍ଥୀ ନିକଟ ରେ ପରାଜୟ ହୋଇଥିଲା। ହେଲେ ସାରପଞ୍ଚ ଙ୍କୁ ସରକାରୀ ସହାୟତାରୁ ବ୍ଲକ୍ ରେ ବଞ୍ଚିତ ରଖାଯାଇଥିବା ବେଳେ ବିଜେଡ଼ି ଦଳୀୟ ଆଧାର ରେ ପଂଚାୟତ ରେ କାର୍ଯ୍ୟ କଲେ। ତଥାପି ମାଧୁ ଲୋକଙ୍କୁ ସଠିକ୍ ସେବା ଯୋଗାଇ ଦେଉଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନ ରେ ମାତ୍ର କେତେ ଖଣ୍ଡ ଭୋଟ ରେ ମଧୁ ଙ୍କ ସମର୍ଥିତ ପ୍ରାର୍ଥୀ ପରାଜୟ ବରଣ କରିଥିଲା। ବର୍ତ୍ତମାନ ର ବିଜେପି ନେତ୍ରୀ ବବିତା ମଲିକ, ଅମିୟ ମଲିକ ଯେତେବେଳେ କଂଗ୍ରେସ୍ ରେ ନିର୍ବାଚନ ଲଢୁଥିଲେ ସେହି ସମୟ ରେ ମଧୁ ଙ୍କ ସହଯୋଗ ଅନେକ ରହିଥିବା ଦେଖିବାକୁ ମିଳିଥିଲା। ହେଲେ ପରବର୍ତ୍ତୀ ସମୟ ରେ ଅମିୟ ଓ ପରେ ବବିତା ମଧୁ ଙ୍କ ହାତ ଛାଡ଼ି ବିଜେପି ରେ ଯୋଗ ଦେଇଥିବା ସ୍ୱତେ କଂଗ୍ରେସ୍ ରୁ ମନୋରଂଜନ ଦାସ ଙ୍କୁ ମଧୁ ବିଞ୍ଝାରପୁର ରେ ପ୍ରାର୍ଥୀ କରାଇଥିଲେ। ହେଲେ ବିଜେପି ରୁ ଲଢୁଥିବା ବବିତା ଙ୍କ ସମସ୍ତ ଡିଲ ମଧୁ ନିଜ ଯାଜପୁର ଘରେ ବସି କରୁଥିବା ଚର୍ଚ୍ଚା ହୋଇଥିଲା। କେଉଁ ପଞ୍ଚାୟତ ସମେତ କେଉଁ ବୁଥ ଆଉ କର୍ମୀ ଙ୍କୁ କେତେ ଖର୍ଚ୍ଚ ବହନ କରାଯିବ ତାହା ନିଷ୍ପତି ଥିଲା ମଧୁ ହିଁ କରୁଥିଲେ। ସବୁପରେ ୨୦୨୨ ପଞ୍ଚାୟତ ନିର୍ବାଚନ ରେ ମଧୁ କଂଗ୍ରେସ୍ ରୁ କିଛି ପ୍ରାର୍ଥୀ ଦେଇ ମଧ୍ୟ ବିଜେପି ପ୍ରାର୍ଥୀ ମାନଙ୍କୁ ବି ଆର୍ଥିକ ସହଯୋଗ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ରେ କଂଗ୍ରେସ୍ ରୁ କନକ ମଲିକ ଙ୍କୁ ଛିଡାକରି ନିର୍ବାଚନ ଲଢିଲେ ସତ କୁଆଡ଼େ କଂଗେସ ଆଉ ବିଜେପି କୁ ମିଶାଇ ବିଜେଡ଼ି ର ପ୍ରମିଳା ଙ୍କୁ ହରାଇବା ପାଇଁ ଜୋରଦାର କାସରତ କରିଥିଲେ।

## ସ୍କାଉଟ୍ ଗାଇଡ୍ଙ୍କ ଦ୍ୱାରା ଜଳଦାନ ଶିବିର




**ଯାଜପୁର,୧୭।୪(ସଂଚାର ବ୍ୟୁରୋ):** ଜିଲ୍ଲା ଶିକ୍ଷାଧିକାରୀଙ୍କ ପରାମର୍ଶକ୍ରମେ ଆଜି ଆଦିକନ୍ଦ ବିଦୁଲତା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଗାଇଡ଼ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅକରପଡ଼ା ଠାରେ ସେବା ମନୋଭାବ ନେଇ ଗ୍ରୀଷ୍ମ ପ୍ରବାହରେ ପିଡ଼ିତ ପଥିକମାନଙ୍କୁ ଜଳଦାନ କରିଥିଲେ। ଏହି ଶିବିରକୁ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍ସର ସମ୍ପାଦକ ଶମ୍ଭୁନାଥ ଦାଶ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶଙ୍କର୍ଷଣ ବେହେରା, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ମିହିର ରଞ୍ଜନ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସବିତା ମହାନ୍ତି ଉଦ୍‌ଘାଟନ କରିଥିଲେ। ସ୍କାଉଟ୍‌ମାଷ୍ଟର ଦେବାଶିଷ ମିଶ୍ର ଓ ଗାଇଡ୍ କ୍ୟାପ୍‌ଟେନ ମମତା ପରିଡ଼ା ଏହାକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ବିକାଶ କୁମାର ବାଇ, ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ର ଓ ଶିକ୍ଷାକର୍ମୀ ବ୍ରହ୍ମାନନ୍ଦ ନନ୍ଦ, ପ୍ରଦୀପ ଓଝା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନସାଧାରଣ ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ ପାଳନ



**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ):** ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଠାରେ ଅଗ୍ନିଶମ ସେବା ସପ୍ତାହ ପାଳନ ଓ ସଚେତନତା କାର୍ଯ୍ୟ କ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ସହର ପରିକ୍ରମା କରାଯାଇଥିଲା। ଏହି ଅବସର ରେ ସହକାରୀ ଅଗ୍ନି ସମାଧି କାରୀ ଭୁବେନ୍ଦ୍ର ନାଥ ଦେ ଙ୍କ ନେତୃତ୍ୱ ରେ ଅଗ୍ନିଶମ ବିଭାଗ ର ମୁଖ୍ୟ ଅଗ୍ନି ଯୋଦ୍ଧା ନରସିଂହ ବର୍ଗେ ଓ ଉଜ୍ଜ୍ୱଳ ବେହେରା ଙ୍କ ତାତ୍ୱା ବଧକ୍ଷନ ରେ ଓ ସମସ୍ତ ଅଗ୍ନି ଯୋଦ୍ଧା ଙ୍କ ସହଯୋଗ ରେ ଏହି ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସର ରେ ସଦର ମହକୁମାର ପଲିଟେକନିକ୍ କଲେଜ ରେ ଆଜି ଏକ ସଚେତନତା ଡେମୋ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ଓ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଅଗ୍ନି ମୁକାବିଲା ପାଇଁ ସଚେତନ କରଯାଇଛି।

## ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ହନ୍ତସନ୍ତ ହେଉଛନ୍ତି ଜନସାଧାରଣ

- **ଫିଲଡ଼ ଭେରୀଫିକ୍ସନ ପାଇଁ ଟଙ୍କା ମାଗୁଥିବା ଅଭିଯୋଗ ହେଉଛି**

**ସୋନପୁର,୧୭।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ର ବିଶିମୁଣ୍ଡା ଗ୍ରାମ ପଞ୍ଚାୟତ ର ଆରଆଇ ଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ ଆସିଛି, ଲିଗାଲ ହିଆର ସାର୍ଟିଫିକେଟ ପାଇଁ ଟଙ୍କା ମାଗୁ ଥିବା ଅଭିଯୋଗ ହେଉଛି ବିଶିମୁଣ୍ଡା ଆରଆଇ ଲିଗାଲ୍ ହିଆର ସାର୍ଟିଫିକେଟ ପାଇଁ ବିଶିମୁଣ୍ଡା ଆରଆଇ ଫିଲଡ଼ ଭେରିଫିକେସନ ପାଇଁ ଟଙ୍କା ନ ଦେଲେ ଆସୁନାହାନ୍ତି ଏହି ବିଷୟରେ ନାମ ଗୋପନ ରଖି ଏକ ଯୁବକ ଅଭିଯୋଗ କରି କହିଛନ୍ତି ଲିଗାର ହିଆର ସାର୍ଟିଫିକେଟ ପାଇଁ ମୁ ବହୁତ ହଇରାଣ ହେଉଛି ଆରଆଇ ଆଜି ହେବ କାଲି ହେବ ବୋଲି କହୁଛନ୍ତି ଯଦି କରି ଦିଅନ୍ତୁ ବୋଲି କହିଲେ ମଧ୍ୟସ୍ତ ସାହାଯ୍ୟରେ ଟଙ୍କା ମାଗୁଛନ୍ତି ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସମୟ ଆସିଲେ ମୁ ପ୍ରମାଣ ଦେବି ବୋଲି ଜଣେଇ ଛନ୍ତି ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

**ରାଜନଗର,୧୭।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରେମାନନ୍ଦ ପରିଡା ଗତକାଲି ୭୫ ବର୍ଷ ବୟସରେ ମୃତ୍ୟୁ ବରଣ କରିଛନ୍ତି। ସ୍ୱର୍ଗତ ପରିଡା ଜଣେ ନିଷ୍ଠାବାନ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ କର୍ମଚାରୀ ଥିଲେ। ସ୍ୱର୍ଗର୍ତ ପରିଡାଙ୍କ ବିୟୋଗରେ ଚାନ୍ଦିବାଉଁଶମୂଳ, କଣ୍ଡିରା ଓ ଭିତରଗଡ଼ ଗ୍ରାମପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ବିଜୟ କୁମାର ଜେନା, ସଭାପତି କୃପାସିନ୍ଧୁ ସାମଲ, ଅନିଲ କୁମାର ବଳ, ଅର୍ଜୁନ ଚରଣ ସ୍ୱାଇଁ, ଦାଶରଥି ଲେଙ୍କା, ବିଜୟ କୁମାର ବେହେରା ଅନାଦି ଚରଣ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସଂଗେ ସଂଗେ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ଜଙ୍ଗଲ ଜମିରେ ଅଣଓଡ଼ିଆ ଠିକାଦାରଙ୍କ ବେଆଇନ ପାର୍କିଂ ଓ ଷ୍ଟକୟାର୍ଡ



**କଳିଙ୍ଗନଗର,୧୭।୪(ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ଏକର ଏକର ସରକାରୀ ଜମି ନିର୍ଭୟରେ ବେଧଡକ ଭାବେ ଜବରଦଖଲ ଦିନକୁ ଦିନ ବଢ଼ି ଚାଲିଛି, ପ୍ରଶାସନର ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏସବୁ ଦେଖି ଜାଣି ନ ଜାଣିଲାର ଅଭିନୟ କରି ନୀରବ ଦ୍ରଷ୍ଟା ସାଜିଛନ୍ତି, ଏପରି ଏକର ଏକର ବେଆଇନ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି ଦାନଗଦୀ ତହସିଲ ଅନ୍ତର୍ଗତ ନଡ଼ିଆଭଙ୍ଗା ମୌଜାର ଖାତା ନମ୍ବର ୯୦ର ପ୍ଲଟ ନମ୍ବର ୯୩ ଓ ୧୦୩ ଜମିରେ, ଏହି ଏକ ଏକରରୁ ଉର୍ଦ୍ଧ୍ୱ ଜାଗାରେ ଏକ ଅଣ ଓଡ଼ିଆ ଠିକାଦାର ଗାଡି ପାର୍କିଂ କରିବା ସହ ଷ୍ଟକୟାର୍ଡ଼ ଭାବେ ବ୍ୟବହାର କରୁଛି, ଏହି ଗାଡି ପାର୍କିଂ ଓ ଷ୍ଟକ ୟାର୍ଡ଼ଟି ଡୁବୁରୀ ରୁ ଦୈତାରୀ ରାଜ୍ୟରାଜପଥ ରେ ଯିବା ବେଳେ ରାସ୍ତା ପାର୍ଶ୍ୱରେ ଜାମୁପଶୀ ନିକଟରେ ହୋଇଛି, ଏହି ଜମିର କିସମ ଶାଳ ଜଙ୍ଗଲ (ଅନାବାଦୀ)ଥିବା ବେଳେ ସେହିଠାରେ ଆଗରୁ ଝାଟି ଜଙ୍ଗଲ ଥିଲା, ଏହି ସରକାରୀ ଜମିରୁ ଧୀରେ ଧୀରେ ଜଙ୍ଗଲ ସଫାକରି ଜଙ୍ଗଲ ଓ ରାଜସ୍ୱ ବିଭାଗ ଜାଣତରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜମି ମାଫିଆ ୟୁ. ଏ. ଇ. ନାମକ ଜଣେ ବାହାର ଅଣ ଓଡ଼ିଆ ଠିକାସଂସ୍ଥାକୁ ମାସକୁ ଲକ୍ଷାଧିକ ଟଙ୍କାରେ ଭଡା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି, ବିବେକ ଜୈନ ନାମକ ଜଣେ ଠିକାଦାର ଏହି ଜାଗାକୁ ଧୀରେ ଧୀରେ ପାଚେରୀ କରି ମାଡି ବସି ଶହ ଶହ ଭାରୀ ଯାନ ପାର୍କିଂ କରିବା ଫଳରେ ମାତ୍ରାଧିକ ଧୂଳି ଉଡି ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି, କଳିଙ୍ଗନଗର ରେ ଶିଳ୍ପ ଜନିତ ପ୍ରଦୂଷଣ ଜଙ୍ଗଲ ଓ ସବୁଜ ବଳୟ ଅଭାବ କାରଣରୁ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପରିବର୍ତ୍ତେ ଦେଖି ନ ଦେଖିଲା ପରି ରକ୍ଷକ ହୋଇ ଭକ୍ଷକ ହେବା ସାଧାରଣରେ ପ୍ରଶ୍ନବାଚୀ ହୋଇଛି, ପ୍ରଶାସନ ଏତେ ପରିମାଣରେ ଜଙ୍ଗଲଜମିକୁ ଅଣ ଓଡ଼ିଆଠିକାଦାରଙ୍କ କବ୍ଜାରୁ ଉଦ୍ଧାରକରି ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷା କରିବା ପାଇଁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମାନେ ଦାବୀ କରୁଛନ୍ତି ।

## ଯୋଗାଣ ବିଭାଗ ଦ୍ୱାରା ୪୯ ଚୋରା ଗ୍ୟାସ ସିଲିଣ୍ଡର ଜବତ



**ଫୁଲବାଣୀ,୧୭।୪(ସଂଚାର ବ୍ୟୁରୋ):** ଫୁଲବାଣୀ ସହରରେ ଦିନକୁ ଦିନ ଗ୍ୟାସ ସିଲିଣ୍ଡର ଚୋର ଚାଲାଣ ହେବା ଦ୍ୱାରା ଗ୍ରାହକମାନେ ସିଲିଣ୍ଡର ପାଇବାକୁ ୧୫ ଦିନରୁ ଅଧିକ ସମୟ ଲାଗୁଚି। ଏହାକୁ ନାଜ଼ରରେ ରଖି ଜିଲ୍ଲାପାଳଙ୍କ ମିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର ଏକ ୬ ଜାଣିଆ ଟିମ କରି ନାରାୟନ ସାହି ସରୋଜ ଚନ୍ଦ୍ର ସାହୁଙ୍କ ଘରେ ଚଢ଼ାଉ କରି ୪୯ ଟି ଏଲ ଜିପି ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ଏହି ଚଢ଼ାଉରେ ଫୁଲବାଣୀ ଯୋଗାଣ ଅଧିକାରୀ ସ୍ୱର୍ଣ୍ଣମୟୀ ବିଶ୍ୱାଳ, ସହକାରୀ ଯୋଗାଣ ଅଧିକାରୀ ପି. ଭାର୍ଗବୀ, ଟିକାବାଲି ଯୋଗାଣ ଅଧିକାରୀ ଅଞ୍ଜନ କୁମାର ଦିଗଲ ଓ ଫିରିଙ୍ଗିଆ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ଦାସ ପ୍ରମୁଖ ସାମିଲ ଥିଲେ। ଆଗକୁ ମଧ୍ୟ ଏହି ଭଳି ଚଢାଇ ଜାରି ରସିନା ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ମିଶ୍ର କହିଛନ୍ତି ।

## ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ



**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେମିନାର ପ୍ରକୋଷ୍ଠ, ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ନିରାପଦ ମାତୃତ୍ୱ ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରି ଡ଼ା ପ୍ରଦୀପ କୁମାର ଗୁରୁ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରି ମାତୃ ଓ ଶିଶୁ ମୃତ୍ୟୁହାରକୁ କମ୍ କରିବା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀ ମହିଳା ମାନଙ୍କ ଗର୍ଭଧାରଣ ର ପରବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଶିଶୁ ଜନ୍ମର ପରବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ଠିକ ଭାବରେ କରିବା ଓ ସ୍ତନ୍ୟପାନ ତଥା ସମ୍ପୂର୍ଣ୍ଣ ଟୀକା କରଣ ଉପରେ ଆଲୋଚନା କରି ମାତୃ ଓ ଶିଶୁ ମୃତୃ ହାର କୁ ନିହାତି ହ୍ରାସ କରି ସୁସ୍ଥ ସୁନ୍ଦର ସମାଜ ଗଠନ ଉପରେ ବୁଝାଇ ଥିଲେ। ଉକ୍ତ ସଭା ରେ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁବର୍ଣ୍ଣପୁର ଡ଼ା ଦୁର୍ଗା ଦତ୍ତ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡି ସି)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା ପ୍ରକାଶ ଦନଶନା ଓ ଡ଼ା ମାନସ ରଞ୍ଜନ ଦଣ୍ଡପାଟ ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତ୍ତା ଓ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରି ଥିଲେ। ଅତିଥି ବୃନ୍ଦ କୁଇଜ୍ ପ୍ରତିଯୋଗୀ ୧୦ ଜଣ କୃତୀ ମା ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ସଭାରେ ପିଏନସି ମାନେ, ଆଶାକର୍ମୀ, ନର୍ସିଂ ସ୍କୁଲ ର ଛାତ୍ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସେବିକା ଇନ୍ଦୁ ରେଖା ବେହେରା ଓ ଶର୍ମିଳା ପଟ୍ଟନାୟକ କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ବୃନ୍ଦାବନ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ମାସ ହେଲା ହୋଇପାରୁନି ମୁଖ୍ୟ ରାସ୍ତା ; ବଢୁଛି ଅସନ୍ତୋଷ




**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ):** ସୋନପୁର ସହରର ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତା ବିଜୁ ପଟ୍ଟନାୟକ ଛକ ଠାରୁ ବଡ଼ବଜାରର ଦୁର୍ଗା ମଣ୍ଡପ ଛକରେ ମ୍ୟୁନିସିପାଲଟି ତରଫରୁ ମୁଖ୍ୟ ନାଳ ଉପରେ ନୂଆ କଲଭର୍ଟ କାମ ଓ ବଡ଼ବଜାରରୁ ସର୍କିଟ ହାଉସ ରାସ୍ତା ଉପରେ କୁମ୍ଭାର ପଡା ଠାରେ କଲଭର୍ଟ ପାଇଁ ଟେଣ୍ଡର ହୋଇଥଲା। ସଂପୃକ୍ତ ଠିକାଦାର ଦୀର୍ଘ ୨ ମାସ ହେଲା ମୁଖ୍ୟ ରାସ୍ତା ଖୋଳି ପକେଇଲେ କିନ୍ତୁ କାମ ଶୀଘ୍ର କରି ନ ପାରିବାରୁ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସହରର ବ୍ୟସ୍ତ ବହୁଳ ତଥା ବ୍ୟବସାୟୀ ପ୍ରତିଷ୍ଠାନ ଥିବା ଜନଗହଳି ପୂର୍ଣ୍ଣ ପୁରୁଣା ବସ୍ତି ରାସ୍ତାରେ ସେପଟେ ଯାହା ଜଣାପଡୁଛି ବିନା ପ୍ଲାନିଙ୍ଗରେ ଚାଲିଛି ସହରର ମୁଖ୍ୟ ରାସ୍ତା କଡ ନାଳ ଏବଂ ଡ୍ରେନ ତଥା କଲଭର୍ଟ କାମ। କାରଣ ଯଦି ବିଭାଗ ପକ୍ଷରୁ କଲଭର୍ଟ ଟିକୁ ପୁରା ନ ଭାଙ୍ଗି ଅଧା ଭଙ୍ଗା ଯାଇ କାମ ସରିଲା ପରେ ପୁଣି ଅଧା ଭାଙ୍ଗି କାମ କରା ଯାଇ ଥାଆନ୍ତା ତା ହେଲେ ସାଧାରଣ ଲୋକ, ବ୍ୟବସାୟୀ, ବରିଷ୍ଠ ନାଗରିକ ତଥା ସ୍କୁଲ ଛାତ୍ର ଛାତ୍ରୀ, ଦିବ୍ୟାଙ୍ଗ ମାନଙ୍କୁ ଏତେ ହଇରାଣ ହରକତ ହେବାକୁ ପଡ଼ି ନ ଥାଆନ୍ତା। ଆଉ ଯଦି ପୂରା ଭାଙ୍ଗି କାମ କରିବା ଥିଲା ତା ହେଲେ ଆବଶ୍ୟକ ସାମଗ୍ରୀ ସଂପୃକ୍ତ ଠିକାଦାର ଷ୍ଟକ ରଖିବା ପରେ କାମ ଶୀଘ୍ର ସାରିବାର ଥିଲା। ଜିଲ୍ଲା ପ୍ରଶାସନ ଉକ୍ତ କାମରେ ତୁରନ୍ତ ହସ୍ତକ୍ଷେପ କରି କାମ ଶୀଘ୍ର କରିବା ସହ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେବା ସହ ଜିଲ୍ଲା ପ୍ରଶାସନ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଜନସାଧାରଣ, ବ୍ୟବସାୟୀ ତଥା ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି।

## କୋଠାଘରେ ଅଗ୍ନିକାଣ୍ଡ ଜଳିଲା ଆସବାବପତ୍ର

**ରାଜନଗର,୧୭।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଗାଁରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି କୋଠାଘର ଜଳିଛି। ବୁଧବାର ରାତି ପ୍ରାୟ ୮ ଘଟିକା ସମୟରେ ବିଦ୍ୟୁତ ଶଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡରେ ଆସବାସପତ୍ର ସହିତ ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା କୋଠାଘର ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବା ବେଳେ କିଛି ସ୍ଥାନରେ ଫଟି ଯାଇଛି। ଗାଁ ଲୋକ ଓ ଅଗ୍ନିଶମ ବାହିନୀ ସତଚେଷ୍ଟା କରି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡି ସାରିଥିଲା।



## ପୋଲ ନିକଟରେ ଚୋରାମଦ କାରବାର

- ପୋଲିସ ଓ ଅବକାରି ବିଭାଗ ସାଜିଛନ୍ତି ନିଦାବିଷ୍ଣୁ
- ଆଇନକୁ ହାତକୁ ନେବାକୁ ଚେତାବନୀ ଦେଲେ ସ୍ୱୟଂ ସହାୟିକା ଗୋଷ୍ଠି ମହିଳା

**ଦଶରଥପୁର ୧୭।୪ (ସଂଚାର ବ୍ୟୁରୋ):** ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଏବେ ଏହି ଚୋରା ମଦ କାରବାର ଗାଁ ଗଣ୍ଡାରେ ବ୍ୟାପିବାରେ ଲାଗିଛି। ଚୋରା ମଦ କାରବାର ରୋକିବାରେ ଅବକାରି ବିଭାଗ ପକ୍ଷରୁ ସେଭଳି କୌଣସି ଠୋସ ପଦକ୍ଷପ ଗ୍ରହଣ କରାଯାଉ ନଥିନାରୁ ଦିନକୁ ଦିନ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ଏପରିକି ଏବେ ଏହି ଚୋରା ମଦ ବ୍ୟବସାୟୀ ମାନଙ୍କ ପାଦୃଭାବ ଏତେ ପରିମାଣରେ ବଢ଼ିଯାଇଛି ଯାହାକି ମଦ ବ୍ୟବସାୟୀ ମାନଙ୍କ ଭୟରେ ସାଧାରଣ ଲୋକ ମାନେ ନିଜକୁ ସୁରକ୍ଷିତ ମଣୁ ନଥିବା ବେଳେ ମଦ୍ୟପ ମାନଙ୍କ ପାଦୃଭାବ ଏତେ ପରିମାଣରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଯାହାଫଳରେ ସାଧାରଣ ଲୋକମାନେ ଏବେ ନିଜକୁ ସୁରକ୍ଷିତ ମଣୁନଥିବା ନେଇ ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗ ହୋଇଛି ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତସ୍ଥ ବୈଶପାନ କରଞ୍ଜଘାଇ ପୋଲ ନିକଟରେ ଏକ କେବିନରେ ଜନୈକ ଚୋରା ମଦ ବ୍ୟବସାୟୀ କରୁଥିବା ଚୋରା ମଦ କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। କରଞ୍ଜଘାଇ ପୋଲ ନିକଟରେ ଅନ୍ୟ ଜଣେ ଲୋକ ଏକ କେବିନରେ ଚାହା ଦୋକାନ କରିଥିବା ବେଳେ ଚାହା ଦୋକାନ କେବିନକୁ ଲାଗି ଆଉ ଏକ କେବିନରେ ଖୁଲମ ଖୁଲା ଭାବେ ଜନୈକ ଚୋରା ମଦ ବ୍ୟବସାୟୀ ମଦ ବିକ୍ରି କରୁଥିବା ବେଳେ ଉକ୍ତ ରାସ୍ତା ଦେଇ ସାଧାରଣ ଲୋକ ମାନେ ଯାତାୟତ କରିବା ପାଇଁ ଭୟ କରୁଛନ୍ତି। ଏପରିକି ଉକ୍ତ ରାସ୍ତା ଦେଇ ସ୍କୁଲ, କଲେଜରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ସହ ମହିଳା ମାନେ ମଧ୍ୟ ଉକ୍ତ କରଞ୍ଜଘାଇ ପୋଲ ଦେଇ ଯାତାୟତ କରିବା ପାଇଁ ସୁରକ୍ଷିତ ମଣୁନଥିବା ବେଳେ ଏଥିନେଇ ସ୍ଥାନୀୟ ଜନସାଧାରଣ ମାନେ ବାରମ୍ବାର ପୋଲିସ ସହ ଅବକାରି ବିଭାଗକୁ ଜଣେଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ତେଜିବାରେ ଲାଗିଛି। ଏଣୁ ଅବକାରି ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଚୋରାମଦ କାରବାର କିପରି ରୋକାଯାଇ ପାରିବ ସେ ଦିଗରେ ପଦକ୍ଷପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କଲେ ଆଇନକୁ ହାତକୁ ନେବାକୁ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ମାନେ ଚେତାବନୀ ଦେଇଛନ୍ତି।

## ଜିଲ୍ଲା ଇପିଏଫ୍ ପେନସନ୍‌ଭୋଗୀ ସଂଘ ବୈଠକ




**ବାଲେଶ୍ୱର,୧୭।୪(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି)ରୁ ମାସିକ ପେନ୍‌ସନ୍ ପାଉଥିବା କର୍ମଚାରୀମାନେ ଆସନ୍ତା ୨୯ ତାରିଖ ମଙ୍ଗଳବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଦାବିପତ୍ର ଦିଆଯିବ। ମାସିକ ସର୍ବନିମ୍ନ ଏକହଜାର ଟଙ୍କା କିମ୍ବା ତହିଁରୁ କମ୍ ପାଉଥିବା ସମସ୍ତ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ଓ ମହଙ୍ଗାଭତ୍ତା ପ୍ରଦାନ ପାଇଁ ଦାବି କରାଯାଉଛି। ସେହିପରି ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ବର୍ଦ୍ଧିତ ପେନ୍‌ସନ୍ ଦେବାକୁ ଦାବି ହୋଇଛି। ଗୁରୁବାର ଦିନ ପୂର୍ବାହ୍ନରେ ଉ ଠ । ଜ ଳ ସେ ଚ ନ କର୍ମଚାରୀ ଭବନରେ ଜିଲ୍ଲା କମିଟିର କର୍ମକର୍ତ୍ତା ମଣ୍ଡଳୀ ବୈଠକ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ରାଜ୍ୟ କମିଟିର ଆହ୍ୱାନକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ୨୦୧୮ ମସିହାରୁ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଏହି ଦାବିରେ ଇପିଏଫ୍ ପେନସନ୍‌ଭୋଗୀମାନେ ଦାବି ଓ ଆନ୍ଦୋଳନ କରୁଛନ୍ତି ବୋଲି ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ବୈଠକରେ ପ୍ରକାଶ କରିଥିଲେ। ସର୍ବଶ୍ରୀ ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା, ଜଳଧର ପଣ୍ଡା, ଶରତ ଚନ୍ଦ୍ର ଦଳାଇ ଓ ଦୁକୁଲ ଚନ୍ଦ୍ର ଘଡ଼ାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରେଳ ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର,୧୭।୪(ସଂଚାର ବ୍ୟୁରୋ):** ହରିଦାସପୁର-ପାରାଦ୍ୱୀପ ଫାଟକ ବିହିନ ରେଳ ପଥର ମହିପୁର ଗ୍ରାମ ନିକଟରେ ରେଳ ଧାରଣାରେ ଜଣେ ଅଜଣା ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକଙ୍କର ଆନୁମାନିକ ବୟସ ୫୦ ରୁ ୫୫ ବର୍ଷ ହେବ। ଆଜି ସକାଳୁ ରେଳ ଧାରଣା ପାର୍ଶ୍ୱରେ ଉକ୍ତ ବ୍ୟକ୍ତିଙ୍କର ଦୁଇ ଗୋଡ଼ ନଥିବା ଅଙ୍ଗ ପଡ଼ିଥିବା ବେଳେ ରେଳ ଧାରଣା ମଝିରେ ତାଙ୍କର ଗୋଡ଼ ପଡ଼ିଥିବା ସକାଳୁ ସକାଳୁ ସ୍ଥାନୀୟ ଲୋକେ ଦେଖି ରେଳବାଇ ପୋଲିସକୁ ଖବର ଦେଇଥିଲେ। ଜି.ଆର.ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମର ଶରୀରକୁ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ତେବେ ମୃତକଙ୍କ କୌଣସି ପରିଚୟ ମିଳିପାରିନଥିବା ବେଳେ ମହିପୁର ଗ୍ରାମର ଲୋକଙ୍କ କହିବା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ମାନସିକ ବିକାରଗ୍ରହସ୍ତ ପରି ଜଣାପଡୁଥିବା ବେଳେ ଦୁଇ ତିନି ଦିନ ହେବ ଏଠାରେ ବୁଲାବୁଲି କରୁଥିବା ତାଙ୍କୁ ଦେଖିବାକୁ ମିଳିଥିଲା। ଏ ନେଇ ଜି.ଆର.ପି ପୋଲିସ ସହ ଯୋଗାଯୋଗ କରିବାରେ ଉକ୍ତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନାହିଁ, ତାଙ୍କୁ ତିନି ଚାରିଦିନ ଫ୍ରିଜର ଭିତରେ ରଖାଯିବ, ଯଦି କେହି ଦାବିଦାର ମରଶରୀରକୁ ଚିହ୍ନଟ କରନ୍ତି ତେବେ ତାଙ୍କୁ ହସ୍ତାନ୍ତର କରାଯିବ, ନଚେତ ବିଭାଗ ଶେଷପର୍ଯ୍ୟାୟରେ ଶବ ସତ୍କାର କରିବ ବୋଲି କହିଛନ୍ତି।